

ରିତୁ ତାୱଡେ ହେବେ ବିଏମସି ମେୟର

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 316 ଭାଗ ୩୩ | ସଂଖ୍ୟା ୩୧୬ | Sunday 8 February 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୮ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ

# ବିକାଶ ଓ ସମୃଦ୍ଧିର ହେବ ପ୍ରୟୋଗଶାଳା

- ୮୦ରୁ ଅଧିକ ପ୍ରକଳ୍ପ, ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯିବ
- ୫୦୦ ବିଲିଅନ୍ ଡଲାରରେ ପହଞ୍ଚିବ ବିସିପିପିଇଆର ଅର୍ଥନୀତି
- ଭାରତ ଅଭିବୃଦ୍ଧିରେ ଏହି ଅଞ୍ଚଳ ନୂତନ ତାରକା ହେବ : ମୁଖ୍ୟମନ୍ତ୍ରୀ
- ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ହେବ ଏହି ଅଞ୍ଚଳ : ନଗର ଉନ୍ନୟନ ମନ୍ତ୍ରୀ
- ୨୦୪୭ ସୁଦ୍ଧା ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣ ଲକ୍ଷ୍ୟ : ନୀତି ଆୟୋଗ




**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର) ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଓ ସିଇଓ ବିଭିଆର୍ ସୁବ୍ରମଣ୍ୟମ ମଧ ଯୋଗଦେଇଛନ୍ତି।

ଏହି ଅବସରରେ ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିସିପିପିଇଆର ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଓ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ। ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ଓ ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବ୍ୟବସାୟରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ➪ପୃଷ୍ଠା-୬

## ମାଓମୁକ୍ତ ହେଲା ରାୟଗଡ଼ା




ହିଂସା ଛାଡ଼ିଲେ ୧୫ ମାଓବାଦୀ

**ରାୟଗଡ଼ା,୭।୨(ସଂଚାର ବ୍ୟୁରୋ):** ଭୁଶୁଡୁଛି ଲାଲ ଗଡ଼। ପ୍ରଥମ ମାଲକାନଗିରି, ପରେ କୋରାପୁଟ, ବୌଦ୍ଧ, ଆଉ ଏବେ ରାୟଗଡ଼ା ଜିଲ୍ଲା ମାଓ ମୁକ୍ତ ହେଲା। ରାୟଗଡ଼ା ଜିଲ୍ଲା ପୁରା ମାଓ ମୁକ୍ତ ଅଞ୍ଚଳ ହେବା ନେଇ ଏଡିଜି ସଂଜୀବ ପଣ୍ଡା ଘୋଷଣା କରିଛନ୍ତି। ରାୟଗଡ଼ାରେ ଅନୁଷ୍ଠିତ ଏକ ପ୍ରେସମିଟ୍ ଜରିଆରେ ସଂଜୀବ ପଣ୍ଡା ଏହି ସୂଚନା ଦେଇଛନ୍ତି। ଏଡିଜି ସଂଜୀବ ପଣ୍ଡାଙ୍କ ଉପସ୍ଥିତିରେ କୁଖ୍ୟାତ ମାଓ ଦମ୍ପତ୍ତି ନିଖିଳ ଓ ଇନ୍ଦୁଙ୍କ ସହ ୧୫ ମାଓବାଦୀଙ୍କ ଆତ୍ମସମର୍ପଣ କରିଛନ୍ତି। ବାସଧାରା ଘୁମୁସର ନାଗାବଳି ଡିଭିଜନର ଦୁଇ କୁଖ୍ୟାତ ମାଓବାଦୀ ନିଖିଲ ଓ ଇନ୍ଦୁଙ୍କ ସହ ୧୩ ମାଓବାଦୀ ବିକାଶ, ସୁନ୍ଦର, ପ୍ରଦୀପ, ରୋସନି, ଅରୁଣା, ନନ୍ଦେ, ନିକିତା, କୁମାରୀ, ଦୀପକ, ରାକେଶ, ଲଳିତ, ରାଜେ ଏବଂ ମାଳତି ଆତ୍ମସମର୍ପଣ କରିଛନ୍ତି। ବାସଧାରା ଡିଭିଜନର ଏହି ମାଓ ନେତାମାନେ ହିଂସାର ପଥ ଛାଡିବା ପରେ ରାୟଗଡା ଜିଲ୍ଲା ମାଓମୁକ୍ତ ହୋଇଥିବା ଏଡିଜି କହିଛନ୍ତି।

ମାଓ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ମୁଣ୍ଡରେ ଏକ କୋଟି ଦଶ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ➪ପୃଷ୍ଠା-୬

### କେନ୍ଦ୍ରୀୟ ବଜେଟ୍ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ଓଡ଼ିଶା ବିକାଶର ନୂଆ ଦ୍ୱାର ଖୋଲିବ

- ଲାଭ ପାଇବାରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ
- ଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ ବ୍ୟାପକ ନିଯୁକ୍ତି ସୁଯୋଗ
- ୧୫ ଲକ୍ଷ କେନ୍ଦୁପତ୍ରଜୀବୀଙ୍କ ଜୀବନରେ ଆସିବ ବଡ଼ ପରିବର୍ତ୍ତନ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଏଠାରେ ଶନିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ କା ସାଥ୍, ସବ କା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ଏହି ବଜେଟ୍ ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବା ନେଇ ସେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ ଉପସ୍ଥିତ ଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮ପ୍ରତିଶତରୁ ୭.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ମୋଦି ସରକାରରେ ତାହା ୭୭ ପ୍ରତିଶତ ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫଡିଆଇ) ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ➪ପୃଷ୍ଠା-୬

## ମାର୍ଚ୍ଚ ୧୪କୁ ଘୁଞ୍ଚିଲା ମହାନଦୀ ଜଳ ବିବାଦ ଶୁଣାଣି



**ସ୍ପଟ୍ ଭିଜିଟ କରିବେ ଟ୍ରିବ୍ୟୁନାଲ**

**ଶୁଣାଣିରେ ଏଜି ଉପସ୍ଥିତ ନରହିବା ଦୁର୍ଭାଗ୍ୟଜନକ : ନବୀନ**

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଓଡ଼ିଶା ଏବଂ ଛତିଶଗଡ଼ ମଧରେ ଚାଲିଥିବା ମହାନଦୀ ଜଳ ବିବାଦର ଯାଞ୍ଚ କରୁଥିବା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଏହି ମାମଲାରେ ଶୁଣାଣିକୁ ଆସନ୍ତା ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଥିବା ସୂଚନା ମିଳିଛି। ଚଳିତ ମାସ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧରେ ସ୍ପଟ୍ ପରିଦର୍ଶନ କରିବା ପରେ ଏହି ଶୁଣାଣି କରିବାକୁ ଟ୍ରିବ୍ୟୁନାଲ ସ୍ଥିର କରିଛି।

ପୂର୍ବରୁ ଏହି ଶୁଣାଣି ଶନିବାର ଅର୍ଥାତ୍ ଆଜି ହେବାର ଥିଲା। ଅପରପକ୍ଷରେ ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ଏପ୍ରିଲ ୧୩ ତାରିଖରେ ଶେଷ ହେବାକୁ ଯାଉଥିବା ଜଣାପଡ଼ିଛି। ବିବାଦର ସମ୍ପୂର୍ଣ୍ଣ ସମାଧାନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଏବଂ ଛତିଶଗଡ଼ ଉଭୟ ଏହାର କାର୍ଯ୍ୟକାଳ ୨୭ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରିବା ସକାଶେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିସାରିଛନ୍ତି। ଟ୍ରିବ୍ୟୁନାଲରେ ଅଧକ୍ଷ ପଦବୀ ଖାଲି ଥିବାରୁ ଗତ ୯ ମାସ ଧରି ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଯାହା ଫଳରେ କାର୍ଯ୍ୟରେ ବିଳମ୍ବ ହେଉଥିବା ଓଡ଼ିଶା ଆଡଭୋକେଟ୍ ଜେନେରାଲ ପୀତାମ୍ବର ➪ପୃଷ୍ଠା-୬

### ● ୟୁପିରେ ଭୟାବହ ଦୁର୍ଘଟଣା

## ଚଢ଼ିଗଲା କଣ୍ଟେନର୍: ୬ ମୃତ

**ମଥୁରା,୭।୨:** ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାରେ ଆଜି ଭୋର୍ ସମୟରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଯମୁନା ଏକ୍ସପ୍ରେସ୍ ୱେ'ରେ ଏହି ଯାତ୍ରୀମାନେ ନିତ୍ୟକର୍ମ ସାରିବା ସକାଶେ ଯାଉଥିବା ସମୟରେ ସେମାନଙ୍କୁ ଦ୍ରୁତ ଗତିରେ ଆସୁଥିବା ଏକ କଣ୍ଟେନର୍ ଚାପି ଦେବା ଫଳରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି।

ମିଳିଥିବା ସୂଚନାନୁସାରେ, ଦିଲ୍ଲୀରୁ କାନପୁର ଅଭିମୁଖେ ଯାଉଥିବା ବସ୍‌ର ଯାତ୍ରୀମାନେ ଭୋର୍ ପ୍ରାୟ ୩ଟା ସମୟରେ ବସ୍‌ରୁ ଓହ୍ଲାଇଥିଲେ। ସେମାନଙ୍କୁ ଡ୍ରାଇଭର୍ ଗ୍ରୀନ ଜୋନ୍‌ରେ ଓହ୍ଲାଇ ଦେଇଥିଲେ ମଧ ଅଚାନକ ଦ୍ରୁତ ଗତିରେ ଆସୁଥିବା ଏକ କଣ୍ଟେନର୍ ସେମାନଙ୍କୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଏନେଇ ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ହସ୍ପିଟାଲ୍‌ରେ ପହଞ୍ଚାଇବା ସହ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳକୁ ➪ପୃଷ୍ଠା-୬

## ଆଉ ଲଢ଼ିବେନି ବିଭୂତି



- 'ଲୋକଙ୍କ ସେବା ପାଇଁ ରାଜନୀତି କରିବି'
- ଏବେ ଯୁବକମାନେ ଦାୟିତ୍ୱ ନେବା ଉଚିତ

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଆଗାମୀ ନିର୍ବାଚନ ଲଢ଼ିବାକୁ ମୋର ଇଚ୍ଛା ନାହିଁ। ଏମିତି କହିଛନ୍ତି ପରିବହନ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି, ବୟସର କଥା ନୁହଁ ମୁଁ ରାଜନୀତି ଛାଡ଼ିବି ନାହିଁ। ରାଜନୀତି କରିବି, କାରଣ ଲୋକଙ୍କ ସେବା କରିବା ପାଇଁ ରାଜନୀତି ଏକ ପ୍ରକୃଷ୍ଟ ମଞ୍ଚ। ମୁଁ ଗୋଟେ ଭଲ ରାଜନୈତିକ ଦଳରେ ଅଛି, ଯାହା ବିଶ୍ୱର ସର୍ବବୃହତ ରାଜନୈତିକ ଦଳ। ଭାରତୀୟ ଜନତା ପାର୍ଟି ମୋତେ କ୍ଷମତାସୀନ କରାଇଛି। ମୋତେ ସମସ୍ତ ପଦପଦବୀରେ ବସାଇଛି। ଲୋକଙ୍କ ସେବା କରିବା ଲୋକଙ୍କ ମଙ୍ଗଳ କରିବା ବେଳେ ମନ ରାଜନୀତି ଛାଡ଼ିବି ବୋଲି କେବେ କହିନି, କିନ୍ତୁ ଆଉ ନିର୍ବାଚନ ଲଢ଼ିବା ପାଇଁ ମୋର ଇଚ୍ଛା ନାହିଁ। ଏବେ ଯୁବକମାନେ ଆଗକୁ ଆସନ୍ତୁ, ମୋର ଯୁବ ବୟସ ପଳେଇଲାଣି। ମୋତେ ଆଉ ବର୍ଷେ ପରେ ୬୦ ବର୍ଷ ବୟସ ଛୁଇଁବ। ସବୁଠାରୁ ବଡ଼ ଦଳ ଭାରତୀୟ ଜନତା ପାର୍ଟିର ସଭାପତି ନୀତିନ ନବୀନ ଯିଏ ଜଣେ ଯୁବ ବୟସର। ତାହା ବିଜେପି ଦଳର ଗୋଟେ ଗର୍ବର ବିଷୟ। ଯଦି ଦଳ ନିଷ୍ପତି ନେଉଛି ଜଣେ ଯୁବକଙ୍କ ହାତରେ ଦାୟିତ୍ୱ ଦେଇଛି ସେହିଠାରୁ ଶିଖିବା କଥା ଯେ ଯୁବକମାନଙ୍କୁ ଆଗକୁ ଆସିବା ଦରକାର। ସେମାନେ ମଧ ରାଜନୀତି କରିବା ଦରକାର। ଯିଏ ସଂଗଠନରେ କାମ କରେ ତାକୁ ବହୁତ ଆଖି ଦେଖେ। ଦଳ ନୀତିନ ନବୀନଙ୍କୁ ଅଧକ୍ଷ କରି ସମସ୍ତଙ୍କୁ ଚମକାଇ ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବିଜେପିର ବହୁ ବଡ଼ ବଡ଼ ନେତା ତାଙ୍କୁ 'ବସ୍' ବୋଲି ସମ୍ବୋଧନ ➪ପୃଷ୍ଠା-୬

### ଟି-୨୦ ବିଶ୍ୱକପ୍ ଆରମ୍ଭ

# ବିଜୟ ସହ ଭାରତର ଅଭିଯାନ




**ମୁମ୍ବାଇ,୭।୨:** ଆଜିଠାରୁ ଆଇସିସି ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଥିବା ବେଳେ ଏଥିରେ ଆୟୋଜକ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି। ଅପେକ୍ଷାକୃତ ଦୁର୍ବଳ ଆମେରିକା ବିରୋଧରେ ଯଦିଓ ଭାରତ ପ୍ରଥମ ପର୍ଯ୍ୟାୟରେ ସାମାନ୍ୟ ସଂଘର୍ଷ କରିଥିଲା, କିନ୍ତୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବଳିଷ୍ଠ ଇନିଂସ ବଳରେ ଦଳ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୬୧ ରନ୍ କରିଥିଲା। ଏହାର ଜବାବରେ ଆମେରିକା ଧାର୍ଯ୍ୟ ଓଭର୍ ମଧରେ ୮ ୱିକେଟ୍ ବିନିମୟରେ ୧୩୨ ରନ୍ ହିଁ କରିପାରିଥିଲା। ଦମ୍‌ଦାର ବ୍ୟାଟିଂ କରିଥିବା ସୂର୍ଯ୍ୟକୁମାର ନିଃଦ୍ୱନ୍ଦ୍ୱରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ଏକଦା ୭୭ ରନ୍ ମଧରେ ୬ ଜଣ ଶୀର୍ଷ ଭାଗ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇଥିଲା। ଓପନର ଅଭିଷେକ ଶର୍ମା ୦, ଈଶାନ୍ କିଶନ୍ ୨୦, ତିଲକ ବର୍ମା ୨୫, ଶିବମ୍ ଦୁବେ ୦ ଓ ରିଙ୍କୁ ସିଂହ ୬ ଓ ହାର୍ଦ୍ଦିକ ପାଣ୍ଡ୍ୟା ୫ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ଅଧିନାୟକ ସୂର୍ଯ୍ୟକୁମାର ଧୈର୍ଯ୍ୟହରା ନ ହୋଇ ଗୋଟିଏ ପଟେ ଦୃଢ଼ ଭାବେ ବ୍ୟାଟିଂ ଜାରି ରଖିଥିଲେ। ତାଙ୍କୁ ସାମୟିକ ସହଯୋଗ କରିଥିଲେ ଅକ୍ଷର ପଟେଲ୍। ଅକ୍ଷର ୧୪ ରନ୍ କରିବା ସହ ସପ୍ତମ ୱିକେଟ୍‌ରେ ୪୧ ରନ୍ ଯୋଡ଼ିଥିଲେ। ଶେଷ ଭାଗରେ ସୂର୍ଯ୍ୟକୁମାର ଦମ୍‌ଦାର ହିଟ୍ ମାଧମରେ ୧୦ଟି ➪ପୃଷ୍ଠା-୬

### ବିଭାଗୀୟ ଅଧିକାରୀଙ୍କ ସହ ପ୍ରାକ୍-ବଜେଟ ଆଲୋଚନା

## ଖର୍ଚ୍ଚ ସୀମା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ମୋଟ ବ୍ୟୟବରାଦରେ ୧୨ ପ୍ରତିଶତ ବୃଦ୍ଧି ସମ୍ଭାବନା**

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଆସନ୍ତା ୨୦ ତାରିଖରେ ବିଧାନସଭାରେ ଉପସ୍ଥାପିତ ହେବ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ। ଗତ ବଜେଟ ତୁଳନାରେ ରାଜ୍ୟ ସରକାର ଏଥର ବଜେଟ ଆକାରରେ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ବଜେଟରେ ବିଭିନ୍ନ ବିଭାଗ ପାଇଁ ହେଉଥିବା ବ୍ୟୟ ବରାଦ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନାହିଁ। ଯାହାକୁ ନେଇ ଆଜି ପ୍ରାକ ବଜେଟ ଆଲୋଚନାରେ ଅସନ୍ତୋଷ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହିତ ଗତ ବର୍ଷକ ମଧରେ ରାଜ୍ୟ ସରକାର ଆରମ୍ଭ କରିଥିବା ନୂଆ ନୂଆ ଯୋଜନା ବାବଦରେ ବିଭାଗଓ୍ୱାରୀ ବ୍ୟୟବରାଦ ନେଇ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ଡିସେମ୍ବର ସୁଦ୍ଧା ରାଜ୍ୟ ସରକାର ବଜେଟରେ ବ୍ୟୟ ବରାଦ ଅର୍ଥରୁ ମାତ୍ର ୪୮.୨୮ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ବିଶେଷକରି ଗୃହ, ବାଣିଜ୍ୟ, ରାଜସ୍ୱ, ଅବକାରୀ, ଶ୍ରମ ଓ ନିୟୋଜନ, ଅର୍ଥ, ସାଧାରଣ ଉଦ୍ୟୋଗ, କ୍ରୀଡ଼ା ଓ ଯୁବ ବ୍ୟାପର ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକର ବଜେଟ ଅର୍ଥ ➪ପୃଷ୍ଠା-୬



### କାନ ଡେରିଥା

ସାପ ଭିଲିଆନ ସାଇ ବାବୁ ଏବେ
ସତ ସତ ବନ୍ଧା ହେବେ
ଯାତରା ବାହାରେ ମିଛ ଅଭିନୟ
ଲୋକେ ସବୁ ଜାଣିଯିବେ
ସତ ବେହୋସ ହୋଇବେ...
ମିଛ ସାଲାଇନ ଲାଗିବନି ଜମା
ଥାନାରେ ସେ ଆଣ୍ଠେଇବେ ।

■ ଦେବାଶିଷ

### ଗୋଟିଏ ମଞ୍ଚରେ ଧର୍ମେନ୍ଦ୍ର, ମନମୋହନ

# ପୁଣି ନିଗମ ବୋର୍ଡ ନିଯୁକ୍ତି ଆଶା ଜାଗିଲା

### ବିଧାନସଭା ଅଧିବେଶନ ସମୟରେ ହୋଇପାରେ ଘୋଷଣା




**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ରାଜ୍ୟର ନିଗମ ଓ ବୋର୍ଡଗୁଡ଼ିକରେ ନିଯୁକ୍ତି ପାଇଁ ପୁଣିଥରେ ଆଶା ସଂଚାର ହୋଇଛି। ବିଶେଷକରି ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ବିଜେପି ସଭାପତି ଗୋଟିଏ ମଞ୍ଚରେ ଏକାଠି ହେବାପରେ ଆଶାୟୀମାନେ ପୁଣିଥରେ ସକ୍ରିୟ ହୋଇ ଉଠିଛନ୍ତି।

ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ନିଗମ ଓ ବୋର୍ଡଗୁଡ଼ିକରେ ରାଜନୈତିକ ନିଯୁକ୍ତି ହୋଇପାରିନାହିଁ। ବାରମ୍ବାର କଷ୍ଟ ଦିଆଯାଉଥିଲେ ବି ଦଳରେ ଏନେଇ ସହମତି ମିଳିପାରୁ ନ ଥିବାରୁ ସମୟ ଗଡ଼ି ଚାଲିଛି। ତେବେ ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଏକାଠି ହେବା ପରେ ନିଯୁକ୍ତି ପାଇଁ ଆଶା ସଂଚାର ହୋଇଛି। କାରଣ ଏହି ନିଯୁକ୍ତି ପାଇଁ ଦଳର ସମସ୍ତଙ୍କ ସହମତି ଦରକାର। ଗତ ନିର୍ବାଚନ ସମୟରେ ବିଭିନ୍ନ ନେତାଙ୍କ ସହମତିରେ ମିଶ୍ରଣ ପର୍ବ ହୋଇଥିବା ବେଳେ କିଛି ନେତା ବି ନିର୍ବାଚନରୁ ଦୂରେଇ ରହି ପ୍ରଚାର କାର୍ଯ୍ୟ ଚଳାଇଥିଲେ।

ଦଳ କ୍ଷମତାକୁ ଆସିବା ପରେ ଏମାନେ ବିଭିନ୍ନ ନିଗମ ଓ ବୋର୍ଡ ଆଦିରେ ନିଯୁକ୍ତି ପାଇବେ ବୋଲି ଆଶା ବାନ୍ଧିଥିଲେ। ତେବେ ସରକାର ଗଠନକୁ ଇତି ମଧରେ ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ନିଯୁକ୍ତି ନେଇ ତାଲିକା ପ୍ରକାଶ ପାଇପାରୁନାହିଁ। ନିଗମ ବୋର୍ଡ ସହ କ୍ୟାବିନେଟ ପାହ୍ୟା ଥିବା ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ବୋର୍ଡ ସଦସ୍ୟ ପଦବୀ ବି ଖାଲି ପଡ଼ିଛି। ଏହାଛଡ଼ା ଜିଲ୍ଲା ଯୋଜନା ବୋର୍ଡ ପଦପଦବୀରେ ବି ନିଯୁକ୍ତି ହୋଇପାରୁନାହିଁ।

ଏହିସବୁ ପଦବୀରେ ନିଯୁକ୍ତ ପାଇଁ ଆଶା ବାନ୍ଧିଥିବା ବିଜେପିର ଅନେକ ଆଗଧାଡ଼ିର ନେତା, ନିର୍ବାଚନ ହାରିଥିବା ବିଧାୟକ, ନିର୍ବାଚନ ସମୟରେ ଦଳ ପାଇଁ ଦିନରାତି ଏକାଠି କରିଥିବା କର୍ମୀ, ଅନ୍ୟ ଦଳରୁ ଆସି ବିଜେଡି ବିଜୟର ମଙ୍ଗ ଧରିଥିବା ନେତା ଆଦି ରହିଛନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ନେତା ପଦ ପଦବୀ ନ ପାଇବାରୁ ନିଜକୁ ଅପମାନିତ ବୋଧ କରୁଛନ୍ତି। ସେମାନେ ଯେଉଁ ଦଳରୁ ଆସିଥିଲେ, ସେହି ଦଳରେ ସେମାନଙ୍କୁ ଟାହିଟାପରା ବି କରୁଛନ୍ତି।

ନୂତନ ନିଯୁକ୍ତି ନେଇ ଦଳର କେନ୍ଦ୍ରୀୟ ପ୍ରଭାରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ବାରମ୍ବାର କହୁଥିଲେ ମଧ ପଦବୀ ପୂରଣ ନ ହେବାକୁ ନେଇ ଦଳ ଭିତରେ ଅସନ୍ତୋଷ ବଢ଼ିଚାଲିଛି। ତେବେ ଦଳର ଦୁଇ ମହାରଥୀ ଆଜି ଏକାଠି ହେବା ପରେ ତାଲିକା ଚୂଡ଼ାନ୍ତ ହେବ ଏବଂ ଆଶାୟୀମାନେ ଖୁବ୍ ଶୀଘ୍ର ପଦପଦବୀ ପାଇବେ ବୋଲି ଚର୍ଚ୍ଚା ଆରମ୍ଭ ହେବା ପରେ ଦଳ ଭିତରେ ଧାଁଦଉଡ଼ ବି ଲାଗିଲାଣି।

କେବଳ ନିଗମ ଓ ବୋର୍ଡ ନୁହେଁ, ରାଜ୍ୟରେ ୬ଟି ମନ୍ତ୍ରୀ ପଦବୀ ଖାଲି ପଡ଼ିଥିବାରୁ ଏଥିରେ ନିଯୁକ୍ତି ପାଇବାକୁ ବି ଅନେକ ବିଧାୟକ ଆଶା ବାନ୍ଧିଛନ୍ତି। ତେଣୁ ବିଧାନସଭା ଅଧିବେଶନ କାଳରେ ନିଗମ ବୋର୍ଡ ନିଯୁକ୍ତି ହେବ କି ରାଜ୍ୟସଭା ନିର୍ବାଚନ ପରେ ଦଳ ପକ୍ଷରୁ ଏନେଇ ପଦକ୍ଷେପ ନିଆଯିବ, ତାହାକୁ ନେଇ ଆଲୋଚନା ଜୋର ଧରିଥିବା ବେଳେ ସମସ୍ତଙ୍କ ନଜର ଏବେ ଧର୍ମେନ୍ଦ୍ର ଓ ମନମୋହନଙ୍କ ଉପରେ ରହିଛି।

# ଖାଇଗଲେ ଚାଷୀଙ୍କ ଫାର୍ମ ପରିଦର୍ଶନ ଟଙ୍କା

**ମାର୍ଶାଘାଇ,୭।୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଆତ୍ମା କମିଟି ମାଧମରେ ଚାଷୀମାନଙ୍କୁ ଦୁଗ୍ଧ ଚାଷ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ବିଭିନ୍ନ ଗୋପାଳନ ଫାର୍ମ ପରିଦର୍ଶନ କରିବା ପାଇଁ ସରକାର ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ଯୋଗେଇ ଦେଇଥିବା ଟଙ୍କାକୁ ଚାଷୀଙ୍କ ନାଁରେ ଅଫିସରମାନେ ବଣ ଭୋଜି କରି ଖାଇଦେଇଥିବା ନେଇ ଅଭିଯୋଗ ହେଉଛି ।

ଚାଷୀମାନଙ୍କୁ ନେଇ ଏକ କମିଟି ଆତ୍ମା କମିଟି ବି ନିୟମ ମୁତାବକ ଗଠନ ହୋଇଛି । ତେବେ ଆତ୍ମା କମିଟିର ୨୫ ଜଣ ସଦସ୍ୟ ଥିବା ବେଳେ ମାତ୍ର ୨ ଜଣ ସଦସ୍ୟ ଯୋଗଦେଇଥିଲେ। ସବୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବା ଦର୍ଶାଯାଇ ସେହି ଟଙ୍କାରେ ସେହି ବିଭାଗର ଅଧିକାରୀ, କର୍ମଚାରୀମାନେ ମସ୍ତି କରିଥିଲେ। ଖୋଦ ଆତ୍ମା କମିଟିର ଅଧକ୍ଷ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲା ବେଳେ ଅଧକ୍ଷ ଉପସ୍ଥିତ ଥିବା ନେଇ ରିପୋର୍ଟ କରାଯାଇଥିବା ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ବ୍ଲକ ଅଞ୍ଚଳର ଚାଷୀମାନେ କାଳେ ଜାଣିଦେବେ, ସେଥିପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରି ପାରାଦ୍ୱୀପର ନେହେରୁ ବଙ୍ଗଳା ପିକନିକ ସ୍ପଟକୁ ନିରାପଦ ସ୍ଥାନ ଭାବରେ ବାଛିନେଇଥିଲେ । ସେଠାରେ ମଟନ, ବଡ଼ ବଡ଼ ଚିଙ୍ଗୁଡ଼ି, ଭେକ୍ଟି ମାଛ ଝୋଳ କରି ଖାଇଚାଲିଥିଲେ। ତେବେ କିଏ ସେଇ କରିତକର୍ମା ବ୍ୟକ୍ତି ଯିଏ ଖୋଦ ଅଧକ୍ଷଙ୍କ କ୍ଷମତାକୁ ବ୍ୟବହାର କରି ଅଫିସର ମାନଙ୍କୁ ହାତ କରି ଚାଷୀଙ୍କ ସ୍ୱାର୍ଥକୁ ହଡପ କରିପାରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଆତ୍ମା କମିଟିରେ ୨୫ ଜଣ ସଦସ୍ୟ ଥିଲେ ବି ମାତ୍ର ୨ ଜଣ ସଦସ୍ୟଙ୍କୁ ସୂଚନା ଦିଆଯାଇଥିବାରୁ ଏହି ଘୋଟାଲାରେ ଅଧିକାରୀ ମାନଙ୍କର ସମ୍ପୃକ୍ତି ରହିଥିବା ସନ୍ଦେହ ହେଉଛି । ଏହି କାର୍ଯ୍ୟକ୍ରମରେ କୃଷି, ପ୍ରାଣୀସମ୍ପଦ, ମତ୍ସ୍ୟସମ୍ପଦ, ଉଦ୍ୟାନ କୃଷି ବିଭାଗ ଜଡିତ ଥିବାରୁ ଏହି ସବୁ ବିଭାଗୀୟ ଉପରିସ୍ଥ ଅଧିକାରୀ ଏହାର ତଦନ୍ତ କରିବାକୁ ଦାବୀ ହେଉଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଚାଷୀଙ୍କ ତାଲିକା ଏବଂ ସେମାନଙ୍କ ଉପସ୍ଥାନ ଖାତାର ଦସ୍ତଖତକୁ ଯାଞ୍ଚ କରିବା ଆବଶ୍ୟକ । ଚାଷୀଙ୍କ ନାମକୁ ଖାତାରେ ଲେଖି ଅଫିସର ଏବଂ କର୍ମଚାରୀମାନେ ଚାଷୀଙ୍କ ଟଙ୍କା ଖାଇଚାଲିଥିବା ଘଟଣା ଏବେ ମାର୍ଶାଘାଇରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ପଥର ପ୍ୟାକିଙ୍ଗ ନାମରେ ଚାଲିଛି ଠିକାଦାର ପୋଷା

**ଆଳି,୭।୨(ସଂଚାର ବ୍ୟୁରୋ):** ସରକାର ତଟ ବନ୍ଧ ସୁରକ୍ଷା କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପଥର ପ୍ୟାକିଙ୍ଗ ନାମରେ ପରିଚିତଚାଲିଛି ଠିକାଦାର ପୋଷଣ।ସୂଚନା ଅନୁଯାଇ ଆଳି ବ୍ଲକ୍ ବାଳକାଟି ପଞ୍ଚାୟତର ଖରସୋତା ନଦୀର ବାଳକାଟି ଠାରୁ ଗଡଗଡି ପୋଲ ପର୍ଯ୍ୟନ୍ତ ହୋଉଥିବା



ପଥର ପ୍ୟାକିଙ୍ଗ ଯାହାର ଅଟକଳ ମୂଲ୍ୟ ରହିଛି ୭୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ରହିଛି। ଆଳି ତଟବନ୍ଧ ପକ୍ଷରୁ ସୁରକ୍ଷା ବନ୍ଧ ନିର୍ମାଣ ହୋଉଥିବା ବେଳେ ତାହା ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ଫଳ ଶୂନ। ତଦାରଖ ଦାଇତ୍ୱରେ ଥିବା ବିଭାଗର ଅଧିକାରୀ ମାନେ ସଠିକ୍ ତଦାରଖ ନ କରିବା ଓ କାର୍ଯ୍ୟସ୍ଥଳକୁ ଆସୁନଥିବାରୁ ଠିକାଦାର ନିମ୍ନମାନ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ସବୁଠୁ ବଡ଼ କଥା ହେଲା ନଦୀ ଗର୍ଭକୁ ପଥର ଡ଼ମ୍ପିଙ୍ଗ ହେବା କଥା ତାହା ହେଉନାହିଁ। ସେପଟେ ସୁରକ୍ଷାବନ୍ଧ ନିର୍ମାଣରେ ବ୍ୟବହାର ହେଉଛି ଛୋଟ ପଥର। ଏଠି ପ୍ରଶ୍ନ ଉଠେ କାହା ସ୍ୱାର୍ଥରେ କରାଯାଉଛି ଏଭଳି କାର୍ଯ୍ୟ। ଯାହାକି ଗୋଟିଏ ବନ୍ୟା ଆସିଲେ ନଦୀ ଗର୍ଭକୁ ପଥର ପ୍ୟାକିଙ୍ଗ ଚାଲି ଯିବ ବୋଲି ଆଶଙ୍କା କରିଛନ୍ତି ଗ୍ରାମବାସୀ। ଅନ୍ୟ ପଟେ ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରି କାମ କିଛି ଦିନ ବନ୍ଦ କରିଥିଲେ। ପରେ ସଠିକ୍ କାର୍ଯ୍ୟ ହେବ ବୋଲି ବିଭାଗ ଓ ଠିକାଦାର ପ୍ରତିଶ୍ରୁତି ଦେବା ପରେ କାର୍ଯ୍ୟ ହୋଇ ଥିଲା। କିନ୍ତୁ ଯଥା ପୂର୍ବଙ୍ଗ ତଥା ପରଙ୍ଗ, ନୀତି ଆପଣେଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପତିକିୟ ମିଳିପାରିନାହିଁ।

## ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ



**ମାହାଙ୍ଗା,୭।୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲି ସାହି ପଂଚାୟତରେ ଦୁଇଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ପଲ୍ଲିସାହି ପଞ୍ଚାୟତ ଗସ୍ତ କରି ଜଳ ସମ୍ପଦ ବିଭାଗ ପକ୍ଷରୁ ତୁଳସୀ ପୁର ଠାରେ କେନ୍ଦ୍ରାପଡ଼ା କେନାଲ ୬(ଘ) ଶାଖାକାନାଲ ଉନ୍ନତିକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ । ପରେ ଏହି ପଂଚାୟତରେ ପଲ୍ଲିସାହି ଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପଲ୍ଲିସାହି ଠାରୁ ବଡଗୋଠ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଦୁଇଟି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ପଲ୍ଲିସାହି ପଞ୍ଚାୟତ ସମେତ ବହୁ ପଞ୍ଚାୟତରେ ଚାଷୀ ମାନେ ବିଲକୁ ଜଳ ସେଚିତ କରିବା ସହ ଭଲ ଭାବେ ଯାତାୟାତ କରି ପାରିବେ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏସଡ଼ିଓ ରାଜେନ୍ଦ୍ର ପ୍ରସାଦ ମଲିକ ,ଜନିଷ୍ଠ ଯନ୍ତ୍ରୀ କୁମୁଦ କୁମାର ବେହେରା,ଏସଡ଼ିଓ ବିଜୁଳୀ ପଲେଇ, କନିଷ୍ଠ ଯନ୍ତ୍ରୀ ମାନସ ବେହେରା,ମନୋରଞ୍ଜନ ନାୟକ,ଜିତେନ୍ଦ୍ର ଶତପଥି,କିଶୋର ରାଉତ, ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ,ଅମୀୟ ରଞ୍ଜନ ପ୍ରଧାନ, ଆଇନଜୀବୀ ଗୌତମ ଶତପଥିଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ମାହାଙ୍ଗା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ମାହାଙ୍ଗା,୭।୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଂଚାୟତ ସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହି ମହାବିଦ୍ୟାଳୟ ସାରା ଓଡିଶାରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ । ଏହି ମହାବିଦ୍ୟାଳୟର ବହୁ ଛାତ୍ରୀ ସାରା ଭାରତରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଛନ୍ତି । ଏହି ମହାବିଦ୍ୟାଳୟର ଭିତିଭୂମିକୁ କିପରି ଆହୁରି ଉନ୍ନତି କରାଯାଇପାରିବ ସେ ଉପରେ ଧ୍ୟାନ ଦେବେ ବୋଲି କହି କୃତୀ ଓ ମେଧାବୀ ଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ବାଲିକୁଦା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଦେବେନ୍ଦ୍ର ନାଥ ବାରିକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ମହାବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀ ଗୃହର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସେହିପରି ମହାବିଦ୍ୟାଳୟର ଛାତ୍ରୀଙ୍କ ପକ୍ଷରୁ ସଂଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ମହାବିଦ୍ୟାଳୟ ପକ୍ଷରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା ।

# ମାନପୁର-ଗୋବିନ୍ଦପୁର ରାସ୍ତାର ସ୍ଥିତି ପରଖିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

**ଆଳି,୭।୨(ସଂଚାର ବ୍ୟୁରୋ):** ଯମ ଯନ୍ତ୍ରଣା ଦେଉଥିବା କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମାନପୁର-ଗୋବିନ୍ଦପୁର ରାସ୍ତାର ସ୍ଥିତି ପରଖି ଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ। ରାସ୍ତାର ସ୍ଥିତି ପରଖିବା ସହ ବନ୍ୟା ସମୟରେ ବୁଡି ଯାଉଥିବା ମାନପୁର ଘୋଷରା ସ୍ଥିତି ମଧ ଦେଖି ଫେରି ଯାଇଛନ୍ତି ।



ସୂଚନା ଅନୁଯାୟୀ ଆଳି ଧୋୟା ଅଞ୍ଚଳର ଲାଇଫ ଲାଇନ ମାନପୁର ଗୋବିନ୍ଦ ପୁର ରାସ୍ତା ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରତି ବର୍ଷ ଏହି ରାସ୍ତା ମରାମତି ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସାଧାରଣ ଲୋକମାନେ ଯାତାୟତ ରେ ନାହିଁ ନଥିବା ଅସୁବିଧା ଭୋଗ କରିଥାନ୍ତି । ତୁରନ୍ତ ରାସ୍ତା ମରାମତି ଓ ବନ୍ୟାରେ ବୁଡି ରହୁଥିବା ସ୍ଥାନରେ ଓଭର ବ୍ରିଜ କରାଯାଇ ଧୋୟାଞ୍ଚଳ ବାସୀଙ୍କୁ ବନ୍ୟା ସମୟରେ ଗମନା ଗମନର ସୁବିଧା ଯୋଗାଇ ଦେବା ନିମନ୍ତେ ବାରମ୍ବାର ଦାବି ହେବାରୁ ଶନିବାର ଦିନ ଏହି ରାସ୍ତାର ସ୍ଥିତି ପରଖିବାକୁ ଆସିଥିଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ପ୍ରଦୀପ ଜେନା, ଚିଫ ଇଞ୍ଜିନିଅର ଅଫ ରୋଡ଼ ନିର୍ମଳ ଦାସଙ୍କ ସହ ଅନ୍ୟ ଅଧିକାରୀମାନେ ରାସ୍ତାର ସ୍ଥିତି ପରଖିବା ସହ ବନ୍ୟାରେ ବୁଡୁଥିବା ସ୍ଥାନ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । କଂଗ୍ରେସ ଜିଲ୍ଲା ସଭାପତି ଡ଼ଃ ଦେବସ୍ମିତା ଶର୍ମା, ଭାଜପା ନେତ୍ରୀ ଆଶାଲତା ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ଧନରଞ୍ଜନ ବୋଷ, କେଦାରନାଥ ବେହେରା, ଲକ୍ଷ୍ମୀଧର ମଲ୍ଲିକ,ସରତ ନାୟକ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ସମେତ ଅନ୍ୟମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ତୁରନ୍ତ ଏହି ସମସ୍ୟାର ସମାଧାନ ନିମନ୍ତେ ନିବେଦନ କରିଥିବା ବେଳେ ମୁଖ୍ୟ ଯନ୍ତ୍ରୀ ଖୁବ ଶୀଘ୍ର ଏଥି ପ୍ରତି ପଦକ୍ଷେପ ନେବେ ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି ।

## ଓଡ଼ିଶା ଟିମ ହ୍ୟୁମାନୀଟି ଓ ଦଶରଥ ନନ୍ଦନ ସେବା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

**ରାଜକନିକା,୭।୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଟପଡ଼ା ଗ୍ରାମପଞ୍ଚାୟତ କୋଠସାହି ଛକ ପୁଣୀୟ ପୂଜା ମଣ୍ଡପ ଆନୁକୂଲ୍ୟରେ ଶନିବାର ଦିନ "ଓଡିଶା ଟିମ ହ୍ୟୁମାନୀଟି" ଓ ଦଶରଥ ନନ୍ଦନ ସେବା ଟ୍ରଷ୍ଟ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅନୁଷ୍ଠାନିକ ଭାବେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ଓ ରାଜକନିକା ବିଡ଼ିଓ କୈଳାଶ ଚନ୍ଦ୍ର ମହାଳିକ ଉପସ୍ଥିତ ରହି ଉଦଘାଟନ କରିଥିଲେ। ସନମ୍ମାନିତ ଅତିଥି ଭାବେ ଓଡିଶା ଟିମ ହ୍ୟୁମାନୀଟିର ଅଧକ୍ଷ ଅଜିତ କୁମାର ବେହୁରିଆ,ଦଶରଥ ନନ୍ଦନ ସେବା ଟ୍ରଷ୍ଟର ଅଧକ୍ଷ ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ତେବେ ରକ୍ତଦାନ ଶିବିରରେ ୩୩ୟୁନିଟ ରକ୍ତ ନମୁନା ସଂଗ୍ରହ ହୋଇଥିବା ବେଳେ କେନ୍ଦ୍ରାପଡ଼ା ମେଡିକାଲ ପକ୍ଷରୁ ରକ୍ତ ସଂଗ୍ରହ ଟିମ ଉପସ୍ଥିତ ରହି ସହଯୋଗ କରିଥିଲେ।ଏହି ରକ୍ତଦାନ ଶିବିର ଟିକୁ ଦେବେନ୍ଦ୍ର ବାରିକ, ଦୀପକ ମଲ୍ଲିକ, ଭବାନୀ ସୂତାର, ଚନ୍ଦ୍ରକାନ୍ତ ମଲ୍ଲିକ, ଅମର ଦାସ,ଦିଲ୍ଲୀପ କୁମାର ପରିଡା, ରଜତ ଦଶ,ଅନିଲ ବେହେରା, ସରୋଜ ବେହେରା, ଅଞ୍ଚଳ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ଲୁଣାନଦୀରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିରେ ବାପା



**ଡେରାବିଶ,୭।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୈନିକ ବିଭିନ୍ନ ଥାନା ଅଞ୍ଚଳରେ ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ ଓ ଚୋରି ଘଟଣା ବଢି ବଢି ଚାଲିଛି । ଧିରେ ଧିରେ ଥାନାରେ ମାମଲା ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ଏପରିକି କେନ୍ଦ୍ରାପଡ଼ା ଅଞ୍ଚଳରେ ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜି ଏଭଳି ଏକଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଘଟଣା ମାର୍ଶାଘାଇ ଅଞ୍ଚଳରେ ଦେଖିବାକୁ ମିଳିଛି । ଜଣେ ଯୁବତୀଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ମାର୍ଶାଘାଇ ନିକଟସ୍ଥ ଲୁଣାନଦୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନା ମୁତାବକ, ଡେରାବିଶ ଥାନା ପଲେଇ ପଞ୍ଚାୟତ ମଲିକେଶ୍ୱରପୁର ଗ୍ରାମର ଜଣେ ଯୁବତୀ କେନ୍ଦ୍ରାପଡ଼ାକୁ କୋଚିଂ ନେବା ପାଇଁ ଆସିଥିବା ବେଳେ ତାଙ୍କ ମୃତଦେହ ମାର୍ଶାଘାଇ ଥାନା ଅଞ୍ଚଳ ଲୁଣା ନଦୀରୁ ମିଳିଛି। ମୃତ ଯୁବତୀ ଜଣକ ହେଉଛନ୍ତି ମଲ୍ଲିକେଶ୍ୱରପୁର ଗ୍ରାମର ହରପ୍ରସାଦ ସାମଲଙ୍କ କନ୍ୟା ସ୍ୱାତୀ ସ୍ୱରୂପା। ସ୍ୱାତୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ହରପ୍ରସାଦ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି । ସେ ଅଭିଯୋଗରେ ଦର୍ଶାଇଛନ୍ତି ଝିଅ କୋଚିଂ ନେବା ପାଇଁ କେନ୍ଦ୍ରାପଡ଼ା ଟାଉନ୍‌କୁ ଯାଇଥିଲା। ହେଲେ ରାତି ସୁଦ୍ଧା ଘରକୁ ଫେରି ନଥିଲା। ତେଣୁ ଏ ନେଇ ସେ ଡେରାବିଶ ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। କିନ୍ତୁ ଜଣେ ଯୁବତୀଙ୍କ ମୃତଦେହ ମାର୍ଶାଘାଇ ଥାନା ଅଧୀନ କୁସୁନପୁର ନିକଟ ଲୁଣା ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲା। ପରିବାର ଲୋକେ ଖବର ପାଇ ମୃତଦେହ ନିକଟରେ ପହଞ୍ଚିଥିଲେ। ମୃତଦେହକୁ ଚିହ୍ନଟ କରିବା ପରେ କେହି ହତ୍ୟା କରି ପ୍ରମାଣ ନଷ୍ଟ କରିବା ପାଇଁ ନଦୀରେ ଫିଙ୍ଗି ଦେଇଥିବା ଯୁବତୀଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ଏତଲାକୁ ଭିଭିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ଏ ସଂକ୍ରାନ୍ତରେ ଥାନାଧିକାରୀ ତପନ ନାୟକଙ୍କୁ ପଚାରିବାରୁ, ଆମେ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛୁ। ଏ ନେଇ ତଦନ୍ତ ଚାଲିଛି। ଯିଏ ଅଭିଯୁକ୍ତ ବୋଲି ତଦନ୍ତରେ ଜଣାପଡ଼ିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଶିକ୍ଷକ ଗୌରବ ବନମାଳୀ ସ୍ମାରକୀ ବିକାଶ କାର୍ଯ୍ୟକ୍ରମ



**ରାଜନଗର,୭।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବନ୍ଧପଡା ପଂଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧରେ ରାଜନଗର ନିମ୍ନ ମାଧମିକ ଶିକ୍ଷକ ସଂଘ ପୃଷ୍ଠପୋଷକ ତାରେ ୩୧ ତମ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରି ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦାମୋଦର ସ୍ୱାଇଁଙ୍କ ପୌରହିତ ଏବଂ ସଂପାଦକ ଚିତ୍ତ ରଂଜନ ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବନ୍ଧପଡା ସରପଞ୍ଚ ପୁଷ୍ପ ଲତା ପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ସୁବାସ ଚନ୍ଦ୍ର ବିଶ୍ୱାଳ,ଦାମୋଦର ସ୍ୱାଇଁ, ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ କଳାକର ସାହୁ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଗୁଡିକର ପ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ

**କେନ୍ଦ୍ରାପଡା,୭।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆଇ.ଆର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ,ସାଂସଦଙ୍କ ପ୍ରତିନିଧି ସଂଜୀବ ରଥ, ମହାକାଳପଡା ବିଧାୟକ ପ୍ରତିନିଧି କୁମର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ), ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେର ଅଧିକାରୀ, ଜିଲ୍ଲାର ସମସ୍ତ ତହସିଲଦାର ଉପସ୍ଥିତ ରହି ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକର ପ୍ରଗତି ନିମନ୍ତେ ସମୀକ୍ଷା କରିଥିଲେ । ପ୍ରକଳ୍ପ ଗୁଡିକୁ ସମୟସୀମା ଭିତରେ ସାରିବା ଯଦି କୌଣସି ପ୍ରକଳ୍ପ ଚାଲୁଥିବାବେଳେ ସେଥିରେ କୌଣସି ବାଧା ଉପୁଜିଲେ ସେଗୁଡିକୁ ତୁରନ୍ତ ସମାଧାନ କରିବା, ପ୍ରକଳ୍ପକୁ ଆଗେଇ ନେବା ଆବଶ୍ୟକ ପଡିଲେ ପ୍ରକଳ୍ପର ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପ ଚାଲୁଥିବା ସ୍ଥାନକୁ ପରିଦର୍ଶନ କରି ଶିଘ୍ର ସାରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ସମୀକ୍ଷା ବୈଠକ



**ଯାଜପୁର,୭।୨(ସଂଚାର ବ୍ୟୁରୋ):** ଚଳିତ ବର୍ଷ ହେବାକୁ ଥିବା ମ୍ୟାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସୀ ମାଧମରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ। ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ ଟି ନୋଡାଲ କେନ୍ଦ୍ର ଏବଂ ୧୫୧ ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ଟି ପରୀକ୍ଷା ପରିଚାଳନା ହବ ସହ ୫୬ ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧମରେ ନିରୀକ୍ଷଣ କରାଯିବ। ପରୀକ୍ଷା ପରିଚାଳନା ହବଗୁଡିକରେ ସିସିଟିଭି ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ, ସେ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡିକରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦିଆଯାଇଛି।

## ସରକାରୀ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିଲେ ସାମାଜିକ କର୍ମୀ

**କେନ୍ଦ୍ରାପଡା,୭।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ୍ ଅନ୍ତର୍ଗତ ବହୁ ଚର୍ଚ୍ଚିତ ଓଳାଭର ବଜାର ସରକାରୀ ରାସ୍ତା ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୧୧ ତାରିଖକୁ ଘୋଷଣା କରିଛି। ମାପ ଅନୁସାରେ ଜବରଦଖଲ ସଂପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ସାମାଜିକ କର୍ମୀ ତଥା ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଉପଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଏ ନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲ୍‌ଦାର ସମସ୍ତ ପ୍ରକ୍ରିୟା ସମାପ୍ତ କରିଥିବା ଜଣାପଡିଛି । ତହସିଲ୍ ପ୍ରଶାସନ ପକ୍ଷରୁ ୧୧ ତାରିଖ ଦିନ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ମୁଖ୍ୟ ରାସ୍ତାରେ ଜବରଦଖଲ ଯୋଗୁଁ ବସ୍, ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ ପ୍ରଭୃତି ଗାଡିଗୁଡିକ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ସହିତ ଶ୍ରୀ ପୃଷ୍ଟି ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

## କାର ଧକ୍କାରେ ସାମ୍ବାଦିକଙ୍କ ସମେତ ୩ ଆହତ

**ସାଲେପୁର,୭।୨(ସଂଚାର ବ୍ୟୁରୋ):** ଆଜି ଏକ କାର ଧକ୍କାରେ ସାମ୍ବାଦିକଙ୍କ ସମେତ ୩ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା କାର ନମ୍ବର ଓଡି ୦୫ ବି ଏ ୬୮୨୩ ଗାଡିଟି କୁଳିଆ ବଜାର ନିକଟରେ ବିପରୀତ ଦିଗ ସାଲେପୁରରୁ ନିଜ ଘର କେନ୍ଦୁ ପାଟଣା ଅଞ୍ଚଳକୁ ଫେରୁଥିବା ସାମ୍ବାଦିକ ଅମୀୟ କୁମାର ବିଶ୍ୱାଳଙ୍କୁ ସମ୍ମୁଖରୁ ମୁହାଁ ମୁହିଁ ଧକ୍କା ଦେବାରୁ ସାମ୍ବାଦିକ ଗୁରୁତର ଆହତ ହୋଇ ଥିବା ବେଳେ ତାଙ୍କ ମଟର ସାଇକେଲ ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ।



ସେହିପରି ଏହି କାର ଧକ୍କାରେ ବାବୁଜଙ୍ଗ ଅଞ୍ଚଳର ୨ଜଣ ମଟରସାଇକେଲ ଆରହୀ ଆହତ ହୋଇଥିଲା ଜଣାଯାଇଛି। ଗୁରୁତର ଆହତ ହୋଇଥିଲା ଶ୍ରୀ ବିଶ୍ୱାଳ ଏକ ଘରୋଇ ମେଡିକାଲରେ ଚିକିତ୍ସା ହୋଇଥିବା ଜଣାଯାଇଛି । ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରଟିକୁ ଜବତ କରିଥିବା ଜଣାଯାଇଛି ।

### ଅଶ୍ରୁଖୋଳା ବଞ୍ଚାଅ ଅଭିଯାନରେ ଶାସ୍ତ୍ରିଜୀ ଯୁବକ ସଙ୍ଘ ପକ୍ଷରୁ ବାଇକ ରାଲି

# ଅଶ୍ରୁଖୋଳା ଶୁଖିଯାଉଛି, କିନ୍ତୁ ଚାଷୀ ଲୁହ ଶୁଖୁନି



**ଗରଦପୁର,୭।୨(ସଂଚାର ବ୍ୟୁରୋ):** ସାରା ଭାରତ ବର୍ଷରେ ଦୀର୍ଘତମ ଜୋର କୁହାଯାଉଥିବା ଅଶ୍ରୁଖୋଳା ଏବେ ନିଜର ସତ୍ତା ହରାଇବାକୁ ବସିଥିବା ବେଳେ ଏହାର ପୁନଃଉଦ୍ଧାର ପାଇଁ ୨୦୨୧ ମସିହା ରୁ ଅଶ୍ରୁଖୋଳା ଉନ୍ନୟନ ପରିଷଦ ନାମରେ ଏକ ସଂଗଠନ ଗଢି ଉଠିଥିଲା। ଅଶ୍ରୁଖୋଳା ଉନ୍ନୟନ ପରିଷଦ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ପରିବେଶ ପ୍ରକୃତି ବିଭାଗକୁ ବାରମ୍ବାର ଲିଖିତ ଅବଗତ କରାଯିବା ପରେ ଯାହାକି ଆଦ୍ରଭୂମି ଭାବରେ ଘୋଷଣା କରାଯାଇଅଛି। ହେଲେ ଅଶ୍ରୁଖୋଳାର ଉତ୍ପତ୍ତି ସ୍ଥଳ କଟକ ଜିଲ୍ଲାରୁ ହୋଇଥିବା ବେଳେ ମାତ୍ର ୫କିଲୋମିଟର ପରଠାରୁ ସର୍ବାଧିକ ଭାଗ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ହେଉଅଛି। ଯେଉଁଥିପାଇଁ କଟକ ଡ୍ରେନେଜ ଡିଭିଜନ ପକ୍ଷରୁ ପ୍ରଥମେ ଅଶ୍ରୁଖୋଳା ପୁନଃଉଦ୍ଧାର ପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ତାହା ଉପରେ ପୂର୍ବ ସରକାରଙ୍କ ସମୟରେ ପ୍ରଶାସନିକ ଅଧିକାରୀ ଓ ଅଣ ଓଡ଼ିଆ ଠିକାଦାରଙ୍କ ଲୋଲୁପ ଦୃଷ୍ଟି ପଡିଥିଲା। ଯେଉଁଥିପାଇଁ କୋଟି କୋଟି ଟଙ୍କା ଆତ୍ମସାତ ହୋଇଥିବା ଜଣାଯାଏ।

ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ଭଳି ତିନୋଟି ବ୍ଲକର ହଜାର ହେକ୍ଟର ହେକ୍ଟର ଚାଷଜମି ସହ ଲକ୍ଷାଧିକ ସାଧାରଣ ଜନଜୀବନ ପ୍ରବାଭିତ ହେଉଥିବା ହେତୁ ଏହି ଅଶ୍ରୁଖୋଳା ବଞ୍ଚାଅ ଅଭିଯାନକୁ ଆଉ ଦୁଇ ପାଦ ଆଗେଇ ନେବାପାଇଁ ଗରଦପୁର ବ୍ଲକ ପାଖଡ଼ ପଞ୍ଚାୟତ ଚାଉଳିଆ ବାମରା ଗ୍ରାମର ଅଗ୍ରଣୀ ଯୁବ ସଂଗଠନ ଶାସ୍ତ୍ରିଜୀ ଯୁବକ ସଙ୍ଘ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ଏହି ପରିପେକ୍ଷୀରେ ଶାସ୍ତ୍ରିଜୀ ଯୁବକ ସଂଘ ପକ୍ଷରୁ ଦିଆ ଯାଇଥିବା ଡାକରାରେ ବିଭିନ୍ନ ସାମାଜିକ ସଂଗଠନ ଓ ସୂଚନା ଅଧିକାର ଅଭିଯାନ ଓ ନବ ନିର୍ମାଣ କୃଷକ ସଂଗଠନ ମିଳିତ ଭାବରେ ଏକ ମୋଟର ସାଇକେଲ ରାଲି ତେଣ୍ଡାକୁଡା ପଞ୍ଚାୟତର ଅଳିଜାଙ୍ଗା ଠାରୁ ବାହାରି ଚାଉଳିଆ ବାମରା ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ପହଁଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଉପସ୍ଥିତ ଥିବା ଶତାଧିକ ଯୁବକ ମାନଙ୍କୁ ଦୁର୍ନୀତି ବରୋଧୀ ସଂଗ୍ରାମ ଜାରୀ ରଖିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଯୋଗ ଦେଇଥିବା ଅତିଥିମାନେ ନିଜ ନିଜ ଅଭିଭାଷଣରେ କହିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୭।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜର ୫୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ରଂଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଧୁନିକ ଯୁଗରେ ଓଡ଼ିଆ ଭାଷା ଓ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ବିଶିଷ୍ଟ କବି ସାହିତ୍ୟିକ ଡ଼ ଶ୍ରୀକାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଂସ୍କୃତିର ଐତିହ୍ୟ ଓ ଏହାର ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ପର୍ଯ୍ୟାଲୋଚନା କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ପାତ୍ର ସ୍ୱାଗତଭାଷଣ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧାପକ ପ୍ରମୋଦ କୁମାର ସ୍ୱାଇଁ ଅତିଥିପରିଚୟ ପ୍ରଦାନ କରିଥିଲେ । ଅଧାପିକା ଡ଼ ଲକ୍ଷ୍ମୀପ୍ରିୟା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।



## ଏସଆଇ ପରୀକ୍ଷା ସ୍କାମ୍

# ମାଷ୍ଟରମାଇଣ୍ଡ ଶଙ୍କରର ଖାସ୍ ସହଯୋଗୀ ଗିରଫ

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ଜାଲିଆତି ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ସିବିଆଇ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ଇପିଲି ସୀତାରାମ। ସେ ଏହି ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଖାସ୍ ସହଯୋଗୀ ତଥା ଏଜେଣ୍ଟ ବୋଲି କୁହାଯାଉଛି। ଇପିଲି ଗଞ୍ଜାମ ଓ କୋରାପୁଟ ଜିଲ୍ଲାରୁ ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲା। ଶଙ୍କର ଗିରଫ ହେବା ପରେ ଇପିଲି ଫେରାର ହୋଇଯାଇଥିଲା। ଗତକାଲି ରାତିରେ ସିବିଆଇ ତାକୁ ଗିରଫ କରଛି। ଏହି ମାମଲାରେ ୧୮ ଜଣ ଗିରଫ ହୋଇସାରିଛନ୍ତି। ଶଙ୍କର ଗିରଫ ପରେ ତାର ସହଯୋଗୀମାନେ ଫେରାର ହୋଇଯାଇଥିଲେ। ମାମଲା ସିବିଆଇ ନେଲା ପରେ ଶଙ୍କରଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା। ଏହି ସମୟରେ ସିବିଆଇ ଜାଣିବାକୁ ପାଇଥିଲା ଶଙ୍କର ରାଜ୍ୟ ଓ ରାଜ୍ୟ ବହାରେ ଏକାଧିକ ଏଜେଣ୍ଟ କରିଥିଲେ। ସେ ଏଜେଣ୍ଟମାନେ ଏସଆଇ ପାଇଁ ଆବେଦନ କରିଥିବା ପିଲାଙ୍କୁ ଯୋଗାଯୋଗ କରୁଥିଲେ। ଯେଉଁମାନେ ରାଜି ହୋଇଥିଲେ ସେମାନଙ୍କଠାରୁ ଏହି ଏଜେଣ୍ଟମାନେ ନଗଦ ଟଙ୍କା ଗ୍ରହଣ କରି ଶଙ୍କର ପାଖକୁ ପଠାଉଥିଲେ।

## ନାଣ୍ଟୁଙ୍କ ନାଁରେ ପୁଣି ଅଭିଯୋଗ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ତୁଳସୀ ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ ବାବୁଙ୍କ ନାଁରେ ପୁଣି ଏକ ଅଭିଯୋଗ ଆସିଛି। ପୁଣି ଥରେ ବିବାଦର ଅଡୁଆ ସୂତାରେ ଛନ୍ଦି ହୋଇଛନ୍ତି ନାଣ୍ଟୁବାବୁ। ଗତକାଲି ଖଳନାୟକ ସାଇ ସତ୍ୟଜିତ୍ ପଣ୍ଡାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ନେଇ ମା' ପଦ୍ମିନୀ ଦାଶ ବାଲିପାଟଣା ଥାନରେ ଅଭିଯୋଗ କରିଥିବା ବେଳେ ଅଭିନେତା ମଧ ମଞ୍ଚକୁ ଉଠିନଥିଲେ। ଆଜି ଭୁବନେଶ୍ୱର ଖଣ୍ଡଗିରି ଥାନାରେ ନାଣ୍ଟୁବାବୁଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଛି। ଖଣ୍ଡଗିରିରେ ଚାଲିଥିବା ଯାତ୍ରା ମହୋତ୍ସବର ଅନ୍ୟତମ ଆୟୋଜକ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ଅଭିଯୋଗ ହୋଇଛି। ଏପରିକି ତୁଳସୀ ଗଣନାଟ୍ୟର ମୁଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ନାଁରେ ବି ଅଭିଯୋଗ କରାଯାଇଛି। ଚୁକ୍ତି ମୁତାବକ ମୁଖ୍ୟ ଅଭିନେତା ଓ ଅଭିନେତ୍ରୀ ଅଭିନୟ କରୁ ନ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ପରିଷଦ ପକ୍ଷରୁ ଦାବି କରାଯାଇଛି।

## ଭାଙ୍ଗ ଚାଲାଣ କରୁଥିବା ପିକ୍ଅପ୍ ଜବତ

● ଚାଳକ ଫେରାର୍, ପୁରୀକୁ ଚାଲାଣ ହେଉଥିଲା




**ମୋହନା,୭।୨(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ବେବେରୀ ଛକରୁ ୧୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଭାଙ୍ଗ ଜବତ ହୋଇଛି। ଆଜି ସକାଳେ ଅଡ଼ବା ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ଏକ ମ୍ୟାକ୍ସ ପିକ୍ଅପ (ନଂ.ଓଡିଶାଏୟୁ୬୭୫୮) ଅଡବା ରୋଡ୍‌ରେ ଦ୍ରୁତ ଗତିରେ ଆସୁଥିବା ଦେଖିବାକୁ ପାଇଥିଲା। ତେବେ ଉକ୍ତ ଗାଡ଼ି ଉପରେ ସନ୍ଦେହ ହେବାରୁ ପୁଲିସ୍ ରୋକିବା ସକାଶେ ସଙ୍କେତ ଦେଇଥିଲା। କିନ୍ତୁ କିଛି ଦୂରରୁ ପୁଲିସ୍‌କୁ ଦେଖିବା ମାତ୍ରେ ପିକ୍ଅପ୍‌ର ଡ୍ରାଇଭର୍ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଯାଇଥିଲା। ପୁଲିସ୍ ସେଠାରେ ପହଞ୍ଚି ତଲାସୀ ନେବା ସମୟରେ ପିକଅପ୍‌ରୁ ଭାଙ୍ଗ ଜବତ କରିଛି। ଉକ୍ତ ଭାଙ୍ଗ ଅଡ଼ବା ଥାନା ଅନ୍ତର୍ଗତ ଗୁଲୁବା ଅଞ୍ଚଳରୁ ପୁରୀକୁ ଚାଲାଣ ହେଉଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ଏଥିସହ ଏହି ଚାଲାଣ ସହ ଜଡ଼ିତ ବେପାରୀମାନଙ୍କୁ ଧରିବା ସକାଶେ ପୁଲିସ୍ ତା'ର ଉଦ୍ୟମ ଜାରି ରହିଛି।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଗତ ଦୁଇ ଦିନ ଧରି ରାଜ୍ୟରେ ଯେଭଳି ଭାବେ ସ୍ପର୍ଶକାତର ଓ ହୃଦୟବିଦାରକ ଘଟଣା ଘଟିଯାଇଛି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଉ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ଏବଂ ସରକାର ନିଘୋଡ ନିଦରେ ଶୋଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ଦିଶାରୀ ଓ ବିଧାୟିକା ମନୋରମା ମହାନ୍ତି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନାଞ୍ଚଳରେ ଜନୈକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ସହ ମୁର୍ମୁଷୁ ଅବସ୍ଥାରେ ଦୁର୍ବୃତ୍ତମାନେ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ଅଧିକନ୍ତୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଉକ୍ତ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ ହୋଇଛି। ଶ୍ରୀ ଦିଶାରୀ କହିଛନ୍ତି ଯେ ଶାସକ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ଦୁଇ ଜଣଙ୍କ ଜୀବନ ଚାଲିଯାଇଛି। ପୁଲିସର ନିଷ୍କ୍ରିୟତା ଲାଗି ଘଟଣାକୁ ଚପାଇଦେବାକୁ ଉଦ୍ୟମ ହୋଇଛି। ଅନ୍ୟ ପକ୍ଷରେ ବରଗଡ଼ରେ ବିଧାୟକଙ୍କ ପୁଅ ଧାରଣାରତ ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲେ। କ୍ଷମତା ଅନ୍ଧରେ ଶାସକ ଦଳର ବିଧାୟକଙ୍କ ପୁଅ ଆଇନ ଶୃଙ୍ଖଳାକୁ ଭ୍ରୂକ୍ଷେପ ନକରି ଔଦ୍ଧତ୍ୟପୂର୍ଣ୍ଣ ଓ ଅମାନବୀୟ କାଣ୍ଡ ଭିଆଇଛନ୍ତି। ଗୃହ ବିଭାଗର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ଜରୁରୀ ହୋଇଥିଲେ ହେଁ ଅଦ୍ୟାବଧି ସେପରି କିଛି ଦୃଶ୍ୟମାନ ହୋଇନାହିଁ। ତେଣୁ ସରକାର ଆଇନଶୃଙ୍ଖଳା ରକ୍ଷା ଦିଗରେ ଦୃଢ଼ ପଦକ୍ଷେପ ନିଅନ୍ତୁ, ନଚେତ୍ ଆଗାମୀ ଦିନରେ ଜନସାଧାରଣ ତୀବ୍ର ଜନଆନ୍ଦୋଳନ ହେବ ଓ ବିଜେଡି ମଧ ଚୁପ୍ ହୋଇ ବସିବ ନାହିଁ ବୋଲି ଶ୍ରୀ ଦିଶାରୀ ଚେତାବନୀ ଦେଇଛନ୍ତି।

# ବିଶ୍ୱଭୂଷଣ ବାବୁ ସାହସୀ ଓ ସାଲିସବିହୀନ ନେତା

## 'ଏ ମାଟି କଥା କହେ' ଓ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର' ଉନ୍ମୋଚିତ

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଆନ୍ଧ୍ର ପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅନେକ ସମୟରେ ବିଭିନ୍ନ ସଭା ସମିତିରେ ତାଙ୍କ ବକ୍ତବ୍ୟରେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥାନ୍ତି। ମୁଁ ଅନେକ ସମୟରେ ସେହି ଭାଷଣ ଶୁଣିଛି। ମୁଁ ଦୃଢ଼ ନିଶ୍ଚିତ ଯେ ବିଶ୍ୱଭୂଷଣ ବାବୁ ବକ୍ସିଙ୍କ ସାହସ, ବୀରତ୍ୱ, ତ୍ୟାଗ ଓ ସାଲିସ ବିହୀନ ଗୁଣ ଦ୍ୱାରା ଗଭୀର ଭାବରେ ପ୍ରଭାବିତ। କାରଣ ଏହିସବୁ ଗୁଣ ବିଶ୍ୱଭୂଷଣ ବାବୁଙ୍କ ନିକଟରେ ଥିବାର ଅନୁଭବ କରିଛି ବୋଲି ଆଜି ବିଶ୍ୱଭୂଷଣଙ୍କ ପୁସ୍ତକ 'ଏ ମାଟି କହେ' ଏବଂ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ କମାଣ୍ଡର'ର ଉନ୍ମୋଚନ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଏହି ଦୁଇଟି ପୁସ୍ତକର ରଚୟିତା ତାଙ୍କ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ତାଙ୍କର ନୀତି, ଆଦର୍ଶ, ରାଜନୈତିକ ପରିଚୟ ଏବଂ ରାଜ୍ୟ ଓ ଦେଶ ପାଇଁ ଦୀର୍ଘବର୍ଷ ଧରି ରହିଥିବା ଅମୂଲ୍ୟ ସେବା ତାଙ୍କୁ ଓଡ଼ିଶା ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଓଡ଼ିଶା ରାଜନୀତିର ଇତିହାସରେ ଯେବେ ବି ପ୍ରମୁଖ ରାଜନେତାଙ୍କ ନାମ ଉଲ୍ଲେଖ ହୁଏ, ବିଶ୍ୱଭୂଷଣଙ୍କ ନାମ ସର୍ବାଗ୍ରେ ରହିଥାଏ। ସେ ଜଣେ ସଫଳ ରାଜନେତା ସହ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ଓଜସ୍ୱୀ ବକ୍ତା ଭାବରେ ମଧ ସାରା ଦେଶରେ ପରିଚିତ। ୧୯୭୨ ପୂର୍ବରୁ ଓଡ଼ିଶା ହାଇକୋର୍ଟର ଜଣେ ପ୍ରତିଷ୍ଠିତ ଆଇନଜୀବୀ ଭାବେ ଖ୍ୟାତି ଅର୍ଜନ କରିଥିବା ବିଶ୍ୱଭୂଷଣ ବାବୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ହୋଇଥିବା ଆନ୍ଦୋଳନରେ ନେତୃତ୍ୱ ନେଇ କାରାବରଣ ମଧ କରିଥିଲେ। ଏହା ତାଙ୍କର ନିର୍ଭୀକତା ଓ ସମ୍ବିଧାନ ପ୍ରତି ଅତୁଟ ସମ୍ମାନ ଓ ଆସ୍ଥାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ସେ ବିଜେପି ଓଡ଼ିଶା ଶାଖାର ପ୍ରତିଷ୍ଠାତା ସଭାପତି ସହ ଏହି ଦାୟିତ୍ୱରେ ୪ ଥର ରହିଛନ୍ତି। ୧୯୭୭ରୁ ୨୦୦୯ ପର୍ଯ୍ୟନ୍ତ ସେ ୫ ଥର ବିଧାୟକ ଓ ୪ ଥର କ୍ୟାବିନେଟ୍ ମନ୍ତ୍ରୀ ରହିଛନ୍ତି। ଆଜି ପ୍ରକାଶିତ ଦୁଇ ପୁସ୍ତକ ପଢ଼ି ପାଠକମାନେ ସିପାହୀ ବିଦ୍ରୋହ ଓ ଅନ୍ୟାନ୍ୟ ଘଟଣା ସମ୍ପର୍କରେ ସୂଚନା ପାଇପାରି ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

## ଖୋଲିଲା ତାରାତାରିଣୀ ମନ୍ଦିରର ଦାନହୁଣ୍ଡି

● ଟଙ୍କା ଓ ସୁନା, ଡଲାର୍ ସହ ବାହାରିଲା ଚିଠି



**ପୁରୁଷୋତ୍ତମପୁର, ୭।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିର ଦାନହୁଣ୍ଡି ଆଜି ଖୋଲିଛି। ମନ୍ଦିରର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି, ଜିଲ୍ଲା ପ୍ରଶାସନ ପୁଲିସ ଓ ସେବାୟତଙ୍କ ଉପସ୍ଥିତରେ ହୁଣ୍ଡିକୁ ଖୋଲାଯାଇଛି। ୪ ମାସ ପରେ ମନ୍ଦିରର ହୁଣ୍ଡି ଖୋଲାଯାଇଥିବା ବେଳେ ସେଥିରୁ ଟଙ୍କା, ସୁନା, ରୁପା ଓ ବିଦେଶୀ ଟଙ୍କା ମଧ ବାହାରିଛି। ଏପରିକି କାନାଡ଼ାର କିଛି ଡଲାର ମଧ ହୁଣ୍ଡିରେ ଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହୁଣ୍ଡିରୁ ବାହାରିଥିବା ଟଙ୍କାକୁ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଗଣତି ଜାରି ରହିଛି।

ତେବେ ଏହି ହୁଣ୍ଡି ଖୋଲାଯିବା ସମୟରେ ସେଥିରେ ଟଙ୍କା ଓ ସୁନା, ଡଲାର୍ ସହ ଏକ କୁନି ପିଲାର ଚିଠି ମଧ ମିଳିଛି। ଉକ୍ତ ଚିଠିଟି କୁନି ପୁଅଟି ମା' ତାରାତାରିଣୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ବେଳେ ସେଥିରେ ତାକୁ ସଦବୁଦ୍ଧି ଦେବା ସକାଶେ ନିବେଦନ କରିଛି। ଏଥିସହ ମା' ତାରାତାରିଣୀ ତା'ର ଭାଇ, ମା' ଓ ବାପାଙ୍କୁ ଭଲରେ ରଖିବା ପାଇଁ ବି ନେହୁରା ହୋଇଛି। ଏପରି ଏକ ଚିଠି ପାଇବା ପରେ ସେଠାରେ ଥିବା ଲୋକମାନେ ବେଶ୍ ଭାବପ୍ରବଣ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

## ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସଂକ୍ରାନ୍ତ ସଚେତନତା ଶିବିର




**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆଜି ୟୁନିଟ-୨ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ପ୍ରଦାନ କରିବା ସହ ୧୪ରୁ ୧୮ ବର୍ଷର ପିଲାମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଓ ପକ୍‌ସୋ ଆଇନ କାର୍ଯ୍ୟକାରୀ ହେଉଥିଲେ ମଧ କିପରି ପିଲାମାନେ ସଚେତନତା ଅଭାବରୁ ନିର୍ଯାତନାର ଶିକାର ହେଉଛନ୍ତି, ସେନେଇ ବର୍ଣ୍ଣନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୌମେନ୍ଦ୍ର ନାୟକ ସାଇବର ଅପରାଧ କବଳରୁ ପିଲାମାନେ କିପରି ନିଜକୁ ନିବୃତ୍ତ କରିବେ, ସେ ସମ୍ପର୍କରେ ସଚେତନ କରାଇଥିଲେ।

ଶିବିରରେ ବିଦ୍ୟାଳୟର ନବମ ଶ୍ରେଣୀରୁ ୬୦ରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ତଥା ଏସଜେପିୟୁର ସଭ୍ୟ ରଞ୍ଜନ କୁମାର ଗୋଚ୍ଛାୟତ, ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର କୁଣ୍ଡୁ ଓ ଶିକ୍ଷୟତ୍ରୀ ସ୍ମିତା ମହାନ୍ତି ଏବଂ କଲ୍ୟାଣୀ ମିଶ୍ର ପରିଚାଳନା କରିଥିଲେ।

## ଡାଲି ଫସଲ ସଂକ୍ରାନ୍ତ ଜାତୀୟ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ

# ଧାନଠୁ ଡାଲି ଫସଲ ପର୍ଯ୍ୟନ୍ତ ସବୁଥିରେ ଆସିଛି ସଂସ୍କାର




**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ମଧ୍ୟପ୍ରଦେଶର ସେହୋର ଆମଲାହାଠାରେ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧକ୍ଷତାରେ 'ରାଷ୍ଟ୍ରୀୟ ଡାଲି ଆତ୍ମନିର୍ଭରତା ମିଶନ' ଅଧୀନରେ ଡାଲି ଜାତୀୟ ଫସଲ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପରୋକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ଓଡ଼ିଶାର ସାମଗ୍ରିକ କୃଷି ପରିସ୍ଥିତି ଉପରେ ଆଲୋକପାତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ବିଦେଶରୁ ଡାଲି ଆମଦାନୀ ଆମ ପାଇଁ ଲଜ୍ୟାଜନକ। ଦେଶର ଆତ୍ମନିର୍ଭରତା ତଥା କୃଷକଙ୍କ କଲ୍ୟାଣ ପାଇଁ ଡାଲିରେ ଆତ୍ମନିର୍ଭରତା ମିଶନ ଆରମ୍ଭ କରାଯାଇଛି। ଡାଲିରେ ଆତ୍ମନିର୍ଭରତା ମିଶନ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ପାଇଁ ଏକ ମିଶନ ନୁହେଁ, ବରଂ ଚାଷୀମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଅଭିଯାନ।

ସେହିପରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶାର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରି କହିଛନ୍ତି ଯେ ରଣନୈତିକ ନୀତି, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଓ ଜଳବାୟୁ ସହନୀୟ କୃଷି ପଦ୍ଧତି ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଘଟିଛି। ଗୋଟିଏ ପଟେ ଓଡ଼ିଶା ଚାଷୀମାନଙ୍କୁ ଧାନ ଚାଷ ପାଇଁ ଇନପୁଟ୍ ସହାୟତା ପ୍ରଦାନ କରି ଚାଷୀଙ୍କ ଆୟ ବୃଦ୍ଧି କରୁଛନ୍ତି ଏବଂ ଅନ୍ୟପଟେ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳ ହେବା ପାଇଁ ଧାନ ଫସଲ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ ମଧ କରୁଛୁ। ଏହା ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହା ରବି ଋତୁରେ ବିସ୍ତୃତ ଧାନ ପଡ଼ିଆ ଜମିକୁ କମ୍ ସମୟର ଡାଲି ଓ ତୈଳ ବିହନ ଚାଷ କରି ଉତ୍ପାଦନକ୍ଷମ କ୍ଷେତ୍ରରେ ପରିଣତ କରିବା ଲକ୍ଷ୍ୟ ରଖିଛି। ଅନ୍ୟାନ୍ୟ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ପ୍ରଭାତ କୁମାର ରାଉଳ ଓ ଆଇସିଏଆର୍ ଓ ଆଇସିଏଆର୍‌ଡିଏର ପ୍ରତିନିଧି ମଧ କର୍ମଶାଳାରେ ଯୋଗ ଦେଇଥିଲେ।

## କଂଗ୍ରେସରେ ଯୋଗଦେଲେ ପୂର୍ବତନ ବିଜେଡି ସାଧାରଣ ସମ୍ପାଦକ



**ଭୁବନେଶ୍ୱର,୭।୨ (ସଂଚାର ବ୍ୟୁରୋ):** କଂଗ୍ରେସ ଭବନଠାରେ ଆଜି ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଟକର ବିଶିଷ୍ଟ ବିଜେଡି ନେତା ବିଶ୍ୱଜିତ ମହାନ୍ତି ତାଙ୍କ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି। ଶ୍ରୀ ମହାନ୍ତିଙ୍କୁ ସ୍ୱାଗତ କରି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ବିଶ୍ୱଜିତ ବାବୁଙ୍କ ପିତା ବାରିଷ୍ଟର ରଣଜିତ ମହାନ୍ତି ମୋର ଜଣେ ମାର୍ଗଦର୍ଶକ ଥିଲେ ଏବଂ ମତେ ପୁତ୍ରବତ ସ୍ନେହ କରୁଥିଲେ। ବିଶ୍ୱଜିତ ବାବୁଙ୍କ କଂଗ୍ରେସରେ ଯୋଗଦାନ ଦଳକୁ ଅଧିକ କ୍ରିୟାଶୀଳ ଏବଂ ସଶକ୍ତ କରିବ। କଟକ ଏକ ବୈଚାରିକ ସହର, କଂଗ୍ରେସ ପ୍ରତି ଅନେକ ବିଚାରବନ୍ତ ମହାନୁଭବଙ୍କ ଦାନ ଅତୁଳନୀୟ। ତେଣୁ ଐତିହାସିକ ଓ ମର୍ଯ୍ୟାଦା ଦୃଷ୍ଟିରୁ କଟକ କଂଗ୍ରେସ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ମିଶ୍ରଣ ପର୍ବକୁ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ଦାଶ, କଟକ ସିଟି ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଶାନ୍ତାୟନ ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କ ସହ ଲେଖିକା ଦିଶା ବରାଳ, ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ପୂର୍ବତନ କର୍ପୋରେଟର ପ୍ରବୀଣ ରାଉଳ ଗାନ୍ଧିବାଦୀ ବୟୋଜ୍ୟେଷ୍ଠ ବିଶ୍ୱ ଦାସ, ଯୁବ ବିଜେଡି ସମ୍ପାଦକ ଏସକେ ଅସଲାମ ତଥା ଶତାଧିକ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ।

## ସରକାରୀ ଉଦ୍ୟୋଗ ବିଭାଗ କମିଶନର୍‌ଙ୍କ ଯୋଗଦାନ

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସରକାରୀ ଉଦ୍ୟୋଗ ବିଭାଗର କମିଶନର-ତଥା-ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସାଦିକ ଆଲାମ। ସେ ବିଭାଗର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ସରକାରୀ ଉଦ୍ୟୋଗ ବିଭାଗର କାର୍ଯ୍ୟକଳାପର ସମୀକ୍ଷା ମଧ କରିଛନ୍ତି। ଶ୍ରୀ ଆଲାମ୍ ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ରିୟ କରିବା ପାଇଁ କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲରେ ଆବଶ୍ୟକ ସଂଶୋଧନ ଆଣିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତାର ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ଆର୍ଥିକ ସୁଦୃଢ଼ୀକରଣ କରାଯାଇ ପାରିବ ଓ ଏଗୁଡ଼ିକୁ ଲାଭଜନକ କମ୍ପାନୀରେ ପରିଣତ କରାଯାଇପାରିବ ବୋଲି ଶ୍ରୀ ଆଲାମ୍ କହିଛନ୍ତି। ବିଭିନ୍ନ ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକରେ ନିଯୁକ୍ତି ପାଇଁ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନେବା ପାଇଁ ମଧ ସେ ପରାମର୍ଶ ଦେଇଛନ୍ତି। ଶେଷରେ ଏହି ବିଭାଗକୁ ଚଳଚଞ୍ଚଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ ଏକଜୁଟ ହୋଇ କାମ କରିବାକୁ ଶ୍ରୀ ଆଲାମ୍ ପରାମର୍ଶ ଦେଇଛନ୍ତି।

# ପଞ୍ଚାୟତ ନିର୍ବାଚନ ପାଇଁ ବିଜେପିର ସଜବାଜ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ବିଜେପି ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ସଂସଦୀୟ କ୍ଷେତ୍ରଓ୍ୱାରୀ ସମୀକ୍ଷା ଆରମ୍ଭ କରିଛନ୍ତି ରାଜ୍ୟ ବିଜେପି ସଭାପତି। ଆଜି ବ୍ରହ୍ମପୁର ଓ ଆସ୍କା ସଂସଦୀୟ କ୍ଷେତ୍ରକୁ ନେଇ ବସିଥିଲା ବୈଠକ। ଯେଉଁଥିଲେ ଏହି ଦୁଇ ସଂସଦୀୟ କ୍ଷେତ୍ର ଅଧିନରେ ଥିବା ସବୁ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କ ସହ ରାଜ୍ୟ ସଭାପତି ଆଲୋଚନା କରିଛନ୍ତି।

ଗତ ପଂଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନ ଏତେଟା ଭଲ ହୋଇନଥିଲା। ଏଥର କିନ୍ତୁ ଦଳ କ୍ଷମତାରେ ଥିବାରୁ ସବୁ ଜିଲ୍ଲା ପରିଷଦ ଦଖଲ ପାଇଁ ଅଣ୍ଟା ଭିଡିଛି। ସେହି କ୍ରମରେ ବର୍ଷେ ପୂର୍ବରୁ ରାଜ୍ୟ ସଭାପତି ଗୋଟିଏ ପରେ ଗୋଟିଏ ସଂସଦୀୟ କ୍ଷେତ୍ରକୁ ନେଇ ସମୀକ୍ଷା କରିବା ସହ ବିଧାୟକ, ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦେଉଛନ୍ତି। ଆଜି ବୈଠକରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ପରିବହନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଜେନା, ବ୍ରହ୍ମପୁର ବିଧାୟକ, ଛତ୍ରପୁର ବିଧାୟକ, ଦିଗପହଣ୍ଡି ଏବଂ ଚିକିଟି ବିଜେପି ବିଧାୟକ ଯୋଗ ଦେଇଥିଲେ। ବୈଠକରେ ବିଧାୟକ ଏବଂ ସାଂସଦଙ୍କ ସହ ଦଳୀୟ ସମନ୍ୱୟ ଓ ବିକାଶ ମୂଳକ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ବାକିଥିବା ସାଂଗଠନିକ କାର୍ଯ୍ୟକ୍ରମ କେମିତି ଆଗକୁ ବଢ଼ିବ ସେନେଇ ସଭାପତି ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଏବେଠାରୁ ବୁଥ ସ୍ତରରେ କର୍ମୀମାନେ ଦଳୀୟ ଆଭିମୁଖ୍ୟ ନେଇ କାମ ଆରମ୍ଭ କରିଦେଇଛନ୍ତି। ସରକାରଙ୍କ ସବୁ ଲୋକାଭିମୁଖୀ ଯୋଜନାର ସୁଫଳ କିପରି ତଳ ସ୍ତର ପର୍ଯ୍ୟନ୍ତ ସବୁ ଲୋକ ପାଇପାରିବେ ତାର ଦାୟିତ୍ୱ ସେମାନଙ୍କୁ ଦିଆଯାଇଛି। ଯେଉଁଠି ସମସ୍ୟା ଥିବ ସେ ସମ୍ପର୍କରେ ବିଧାୟକ ଓ ସାଂସଦଙ୍କୁ ଅବଗତ କରିବେ। ଆବଶ୍ୟକ ପଡିଲେ ସଭାପତି ନିଜେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ।

## ଗନ ପଏଣ୍ଟରେ ବ୍ୟବସାୟୀଙ୍କଠୁ ଲୁଟିନେଲେ ରୁପା ଅଳଙ୍କାର

**ଉଦଳା, ୭।୨ (ସଂଚାର ବ୍ୟୁରୋ) :** ଖୁଣ୍ଟା ଥାନା ଅଧିନ ଧନାପନା ଗ୍ରାମର କମଳ ଲୋଚନ ରଣା ଆଜି କହ୍ନେଇବନ୍ଧ ସାପ୍ତାହିକ ହାଟକୁ ରୂପା ନେଇ ଯାଇଥିଲେ। ବେପାର ସାରି ସନ୍ଧ୍ୟା ସମୟରେ ହାଟରୁ ଫେରି ଧନାପନା ଗ୍ରାମ ରାସ୍ତାରେ ଯାଉଥିବା ବେଳେ ଅଚାନକ ଦୁଇ ଗୋଟି ବାଇକରେ ଚାରି ମୁଖା ପିନ୍ଧା ଲୁଟେରା ଆସି ତାଙ୍କୁ ରାସ୍ତାରେ ଅଟକାଇଥିଲେ ଓ କମଳ ଲୋଚନଙ୍କ ବେକକୁ ଗାଡି ଉପରେ ଜାବୁଡି ଧରିବା ସହିତ ବେକରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଗାଡି ଡ଼ିକି ଖୋଲି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ରୂପା ଏବଂ ଗାଡ଼ିରେ ଟଙ୍ଗା ଯାଇଥିବା ଏକ ବ୍ୟାଗକୁ ମଧ ଦୁର୍ବୃତ୍ତମାନେ ଲୁଟିନେଇଥିଲେ । କମଳ ଲୋଚନ ଏ ନେଇ ପୋଲିସକୁ ଜଣାଇବା ପରେ ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଲୁଟେରାମାନେ ହିନ୍ଦୀ ଭାଷାରେ କଥା ହେଉଥିବା ବେଳେ ମୁହଁରେ ମୁଖା ପିନ୍ଧିଥିଲେ ।

# ଜଳ ଜୀବନ ମିଶନ, ମିଳିଲାଣି ୭୭୧୨ କୋଟି

**ଭୁବନେଶ୍ୱର,୭।୨:** ଜଳ ଜୀବନ ମିଶନ ଯୋଜନାର କେନ୍ଦ୍ର ସରକାର ଓଡିଶାକୁ ୭୭୧୨ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଏହି ଅର୍ଥ ୨୦୧୯-୨୦ ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟକୁ ମିଳିଥିବା ସୂଚନା ଦେଇଛନ୍ତି କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭି ସୋମାନ୍ନା।

ରାଜ୍ୟରେ ପାନୀୟ ଜଳ ଯୋଗାଣ ସଂକ୍ରାନ୍ତରେ ବିଜେଡି ସାଂସଦ ମୁନ୍ନା ଖାଁ ରାଜ୍ୟସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୧୯ ମସିହାରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଜଳ ଜୀବନ ମିଶନ- ହର ଘର ଜଳ ଯୋଜନା। ଓଡିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଯୋଜନା ଆରମ୍ଭ ସମୟରେ ରାଜ୍ୟର ଗ୍ରାମାଞ୍ଚଳର ୩.୧୧ ଲକ୍ଷ ପରିବାର ଅର୍ଥାତ୍ ମାତ୍ର ୩.୫୧ ପ୍ରତିଶତ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ମିଳୁଥିଲା। ଚଳିତବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟର ୮୮.୬୫ ଲକ୍ଷ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇପାରିଛି।



କେବିକେ ଅଞ୍ଚଳରେ ଥିବା ଲୋକଙ୍କୁ ପାନୀୟଜଳ ଯୋଗାଣ ପାଇଁ ଓଡିଶା ସରକାର ଏକକ ଓ ଏକାଧିକ ଗ୍ରାମ୍ୟ ପାଇଁ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ସୌରଶକ୍ତି ଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳପ କାର୍ଯ୍ୟକାରୀ କରୁଛନ୍ତି। ଏହା ସହିତ ସୌରଶକ୍ତି ଚାଳିତ ନଳକୂଳ ଓ ହସ୍ତଚାଳିତ ନଳକୂପ ମଧ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ସରକାରଙ୍କ ସୂଚନାନୁଯାୟୀ, ୮ଟି ଜଳସେଚନ ପ୍ରକଳ୍ପକୁ ରାଜ୍ୟରେ ଅଗ୍ରାଧିକାର ଦିଆଯାଉଛି। ଏହିସବୁ ପ୍ରକଳ୍ପ ମଧ୍ୟରେ ରହିଛି ଅପର ଇନ୍ଦ୍ରାବତୀ, ରୁକୁରା-ତ୍ରିବାଲ, ରେଡ ଜଳସେଚନ ପ୍ରକଳ୍ପ, ତେଲେଙ୍ଗିରି, ଲୋୟର ଇନ୍ଦ୍ର, ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ ଓ କାନପୁର ଜଳସେଚନ ପ୍ରକଳ୍ପ। ଏହିସବୁ ପ୍ରକଳ୍ପ ପାଇଁ ୨୦୧୬ରୁ ବର୍ତ୍ତମାନ ସୁଦ୍ଧା ଓଡିଶାକୁ ୧୨୦୮ କୋଟି ଟଙ୍କା ମିଳିସାରିଲାଣି। ଗୋଟିଏ ପଟେ ରାଜ୍ୟରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପାଇଁ ମେଗା ପାନୀୟଜଳ ପ୍ରକଳ୍ପମାନ କାର୍ଯ୍ୟକାରୀ ହେଉଥିବାବେଳେ ଅନ୍ୟପଟେ କେତେକ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେଣୁ ଭୂତଳ ଜଳସ୍ତର ରିଚାର୍ଜ ପାଇଁ ରାଜ୍ୟରେ ୨୨ହଜାର ଢାଞ୍ଚା ପ୍ରସ୍ତୁତ କରାଯାଉଛି। କେନ୍ଦ୍ର ଭୂତଳ ଜଳ ବୋର୍ଡ ପକ୍ଷରୁ ଏହାର ସମୀକ୍ଷା କରାଯିବା ସହିତ ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

ଜାତୀୟ ଜଳ ନୀତି ଅନୁଯାୟୀ ବର୍ଷା ଜଳ ସଂରକ୍ଷଣ ଉପରେ ମଧ ଗୁରୁତ୍ୱାରୋପ କରାଯାଉଛି। ସହରାଞ୍ଚଳରେ କୌଣସି ଛୋଟ କିମ୍ବା ବଡ ଘର ନିର୍ମାଣ ସମୟରେ ବର୍ଷାଜଳ ସଂରକ୍ଷଣକୁ ବାଧତାମୂଳକ କରା।ଯାଇଛି। ଏହାଛଡା ଗୋଷ୍ଠି ସହଭାଗିତାରେ ନଦୀ, ନଦୀ କୂଳିଆ ଅଞ୍ଚଳରେ ଜଳ ସଂରକ୍ଷଣ ଉପରେ ମଧ ଗୁରୁତ୍ୱାରୋପ କରାଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ରବିବାର ୮ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Sunday 8 February 2026, Bhubaneswar

# ଶେହବାଜ ଶରିଫଙ୍କ ପୁରୁଣା ରାଗ

ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ପୁନର୍ବାର କାଶ୍ମୀର ପ୍ରସଙ୍ଗରେ ବାରମ୍ବାର ଦାବି କରିଛନ୍ତି ଯେ କାଶ୍ମୀର ପାକିସ୍ତାନର ଅଂଶ ହେବ। ଫେବ୍ରୁଆରୀ ୫ ତାରିଖରେ 'କାଶ୍ମୀର ସମର୍ଥନ ଦିବସ' ଅବସରରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ବିଧାନସଭାରେ ଭାଷଣ ଦେଇ ସେ କହିଛନ୍ତି, "କାଶ୍ମୀର ପାକିସ୍ତାନର ଅଂଶ ହେବ"। ଏହା କେବଳ ଏକ ରାଜନୈତିକ ବୟାନ ନୁହେଁ, ବରଂ ପାକିସ୍ତାନର ଦୀର୍ଘଦିନର ଭ୍ରମାତ୍ମକ ସ୍ୱପ୍ନର ପ୍ରତିଫଳନ। ଭାରତ ସର୍ବଦା ସ୍ପଷ୍ଟ କରିଛି ଯେ ଜମ୍ମୁ ଓ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଓ ରହିବ। ଶରିଫଙ୍କ ଏହି ବୟାନ କେବଳ ଉତ୍ତେଜନା ସୃଷ୍ଟି କରୁଛି, କିନ୍ତୁ ଏଥରେ କୌଣସି ବାସ୍ତବତା ନାହିଁ।



ପାକିସ୍ତାନର ଏହି ଦାବିର ପଛରେ ଐତିହାସିକ ଭୁଲ ଓ ରାଜନୈତିକ ଅଭିଳାଷ ରହିଛି। ମହମ୍ମଦ ଅଲି ଜିନ୍ନାହ କାଶ୍ମୀରକୁ ପାକିସ୍ତାନର 'ଜୁଗୁଲାର ଭେନ୍' ବୋଲି କହିଥିଲେ, ଯାହାକୁ ଶରିଫ ପୁନରାବୃତ୍ତି କରିଛନ୍ତି। କିନ୍ତୁ ଏହା କେବଳ ଏକ ରୂପକ ନୁହେଁ, ବରଂ ପାକିସ୍ତାନର ଅନ୍ତର୍ନିହିତ ଅସ୍ଥିରତାର ପ୍ରତୀକ। ପାକିସ୍ତାନ ନିଜର ଅଧିକୃତ କ୍ଷେତ୍ରରେ ଥିବା ସମସ୍ୟାକୁ ସମ୍ଭାଳି ପାରୁନାହିଁ। ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାହ ଠିକ୍ କହିଛନ୍ତି ଯେ, "ପାକିସ୍ତାନ ନିଜର ଅଧିକୃତ କ୍ଷେତ୍ରକୁ ସମ୍ଭାଳି ପାରୁନାହିଁ, ତେବେ ଆମକୁ କଣ କରିବ?" ଏହା ପାକିସ୍ତାନର ଆର୍ଥିକ ସଙ୍କଟ, ଆତଙ୍କବାଦ ଓ ରାଜନୈତିକ ଅସ୍ଥିରତାକୁ ସୂଚିତ କରୁଛି। ଶରିଫଙ୍କ ବୟାନ କେବଳ ଆଭ୍ୟନ୍ତରୀଣ ରାଜନୀତିର ଏକ ପ୍ରତିଫଳନ ବୋଲି କହିଲେ ଭୁଲ ହେବନି। ପାକିସ୍ତାନରେ ଆର୍ଥିକ ମନ୍ଦାବସ୍ଥା, ମୁଦ୍ରାସ୍ଫୀତି ଓ ଯୁବକଙ୍କ ବେରୋଜଗାରୀ ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ କାଶ୍ମୀର ପ୍ରସଙ୍ଗ ଉଠାଇ ଜନସାଧାରଣଙ୍କ ଧ୍ୟାନ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି। କିନ୍ତୁ ଏହା ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ପାକିସ୍ତାନକୁ ଅଧିକ ଏକାକୀ କରିବ। ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ପ୍ରସ୍ତାବକୁ ଶରିଫ ଉଦ୍ଧୃତ କରିଛନ୍ତି, କିନ୍ତୁ ଏହା ବର୍ତ୍ତମାନ ସମୟରେ ପୁରୁଣା ଓ ଅପ୍ରାସଙ୍ଗିକ ହୋଇସାରିଛି। ଭାରତର ଧାରା ୩୭୦ ରଦ୍ଦ ପରେ କାଶ୍ମୀରରେ ବିକାଶ ଓ ଶାନ୍ତିର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ପର୍ଯ୍ୟଟନ, ଶିକ୍ଷା ଓ ଅର୍ଥନୀତିରେ ଉନ୍ନତି ହେଉଛି, ଯାହା ପାକିସ୍ତାନର ଦାବିକୁ ଖଣ୍ଡନ କରୁଛି। କାଶ୍ମୀର ପ୍ରସଙ୍ଗ ପାକିସ୍ତାନର ବିଦେଶ ନୀତିର ମୂଳ ଭିତ୍ତି ବୋଲି ଶରିଫ କହିଛନ୍ତି। କିନ୍ତୁ ଏହା ପାକିସ୍ତାନକୁ ଆତଙ୍କବାଦର ପ୍ରତୀକ କରିଛି। ପାକିସ୍ତାନରୁ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀମାନେ କାଶ୍ମୀରରେ ହିଂସା ସୃଷ୍ଟି କରିଛନ୍ତି, ଯାହା କାଶ୍ମୀରୀ ଜନସାଧାରଣଙ୍କୁ ପ୍ରଭାବିତ କରିଛି। ଶରିଫ କାଶ୍ମୀରକୁ ପାଲେଷ୍ଟାଇନ ସହିତ ତୁଳନା କରିଛନ୍ତି, କିନ୍ତୁ ଏହା ଅଯଥା। କାଶ୍ମୀରରେ ଭାରତ ସରକାର ବିକାଶମୂଳକ କାର୍ଯ୍ୟକ୍ରମ ଚଳାଇଛନ୍ତି, ଯେପରିକି ରେଳପଥ ବିସ୍ତାର, ଉଚ୍ଚ ଶିକ୍ଷା ସୁବିଧା ଓ ରୋଜଗାର ସୃଷ୍ଟି। ଏହା କାଶ୍ମୀରୀ ଯୁବକଙ୍କୁ ମୁଖ୍ୟଧାରାରେ ଯୋଡ଼ିଛି।

ଅନ୍ତର୍ରାଷ୍ଟ୍ରୀୟ ସମୁଦାୟ ଏହି ପ୍ରସଙ୍ଗରେ ଭାରତର ପକ୍ଷରେ ରହିଛି। ଅନେକ ଦେଶ କାଶ୍ମୀରକୁ ଭାରତର ଆଭ୍ୟନ୍ତରୀଣ ବିଷୟ ବୋଲି ମାନ୍ୟତା ଦେଇଛନ୍ତି। ପାକିସ୍ତାନର ଏହି ବୟାନଗୁଡ଼ିକ କେବଳ ଉତ୍ତେଜନା ବଢ଼ାଉନି, ଶାନ୍ତି ପ୍ରକ୍ରିୟାକୁ ମଧ୍ୟ ବାଧା ଦେଉଛି। ଶରିଫ ଶାନ୍ତି ଚାହୁଁଛନ୍ତି ବୋଲି କହିଛନ୍ତି, କିନ୍ତୁ ଏହା ସମାନତା ଓ ନ୍ୟାୟ ଉପରେ ଆଧାରିତ ହେବା ଉଚିତ୍ ବୋଲି କହିଛନ୍ତି। ପାକିସ୍ତାନ ନିଜେ ଆତଙ୍କବାଦକୁ ସମର୍ଥନ କରି ନ୍ୟାୟର ଉଲ୍ଲଙ୍ଘନ କରୁଥିବା ବାରମ୍ବାର ପ୍ରମାଣିତ ହୋଇ ସାରିଛି ।

ଭାରତର ଦୃଢ଼ ନେତୃତ୍ୱ ଓ ବିକାଶମୂଳକ ନୀତି କାଶ୍ମୀରକୁ ସ୍ଥିରତା ପ୍ରଦାନ କରିଛି। ପାକିସ୍ତାନର ଏହି ପୁରୁଣା ରାଗ କେବଳ ଏକ ଭ୍ରମ, ଯାହା ବାସ୍ତବତାରେ ପରିଣତ ହେବ ନାହିଁ। କାଶ୍ମୀରୀ ଜନସାଧାରଣ ଶାନ୍ତି ଓ ବିକାଶ ଚାହୁଁଛନ୍ତି, ହିଂସା ଓ ବିଭେଦ ଚାହୁଁନାହାଁନ୍ତି। କାଶ୍ମୀର ପ୍ରସଙ୍ଗରେ ଅନାବଶ୍ୟକ ହସ୍ତକ୍ଷେପ କରିବା ପରିବର୍ତ୍ତେ ପାକିସ୍ତାନକୁ ନିଜର ଆଭ୍ୟନ୍ତରୀଣ ସମସ୍ୟା ସମାଧାନ କରିବାକୁ ପଡ଼ିବ। ଏହାଦ୍ୱାରା ଦକ୍ଷିଣ ଏସିଆରେ ଶାନ୍ତି ସ୍ଥାପନ ହୋଇପାରିବ।

# ଇଚ୍ଛାଶକ୍ତି ଓ ଦିବ୍ୟ କୃପା ଦ୍ୱାରା ସବୁକିଛି ସମ୍ଭବ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ପ୍ରତ୍ୟେକ ବ୍ୟକ୍ତି ନିଜର ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ କରନ୍ତି, କିନ୍ତୁ ଫଳାଫଳ ସମୟ ଏବଂ ଭାଗ୍ୟ ଉପରେ ନିର୍ଭର କରେ। ଶୁଭ ସମୟରେ କରାଯାଇଥିବା କାର୍ଯ୍ୟ ସଫଳ ହୁଏ, ଯେତେବେଳେ ଅଶୁଭ ସମୟରେ ସତର୍କତା ଆବଶ୍ୟକ। ଜ୍ୟୋତିଷ ଶାସ୍ତ୍ର, ସଠିକ୍ ସମୟର ଜ୍ଞାନ ପ୍ରଦାନ କରି, ସମ୍ଭାବ୍ୟ ବିପଦ ବିଷୟରେ ସତର୍କ କରାଏ ଏବଂ ସଫଳତାର ପଥରେ ମାର୍ଗଦର୍ଶନ କରେ। ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ନିରନ୍ତର କଠିନ ପରିଶ୍ରମ କରୁଛନ୍ତି। ତଥାପି, କିଛି ଲୋକ ସେମାନଙ୍କ କାର୍ଯ୍ୟର ପୂର୍ଣ୍ଣ ଫଳ ପାଆନ୍ତି, ଅନ୍ୟମାନେ ଅପମାନ ଏବଂ ଅନ୍ୟାନ୍ୟ ପରିଣାମର ସମ୍ମୁଖୀନ ହୁଅନ୍ତି। ଭଲ କିମ୍ବା ଖରାପ ସମୟ ଏବଂ ଭାଗ୍ୟ ପ୍ରାୟତଃ ସେମାନଙ୍କ କାର୍ଯ୍ୟର ଫଳାଫଳରେ ଭୂମିକା ଗ୍ରହଣ କରେ, ଯଦିଓ ଆମେ ଏହାକୁ ସ୍ୱୀକାର କରୁନାହୁଁ। ଶୁଭ ସମୟରେ କରାଯାଇଥିବା କାର୍ଯ୍ୟ ଲାଭଦାୟକ, ତେଣୁ ଅଶୁଭ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଉଦାହରଣ ସ୍ୱରୂପ, ଏକ ମୂଷା ଥିଲା ଯାହାର ଭାଗ୍ୟ ଖରାପ ଥିଲା, ଏବଂ ଏକ ସାପ ଯାହାର ଗ୍ରହ ସ୍ଥିତି ଭଲ ଥିଲା। ଥରେ ଜଣେ ସାପ ମନ୍ତ୍ରଜ୍ଞ ସାପଟିକୁ ଧରି ଏକ ଅନ୍ଧାର କୋଠରୀରେ ଏକ ଟୋକେଇ ଭିତରେ ବନ୍ଦ କରିଦେଲେ। ମୂଷାଟି ଦୁର୍ଭାଗ୍ୟର ସମ୍ମୁଖୀନ ହେଉଥିଲା। ବହୁତ ଚେଷ୍ଟା କରି, ସେ ଅନ୍ଧାର କୋଠରୀ ଭିତରେ ରଖାଯାଇଥିବା ବାଉଁଶ ଟୋକେଇରେ ଏକ ଗାତ ସୃଷ୍ଟି କଲା। ସେହି ଗାତ ଦେଇ ଟୋକେଇ ଭିତରକୁ ପ୍ରବେଶ କରିବା ମାତ୍ରେ, ପରିଶ୍ରମୀ ମୂଷାଟି ଟୋକେଇରେ ପୂର୍ବରୁ ଥିବା ସାପ ପାଇଁ ଖାଦ୍ୟ ହୋଇଗଲା। କାରଣ ସାପର ଗ୍ରହ ସ୍ଥିତି ଭଲ ଥିଲା, ସାପ କୌଣସି ପ୍ରୟାସ ବିନା ମୂଷା ପରି ସ୍ୱାଦିଷ୍ଟ ଖାଦ୍ୟ ପାଇଲା, ଏବଂ ମୂଷା କାମୁଡ଼ା ମଧ୍ୟ ଟୋକେଇରୁ ଖସିଯିବାର ଏକ ଉପାୟ ଯୋଗାଇଲା। ତେଣୁ, ପୁରୁଣା ବ୍ୟକ୍ତିମାନେ ଖରାପ ସମୟରେ ଯେକୌଣସି କାର୍ଯ୍ୟ କରିବାକୁ ଏବଂ ସତର୍କତାର ସହିତ ନିଷ୍ପତ୍ତି ନେବାକୁ ପରାମର୍ଶ ଦିଅନ୍ତି।

ଜୀବନରେ ସମସ୍ୟାରୁ ସୁରକ୍ଷା ଏବଂ ସଫଳତା ପାଇଁ ଜ୍ଞାନ ଏବଂ ମାର୍ଗଦର୍ଶନକୁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ। ଜ୍ୟୋତିଷ ଶାସ୍ତ୍ର, ଅନାଦି କାଳରୁ, ସମ୍ଭାବ୍ୟ ବିପଦ ବିଷୟରେ ଲୋକଙ୍କୁ ସତର୍କ କରିଆସିଛି ଏବଂ ଭବିଷ୍ୟତର ସମ୍ଭାବନା ବିଷୟରେ ସଚେତନ କରିଛି। ଜ୍ୟୋତିଷ ଶାସ୍ତ୍ର ଆମକୁ କହିଥାଏ ଯେ ଜଣେ ବ୍ୟକ୍ତିଙ୍କ ସମୟ କେତେବେଳେ ଭଲ ଏବଂ କେତେବେଳେ ଖରାପ। ସଠିକ୍ ସମୟ ଜାଣିବା ଦ୍ୱାରା ବ୍ୟକ୍ତି ନିଜର କଠିନ ପରିଶ୍ରମକୁ ପୂର୍ଣ୍ଣ ଭାବରେ ବ୍ୟବହାର କରିପାରିବେ। ଖରାପ ସମୟରେ କରାଯାଇଥିବା କଠିନ ପରିଶ୍ରମ ପ୍ରାୟତଃ ନକାରାତ୍ମକ କିମ୍ବା ବିଳମ୍ବରେ ଫଳାଫଳ ଆଣିଥାଏ, ଯାହା ବ୍ୟକ୍ତିଙ୍କୁ ହତାଶ କରିଥାଏ। ଧାର୍ମିକ ଶାସ୍ତ୍ର ଏବଂ ନୀତିଶାସ୍ତ୍ର ଅନୁସାରେ, ପ୍ରାର୍ଥନା ଏବଂ ଧୈର୍ଯ୍ୟ ସଠିକ ଦିଗରେ କଠିନ ପରିଶ୍ରମ ସହିତ ମିଶି ଜଣେ ବ୍ୟକ୍ତି ମଧ୍ୟରେ ସକାରାତ୍ମକ ଶକ୍ତି ସୃଷ୍ଟି କରନ୍ତି, ଏବଂ ଏହି ସକାରାତ୍ମକ ଶକ୍ତି କାର୍ଯ୍ୟର ସଫଳତାରେ ସହାୟକ ହୁଏ। ଜୀବନରେ ଅପାର ସଫଳତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହି ତିନୋଟି ନୀତିକୁ ନିଜ କାର୍ଯ୍ୟରେ ସାମିଲ କରିବାକୁ ପଡିବ: କଠିନ ପରିଶ୍ରମ, ପ୍ରାର୍ଥନା ଏବଂ ଧୈର୍ଯ୍ୟ। ପ୍ରାଚୀନମାନେ କୁହନ୍ତି ଯେ ଯେତେବେଳେ ଜଣେ ଲକ୍ଷ୍ୟ ହାସଲ କରିବାକୁ ଯାଏ, ସେତେବେଳେ ତାହା ହାସଲ କରିବା ପାଇଁ ବୈଷୟିକ ଜ୍ଞାନ ରହିବା ଆବଶ୍ୟକ। କଠିନ ପରିଶ୍ରମରେ ସକ୍ରିୟତା, ପ୍ରାର୍ଥନାରେ ସମର୍ପଣ ଏବଂ ଅପେକ୍ଷାରେ ଧୈର୍ଯ୍ୟ ଅତ୍ୟନ୍ତ ଜରୁରୀ। ଏହି ତିନୋଟିକୁ ମିଶ୍ରଣ କରି, ସମସ୍ତେ କର୍ମଯୋଗୀ ହୋଇ ସଫଳତା ହାସଲ କରିପାରିବେ।

ସକାରାତ୍ମକ ଚିନ୍ତାଧାରା ସହିତ ସଠିକ ଦିଗରେ ସଚ୍ଚୋଟ ଭାବରେ କାର୍ଯ୍ୟ କରିଲେ, ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରିଲେ, ଏବଂ ଈଶ୍ୱରଙ୍କଠାରେ ଭରସା ସହିତ ଅପେକ୍ଷା କରିଲେ, ସଫଳତା ନିଶ୍ଚିତ ଭାବରେ ଆମ୍ଭମାନଙ୍କର ହେବ ଓ ଭାଗ୍ୟ ନିଶ୍ଚିତ ଭାବରେ ଶୁଭ ଫଳ ପ୍ରଦାନ କରିବ। ଯଦି ଜୀବନରେ ଏହି ଜିନିଷଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଏ, ତେବେ କିଛି ଅସମ୍ଭବ ନୁହେଁ। ସଫଳତା ହାସଲ କରିବା ପାଇଁ, ପ୍ରତ୍ୟେକ ବ୍ୟକ୍ତିର ଦୃଢ଼ ବିଶ୍ୱାସ ରହିବା ଉଚିତ ଯେ ସେମାନେ ନିଜ ପ୍ରୟାସ ଏବଂ ଈଶ୍ୱରଙ୍କ କୃପା ଦ୍ୱାରା ସଫଳତା ପଥରେ ଆସୁଥିବା ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂର କରିବା ଉଚିତ୍। ଏହା କରି ପାରିଲେ ନିଶ୍ଚିତ ଭାବରେ ସମସ୍ତେ ନିଜ ନିଜର ନିଜ ଲକ୍ଷ୍ୟରେ ପହଞ୍ଚି ପାରିବେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬



# ଡିଜିଟାଲ୍ ସାକ୍ଷରତା ଏବଂ ଆମର ଭବିଷ୍ୟତ

ମାନସ କୁମାର କର



ଆଜିର ବୈଷୟିକ ଯୁଗରେ ମେସିନ୍ ସିଷ୍ଟମ ବା ଯାନ୍ତ୍ରିକ ବ୍ୟବସ୍ଥା ଆମର ପସନ୍ଦ, କୌତୁହଳ ଏବଂ ଏପରିକି ଆମର ଜ୍ଞାନକୁ ମଧ୍ୟ ରୂପରେଖ ଦେବାକୁ ଆରମ୍ଭ କଲାଣି। ପିଲାମାନେ ଏବଂ ଯୁବପିଢ଼ି ଭାବୁଛନ୍ତି ଯେ ସେମାନେ ସ୍ୱାଧୀନ ଭାବରେ ଜ୍ଞାନ ଓ ସୂଚନା ଖୋଜୁଛନ୍ତି, କିନ୍ତୁ ବାସ୍ତବତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ଆଜିର ସମୟ ହେଉଛି ପ୍ରଯୁକ୍ତିବିଦ୍ୟାର ଏବଂ ଏହାର ସବୁଠାରୁ ପ୍ରଭାବଶାଳୀ ତଥା ନିରବ ଚେହେରା ହେଉଛି 'ଆଲଗୋରିଦମ୍'। ଏହି ଯାନ୍ତ୍ରିକ ବ୍ୟବସ୍ଥା ଆମର ପସନ୍ଦ, ଜିଜ୍ଞାସା ଏବଂ ଆମର 'ଜ୍ଞାନ'କୁ ମଧ୍ୟ ନିୟନ୍ତ୍ରଣ କରୁଛି। ଇଣ୍ଟରନେଟ୍ ଦୁନିଆରେ ଆମେ ଯାହା କିଛି ଦେଖୁ, ପଢୁ କିମ୍ବା ସେୟାର କରୁ, ତାହା ଅନେକାଂଶରେ ସେହି ଗାଣିତିକ ସୂତ୍ର ମାଧ୍ୟମରେ ଛାଣି ହୋଇ ଆସିଥାଏ, ଯାହାକୁ ଆମେ ଦେଖିପାରୁନାହୁଁ କିମ୍ବା ବୁଝିପାରୁନାହୁଁ। ବିଗତ କିଛି ବର୍ଷ ମଧ୍ୟରେ ସ୍ମାର୍ଟଫୋନ୍ ଏବଂ ଶସ୍ତା ଇଣ୍ଟରନେଟ୍ ରୂପରେ ଲୋକଙ୍କ ହାତକୁ ଏକ ଅଭୁତପୂର୍ବ ଶକ୍ତି ସହିତ ଏକ ଅଦୃଶ୍ୟ ବିପଦ ମଧ୍ୟ ଆସିଛି, ଯାହା ଆମର ଜ୍ଞାନର ଧାରାକୁ ବଦଳାଇବା ଆରମ୍ଭ କରିଦେଇଛି।

ଯୁବପିଢ଼ି ଏବଂ ପିଲାମାନେ ଆଜି ସୂଚନାର ମହାସାଗରରେ ବୁଡ଼ି ରହିଛନ୍ତି, କିନ୍ତୁ ସମସ୍ୟା ହେଉଛି ସେମାନେ ନିଜ ପାଇଁ ସୂଚନା ସେହି ଛୋଟ ସ୍ଥାନରୁ ପାଉଛନ୍ତି, ଯାହାକୁ ଟେକ୍ନୋଲୋଜି ସେମାନଙ୍କ ପାଇଁ ବାଛିଥାଏ। ସେମାନଙ୍କୁ ଲାଗୁଛି ଯେ ସେମାନେ ସ୍ୱାଧୀନ ଭାବେ ଜ୍ଞାନ ଖୋଜୁଛନ୍ତି, କିନ୍ତୁ ବାସ୍ତବରେ ସେମାନେ ଏପରି ଏକ ଡିଜିଟାଲ୍ ଗଳିରେ ଚାଲୁଛନ୍ତି ଯେଉଁଠାରେ ରାସ୍ତା ଅନ୍ୟ କେହି ଜଣେ ସ୍ଥିର କରିଥାଏ। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ନୂତନ ପିଢ଼ି ଇଣ୍ଟରନେଟରେ ଦେଖାଯାଉଥିବା ସୂଚନାକୁ ହିଁ ସତ୍ୟ ବା ନିରପେକ୍ଷ ବୋଲି ମାନିବାକୁ ଆରମ୍ଭ କଲେଣି। ପୂର୍ବ ସମୟରେ କୌଣସି କଥାକୁ ପ୍ରମାଣ କରିବା ପାଇଁ ବହି ଖୋଜିବାକୁ ପଡୁଥିଲା, ବିଶେଷଜ୍ଞଙ୍କ ସହ କଥା ହେବାକୁ ପଡୁଥିଲା କିମ୍ବା ଗବେଷଣା ପତ୍ର ଖୋଜିବାକୁ ପଡୁଥିଲା। ଏବେ ଗୁଗଲ ସର୍ଚ୍ଚ, ୟୁଟ୍ୟୁବ୍ ଭିଡିଓ କିମ୍ବା ରିଲ୍ସ ଯେକୌଣସି 'ତଥ୍ୟ' ଖୋଜିବାର ମୁଖ୍ୟ ବିକଳ୍ପ ପାଲଟିଛି।

ପିଲାମାନେ ଧରି ନେଉଛନ୍ତି ଯେ ସ୍କ୍ରିନରେ ଯାହା ଦେଖାଯାଉଛି ତାହା ହିଁ ଶେଷ ସତ୍ୟ। କିନ୍ତୁ ବାସ୍ତବରେ ସ୍କ୍ରିନ୍ କୌଣସି ବିଶେଷ ଆଭିମୁଖ୍ୟ ବା ବଜାର ନୀତି ଅନୁସାରେ ସେହି ଜିନିଷ ଦେଖାଇଥାଏ, ଯାହା ସେମାନେ ଦେଖାଇବାକୁ ଚାହାଁନ୍ତି। ଇରାନରେ ଏହିପରି ଏକ ଘଟଣା ବହୁତ ଚର୍ଚ୍ଚାରେ ଥିଲା। ମହାମାରୀର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଗୁଜବ ପ୍ରଚାର ହୋଇଥିଲା ଯେ ମଦ୍ୟପାନ କଲେ ଶରୀରରେ ଭୂତାଣୁ ମରିଯିବେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଗୁଜବ ଯୋଗୁଁ ବିଷାକ୍ତ ମିଥାଇଲ୍ ଆଲକୋହଲ୍ ପିଇ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ଅନେକଙ୍କର ଦୃଷ୍ଟିଶକ୍ତି ଚାଲିଯାଇଥିଲା। ଏହି ଘଟଣା ଦର୍ଶାଉଛି ଯେ ଯେତେବେଳେ ଭୁଲ୍ ସୂଚନା ବ୍ୟାପକ ଭାବେ ବ୍ୟାପିଥାଏ, ସେତେବେଳେ ମାନବ ଜୀବନ ଉପରେ ଏହାର କେତେ ଗଭୀର ପ୍ରଭାବ ପଡ଼ିପାରେ।

ପ୍ରକୃତରେ ସୋସିଆଲ୍ ମିଡିଆର 'ଆଲଗୋରିଦମ୍' ଏପରି ଭାବରେ ପ୍ରସ୍ତୁତ କରାଯାଇଛି ଯେ, ତାହା ଆମକୁ ସେହି ଜିନିଷ ହିଁ ଦେଖାଇବ ଯାହା ଆମେ ଆଗରୁ ପସନ୍ଦ କରିଛୁ। ଏହି ପ୍ରକ୍ରିୟା ଏତେ ସହଜରେ ଏବଂ ବାରମ୍ବାର ହୋଇଥାଏ ଯେ ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ଧୀରେ ଧୀରେ ଶେଷ ହୋଇଯାଏ। ଯଦି ଜଣେ ବ୍ୟକ୍ତି କୌଣସି ବିଷୟରେ ପ୍ରଥମ ଥର ପାଇଁ କିଛି ଏକତରଫା ସୂଚନା ଦେଖେ, ତେବେ ସେହି ପ୍ଲାଟଫର୍ମ ଭବିଷ୍ୟତରେ ତାଙ୍କୁ ସେହିଭଳି ଅଧିକ ସୂଚନା ଦେଖାଇବାକୁ ଲାଗେ। ଦେଖୁଥିବା ବ୍ୟକ୍ତିଙ୍କୁ ଭ୍ରମ ହୁଏ ଯେ ବୋଧହୁଏ ସମସ୍ତେ ସେହିପରି ଭାବୁଥିବେ ଯେପରି ତାଙ୍କ ମୋବାଇଲ୍ ସ୍କ୍ରିନରେ ଦେଖାଯାଉଛି।

ପିଲାମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଗଭୀର, କାରଣ ସେମାନଙ୍କର ଦୁନିଆ ନୂଆ ଏବଂ ସେମାନେ ସହଜରେ ପ୍ରଭାବିତ ହୋଇଯାଆନ୍ତି। ସେମାନେ ତଥ୍ୟ ଏବଂ ମତାମତ ମଧ୍ୟରେ ପାର୍ଥକ୍ୟ ବୁଝିବାକୁ ଶିଖୁଛନ୍ତି। ଏହି ସମୟ ସେମାନଙ୍କ ପାଇଁ ତର୍କ, ବିବେକ ଏବଂ ବିଶ୍ଳେଷଣ ଶକ୍ତି ବିକଶିତ କରିବାର ସମୟ। କିନ୍ତୁ ବାସ୍ତବତା ହେଉଛି ଆଜିର ଡିଜିଟାଲ୍ ମଞ୍ଚ ପିଲାମାନଙ୍କୁ ବିଶ୍ଳେଷଣ ନୁହେଁ, କେବଳ ଉପଭୋଗ କରିବା ଶିଖାଉଛି। ସେମାନେ ଲମ୍ବା ପ୍ରବନ୍ଧ ପଢ଼ିବା ପରିବର୍ତ୍ତେ ରିଲ୍ସ ଏବଂ ଛୋଟ ଭିଡିଓ ଉପରେ ଅଧିକ ନିର୍ଭରଶୀଳ ହୋଇପଡୁଛନ୍ତି। ସେମାନଙ୍କର ଧୈର୍ଯ୍ୟ କମିଯାଉଛି ଏବଂ ସେମାନେ 'ତୁରନ୍ତ ଉତ୍ତର' ଓ 'ତୁରନ୍ତ ଜ୍ଞାନ'ର ଅଭ୍ୟାସୀ ହୋଇଯାଉଛନ୍ତି। ଏହା ଜ୍ଞାନ ଆହରଣ ନୁହେଁ, ବରଂ ସୂଚନାର ନିଶା ଏବଂ ଏହି ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟ ବୁଝିବା ନିହାତି ଜରୁରୀ।

ସୋସିଆଲ୍ ମିଡିଆ ଏବେ କେବଳ ବୌଦ୍ଧିକ ମଞ୍ଚ ହୋଇ ରହିନାହିଁ, ବରଂ ଆମର ଚିନ୍ତାଧାରା, ପସନ୍ଦ ଏବଂ ମତାମତକୁ ରୂପ ଦେଉଥିବା ଏକ ଶକ୍ତି ପାଲଟିଛି। ସୂଚନାର ଏହି ପ୍ରବାହରେ ସତ୍ୟ ଓ ଭ୍ରମ ଏବଂ ତଥ୍ୟ ଓ ଗୁଜବ ମଧ୍ୟରେ ଥିବା ରେଖା ଧୀରେ ଧୀରେ ଲିଭିଯାଉଛି। ଏହି ପରିସ୍ଥିତି ଆମକୁ କେବଳ ପରିସଂଖ୍ୟାନ ନୁହେଁ, ବରଂ ଏହି ଚେତାବନୀ ମଧ୍ୟ ଦେଉଛି ଯେ ଗଣମାଧ୍ୟମ ସାକ୍ଷରତା ଏବଂ ସମାଲୋଚନାତ୍ମକ ବିବେକ ବିନା ଏହି ଡିଜିଟାଲ୍ ଶକ୍ତି ସମାଜକୁ ସଶକ୍ତ କରିବା ପରିବର୍ତ୍ତେ ଦିଗହରା କରିପାରେ। ଏଭଳି ପରିସ୍ଥିତିରେ ଆମେ 'ଡିଜିଟାଲ୍ ସାକ୍ଷରତା'କୁ କେବଳ କମ୍ପ୍ୟୁଟର ଚଳାଇବାର ଦକ୍ଷତା ବୋଲି ନଭାବି, ଏହାକୁ ତଥ୍ୟର ସତ୍ୟାସତ୍ୟ ପରଖିବାର ଦକ୍ଷତା ସହିତ ଯୋଡ଼ିବା ଆବଶ୍ୟକ।

'ଆଲଗୋରିଦମ୍' ଜ୍ଞାନର ମାର୍ଗକୁ ପ୍ରଭାବିତ କରିବାର ଅନ୍ୟ ଏକ ଉପାୟ ହେଉଛି ଯେ, ଏହା ଆମକୁ ସେହି ସୂଚନାଠାରୁ ଦୂରେଇ ନିଏ ଯାହା ଆମର ଚିନ୍ତାଧାରାକୁ ଚ୍ୟାଲେଞ୍ଜ୍ କରିପାରେ। କୌଣସି ସୁସ୍ଥ ଗଣତନ୍ତ୍ରରେ ଅସହମତି, ମତଭେଦ ଏବଂ ବିବିଧ ବିଚାରଧାରା ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କିନ୍ତୁ ସୋସିଆଲ୍ ମିଡିଆ ଏହି ବିତର୍କକୁ ନିଜ ସୁବିଧା ଅନୁସାରେ ପରିବର୍ତ୍ତନ କରିଦେଇଛି। ଆମେ କେବଳ ସେୟା ପଢୁଛୁ ଯାହା ଆମକୁ 'ସୁଖଦ' ଲାଗେ। ସଂଘର୍ଷମୟ ବିଚାର, ଚ୍ୟାଲେଞ୍ଜପୂର୍ଣ୍ଣ ସୂଚନା କିମ୍ବା ଅସୁବିଧାଜନକ ସତ୍ୟକୁ ଆମଠାରୁ ଦୂରେଇ ନିଆଯାଉଛି। ଭାରତୀୟ ଜ୍ଞାନ ପରମ୍ପରାରେ ଗୁରୁଙ୍କ ଭୂମିକା କେବଳ ସୂଚନା ଦେବା ନଥିଲା, ବରଂ ଶିଷ୍ୟର ଚେତନାକୁ ଜାଗ୍ରତ କରିବା ଥିଲା। କିନ୍ତୁ ଆଜି 'ଆଲଗୋରିଦମ୍' ଏକ ନିରବ ଗୁରୁ ଭଳି କାମ କରୁଛି, ଯିଏ ପ୍ରଶ୍ନ ପଚାରେ ନାହିଁ କେବଳ ଉତ୍ତର ଦିଏ; ତାହା ପୁଣି ଯାହା ସୁବିଧାଜନକ। ଏହା ହିଁ ସବୁଠାରୁ ଗଭୀର ଚିନ୍ତାର ବିଷୟ। ପିଲାମାନେ ପରୀକ୍ଷା ପ୍ରସ୍ତୁତି ପାଇଁ ୟୁଟ୍ୟୁବରେ ସଂକ୍ଷିପ୍ତ ସାରାଂଶ ଖୋଜୁଛନ୍ତି। ଜଣେ ଡାକ୍ତର କିମ୍ବା ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିବା ଛାତ୍ର ମଧ୍ୟ କୌଣସି ଭିଡିଓ ଦେଖି ଧରି ନେଉଛି ଯେ ଏହା ହିଁ ଠିକ୍ ରାସ୍ତା। ଏପରିକି ସ୍ୱାସ୍ଥ୍ୟ, ଇତିହାସ ଏବଂ ବିଜ୍ଞାନ ଭଳି ଗମ୍ଭୀର ବିଷୟଗୁଡ଼ିକୁ ମଧ୍ୟ 'ଦୁଇ ମିନିଟର ଜ୍ଞାନ'ରେ ସୀମିତ କରି ଦିଆଯାଇଛି।

ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ 'ଆଲଗୋରିଦମ୍' କେବଳ ଉପଭୋକ୍ତାଙ୍କ ବ୍ୟବହାର ଦ୍ୱାରା ପରିଚାଳିତ ହୁଏ ନାହିଁ; ଏହା ବଡ଼ ବଡ଼ କମ୍ପାନୀର ସ୍ୱାର୍ଥ, ବିଜ୍ଞାପନ ଏବଂ ବଜାର ବିଶ୍ଳେଷଣ ଆଧାରରେ ମଧ୍ୟ କାମ କରେ। କୌଣସି ଉତ୍ପାଦ, ବିଚାର କିମ୍ବା ରାଜନୈତିକ ଏଜେଣ୍ଡାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯାନ୍ତ୍ରିକ ବ୍ୟବସ୍ଥାର ବ୍ୟବହାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହାଦ୍ୱାରା ସୂଚନାର ନିରପେକ୍ଷତା ଶେଷ ହୋଇଯାଉଛି ଏବଂ ଯୁବପିଢ଼ି ଅଜାଣତରେ ପ୍ରଚାରିତ ବିଚାରଧାରାର ବାହକ ପାଲଟିଯାଉଛନ୍ତି। ବେଳେବେଳେ ସେମାନଙ୍କୁ ଲାଗେ ଯେ ସେମାନେ ନୂଆ କିଛି ଆବିଷ୍କାର କରୁଛନ୍ତି, କିନ୍ତୁ ବାସ୍ତବରେ ସେମାନେ କେବଳ ବଜାର କିମ୍ବା କୌଣସି ବିଶେଷ ବିଚାରଧାରା ଦ୍ୱାରା ପରସା ଯାଇଥିବା ତଥ୍ୟକୁ ପୁନରାବୃତ୍ତି କରୁଛନ୍ତି।

ସୋସିଆଲ୍ ମିଡିଆ ଏବେ କେବଳ ମତ ବିନିମୟର ମଞ୍ଚ ନୁହେଁ, ବରଂ ଆମର ଚିନ୍ତାଧାରାକୁ ନିୟନ୍ତ୍ରଣ କରୁଥିବା ଏକ ଶକ୍ତି। ସୂଚନାର ଏହି ଅତ୍ୟଧିକ ପ୍ରବାହରେ ସତ୍ୟ-ଭ୍ରମ ଓ ତଥ୍ୟ-ଗୁଜବ ମଧ୍ୟରେ ପାର୍ଥକ୍ୟ କରିବା କଷ୍ଟକର ହୋଇପଡ଼ିଛି। ତେଣୁ, 'ଡିଜିଟାଲ୍ ସାକ୍ଷରତା'କୁ କେବଳ କମ୍ପ୍ୟୁଟର ଚଳାଇବା ଶିଖିବା ମଧ୍ୟରେ ସୀମିତ ନ ରଖି, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ସୂତ୍ରର ସତ୍ୟାସତ୍ୟ ଯାଞ୍ଚ କରିବାର ଦକ୍ଷତା ସହିତ ଯୋଡ଼ିବା ଆବଶ୍ୟକ। ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ଶିଖାଯିବା ଉଚିତ ଯେ ଇଣ୍ଟରନେଟରେ ଦେଖାଯାଉଥିବା ପ୍ରତ୍ୟେକ ଭିଡିଓ ଜ୍ଞାନ ନୁହେଁ ଏବଂ ପ୍ରତ୍ୟେକ ସର୍ଚ୍ଚର ଫଳାଫଳ ସଠିକ୍ ନୁହେଁ। ସେମାନଙ୍କୁ ଏହା ମଧ୍ୟ ବୁଝିବାକୁ ହେବ ଯେ କୌଣସି ବିଷୟ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରଖିବା କାହିଁକି ଜରୁରୀ।

ଯୁବପିଢ଼ି ମଧ୍ୟରେ ଏହି ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଛି ଯେ ସେମାନଙ୍କ ସୂଚନାର ମାର୍ଗ ସେମାନଙ୍କ ହାତରେ ନାହିଁ, ବରଂ ଏକ ମେସିନ୍ ଦ୍ୱାରା ନିୟନ୍ତ୍ରିତ। ଏହାକୁ ଗ୍ରହଣ କରିବା ହିଁ ହେଉଛି ପ୍ରଥମ ପଦକ୍ଷେପ। ଦ୍ୱିତୀୟ ପଦକ୍ଷେପ ହେଉଛି ସେହି ନିୟନ୍ତ୍ରଣରୁ ବାହାରକୁ ଆସିବା ପାଇଁ ଚେଷ୍ଟା କରିବା।

ଏହାର ଅର୍ଥ ହେଉଛି ଆମେ ବିଭିନ୍ନ ଉତ୍ସରୁ ପଢ଼ିବା, ଭିନ୍ନ ଭିନ୍ନ ବିଚାରଧାରା ଶୁଣିବା, ବହି ଏବଂ ପତ୍ରିକା ପଢ଼ିବାକୁ ପୁଣି ଫେରିବା, ବିଶେଷଜ୍ଞଙ୍କ ସହ ଆଲୋଚନା କରିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଜ୍ଞାନ' ଓ 'ସୂଚନା' ମଧ୍ୟରେ ପାର୍ଥକ୍ୟ ବୁଝିବା। ସ୍କ୍ରିନ୍ ଆରପାରିର ଦୁନିଆ ଯେତିକି ଆକର୍ଷଣୀୟ, ସେତିକି ଭ୍ରମାତ୍ମକ ମଧ୍ୟ। ଜ୍ଞାନର ସନ୍ଧାନ ଏକ ଯାତ୍ରା, ଯାହା ଧୀର, ଗଭୀର ଏବଂ ନିରନ୍ତର ଚାଲିଥାଏ। ଯଦି ଆମେ ଏହି ସନ୍ତୁଳନ ନଶିଖିବା, ତେବେ ଟେକ୍ନୋଲୋଜି ଆମ ପାଇଁ ଏକ ମାଧ୍ୟମ ନହୋଇ, ଆମର ଚିନ୍ତାଧାରାକୁ ନିୟନ୍ତ୍ରଣ କରୁଥିବା ଶକ୍ତି ପାଲଟିଯିବ।

କୋଟାଙ୍ଗ, କୋଣାର୍କ
ମୋବାଇଲ୍: ୭୩୮୧୩୮୨୨୧୦




# ଆଂଶିକର ଅତିକ୍ରମଣ

ବ୍ରଜମୋହନ ମିଶ୍ର



ସଂସାରରେ ବହୁ ବ୍ୟକ୍ତି ଖଣ୍ଡିତ ଅବା ଆଂଶିକ ଜୀବନ ବଞ୍ଚି ମହାନନ୍ଦରେ ଭାରି ଫୁଲି ଉଠନ୍ତି। କିନ୍ତୁ ଯେଉଁମାନେ ଜୀବନର ସବୁ ଅଂଶ ଅବା ସୋପାନର ଅଭିଜ୍ଞତା ଅର୍ଜନ କରିପାରନ୍ତି, ସେଇମାନେ ହିଁ ଜୀବନକୁ ପ୍ରକୃତରେ ଭେଦି ଥାଆନ୍ତି। ତେଣୁ ଜୀବନର ମିତ୍ର ହୋଇଥାଆନ୍ତି ମଧ୍ୟ। ଜୀବନର ସବୁ ସୋପାନ ବା ସ୍ତର ହେଉଛନ୍ତି ଅନ୍ନମୟ ସ୍ତର, ପ୍ରାଣମୟ ସ୍ତର, ମନୋମୟ ସ୍ତର, ବିଜ୍ଞାନମୟ ସ୍ତର ଏବଂ ଆନନ୍ଦମୟ ସ୍ତର। ଏ ଗୁଡ଼ିକ ଜୀବନ ପାଇଁ ସମଭାବରେ ଆବଶ୍ୟକ କାରଣ ସମଭାବରେ ଉପଯୋଗୀ। ଅନ୍ନକୁ ଛାଡ଼ି ଯେପରି ଆନନ୍ଦରେ ପହଞ୍ଚିବାର କଳ୍ପନା କରାଯାଇ ନପାରେ ସେହିପରି ଆନନ୍ଦ ଅପ୍ରାପ୍ତିରେ ଅନ୍ନର ପରିପୂର୍ଣ୍ଣତା ଆସି ନପାରେ। ଏକ ଅଦ୍ୱୈତ ଦୃଷ୍ଟିରେ ଅନ୍ନ ହିଁ ଆନନ୍ଦ ଯଦିଓ ବ୍ୟାବହାରିକ ଦୃଷ୍ଟିରେ ତାହା ଜଣାପଡ଼େନା। ଯେଉଁ ଜୀବନଟି ଏ ସଂସାର ନାମକ କେତେବଡ଼ ପ୍ରକାଶର ଅନ୍ୟତମ ବିଭବ ଅବା ସମ୍ପଦ ତାହା ଆପଣା ବୈଭବର ପରିପ୍ରକାଶ ପାଇଁ ଅନ୍ନ ସହ ଆନନ୍ଦକୁ ଧାରଣ କରିବ। ତା ନହେଲେ ତା ଠାରେ ଯେଉଁ ଆଂଶିକତା ବା ଖଣ୍ଡିତତା ପରିଦୃଷ୍ଟ ହେବ, ତାହା ତାକୁ ଅସଲ ସନ୍ତୋଷ ଆଣିଦେଇ ପାରିବ ନାହିଁ। ଜୀବନର ଏହି ପଞ୍ଚ ଆବଶ୍ୟକତା ଯେତେ ପାରସ୍ପରିକ ପ୍ରୀତି ଅବା ଘନିଷ୍ଠତାରେ ଅବସ୍ଥାନ କରିବେ, ସେଗୁଡ଼ିକ ନିଜ ନିଜକୁ ସେତେ ସାର୍ଥକ କରିବା ସଂଗେ ସଂଗେ ଜୀବନ ନାମକ ମହାନ୍ ଅଭିବ୍ୟକ୍ତିକୁ ବହୁପ୍ରସ୍ତୀ କରିବେ ଅର୍ଥାତ୍ ଏମାନଙ୍କ ସହାବସ୍ଥାନ ଯୋଗୁଁ ଜୀବନ ତାର ଧାରାଟିକୁ ପ୍ରାଞ୍ଜଳ ଓ ମଞ୍ଜୁଳ କରିପାରିବ। ତାର ପ୍ରବହମାନତାରେ ଲାଳିତ୍ୟ ପ୍ରକଟିତ ହେବା ଫଳରେ ଜୀବନର ଏଇ ପ୍ରବହମାନଧାରା ଉଭୟ ସ୍ଥୂଳ ଓ ସୂକ୍ଷ୍ମ, ଦିବ୍ୟ ଅଦିବ୍ୟ, ଦୃଶ୍ୟ ଅଦୃଶ୍ୟ ତଥା କ୍ଷୁଦ୍ର ବୃହତ୍, ଉଚ୍ଚ ନିମ୍ନ ଇତ୍ୟାଦି ପରିଦୃଶ୍ୟମାନ ଏବଂ ଅନୁଭବ୍ୟ ବୈପରୀତ୍ୟ ଓ ବିରୋଧାଭାସ ର ସମ୍ମୁଖୀନ ହେଲାବେଳେ ଆଦୌ ଅସୁସ୍ଥ, ଅସ୍ୱସ୍ତିକର ଅବା ଅସହଜ ମଣିବ ନାହିଁ। ଯାବତୀୟ ଦ୍ୱୈତ ତାକୁ ଖୁବ୍ ପ୍ରୀତିକର ମନେହେବ କାରଣ ଅସଲରେ ଯେ ସେ ଗୁଡ଼ିକ ଦ୍ୱୈତ ନୁହନ୍ତି ବୋଲି ତାର ପ୍ରତୀତି ଦୃଢ଼ହୋଇ ସାରିଥିବ। ସେସବୁ ଯେ ଏକ ଚମତ୍କାର ନିୟମରେ ସ୍ଥାନିତ, ତାହା ବେଶ୍ ଅନୁଭୂତ ହୋଇଗଲା ପରେ ଜୀବନ ନିଜକୁ ଧନ୍ୟ ମନେ କରିବ ଯେ ତାହା କେତେ କେତେ ଆଶୀର୍ବାଦ ଲାଭ କରିଛି। ଦ୍ୱୈତ ହେଉ ବା ବୈପରୀତ୍ୟ ହେଉ ଯାହା ତାକୁ ଅନୁଭବ କରିବାକୁ ପଡ଼ୁଛି ତାହା ତାର ପ୍ରବହମାନତାକୁ ରୋକୁନାହିଁ ବରଂ ସେଥିରେ ଗଭୀରତା ଆଣି ତାକୁ "ଚରୈବେତି ଚରୈବେତି" ର ଆହ୍ୱାନ ଦେଉଛି। ଏକଣ କମ୍ ଆନନ୍ଦର କଥା!

ହେଲେ ଏଇ ଗଭୀରତାକୁ ଆପଣେଇ ନେବାକୁ ବହୁ ଜନ ଆଦୌ ମନ କରନ୍ତି ନାହିଁ। ପୂର୍ଣ୍ଣତାକୁ ନ ବୁଝିଲେ ପୁଣି ବୁଝି ମଧ୍ୟ ଗ୍ରହଣ ନକଲେ ବ୍ୟକ୍ତି ସତରେ ଏତାଦୃଶ ଅପରିପକ୍ୱତାଜନିତ ଅସିଦ୍ଧିରେ ଅପୂର୍ଣ୍ଣ ରହିଯିବ। ସେ ଅନ୍ନକୁ ଏକମାତ୍ର ସତ୍ୟ, କିମ୍ବା ପ୍ରାଣକୁ ଏକ ମାତ୍ର ସତ୍ୟ, କିମ୍ବା ମନକୁ ଏକମାତ୍ର ସତ୍ୟ ଏବଂ ସେହିପରି ବିଜ୍ଞାନ ଓ ଆନନ୍ଦକୁ ଏକମାତ୍ର ସତ୍ୟ ଏବଂ ଆବଶ୍ୟକତା ବୋଲି ବିବେଚନା କରି ସେହି ଅନୁସାରେ ବଞ୍ଚିଲେ ଖୁବ୍ ଏକ ବିଫଳତାରେ ପରିଣତ ହେବ। କାରଣ ସେ ଅବିବର୍ତ୍ତିତ ହୋଇ ରହିଯାଇଥିବ। ତାଠାରୁ ବିବର୍ତ୍ତନ ଯାହା ଆଶା କରୁଥାଏ, ତାହାକୁ ସେ ପ୍ରତିହତ କରୁଥିବାରୁ ସେ ତଥାକଥିତ ସଫଳତାରେ ମଧ୍ୟ ଏକ ଚରମ ବିଫଳତାର ପ୍ରତିଭୂ ହୋଇଯିବ।

ଆମର ଏକାଳଖଣ୍ଡରେ ଆଂଶିକତାକୁ କେତେ ସୋହାଗ ନ କରାଯାଉଛି! ଆଂଶିକତା ବା ଖଣ୍ଡିତତା ଯେ ଅଜ୍ଞାନର ଅନ୍ୟଏକ ରୂପ ତାହା ବୁଝାଯାଉନାହିଁ। ପୁଣି ଆଂଶିକତାର ପରିତୃପ୍ତିଯେ ଅହଂକାର ପ୍ରସୂତ ଏବଂ ଅହଂକାର ପ୍ରମତ୍ତ, ତାହା ମଧ୍ୟ ବିବେଚନାକୁ ଅଣାଯାଉନାହିଁ। ଏବେ ଆମେ, ମୁଁ ଓ ମୋର ଅଜ୍ଞାନରେ ଯେଉଁ ଆଂଶିକତା ଓ ଖଣ୍ଡିତତାକୁ ପ୍ରୋତ୍ସାହିତ କରୁଛୁ ତାହା ଯେ କେତେ ଅନାବଶ୍ୟକ, ଏବଂ ଅନୁଚିତ କାରଣ ସାଂଘାତିକ ତାହା ଆମେ ବୁଝିବାକୁ କେବେ ମନେକରୁନାହୁଁ। "ମୁଁ" ଏବଂ "ମୋ ର" ଏକ ସଂକୋଚନ, ଏକ ସଂକଟ ବି। ଏହାଦ୍ୱାରା ସଂସାର ଅବା ସମୂହ ପ୍ରକାଶ ଠାରୁ ବ୍ୟକ୍ତି ନିଜକୁ ବିଚ୍ଛିନ୍ନ କରି ଅଣି କେଉଁଠି ଓ କିପରି ରହେ ? ସେ ରହେ ଏକ ବନ୍ଦୀଶାଳାର ଜଣେ ବନ୍ଦୀପରି ଯେଉଁଠାରେ ତାକୁ ଅନ୍ନ, ବସ୍ତ୍ର, ବାସସ୍ଥାନ ମିଳୁଥିଲେ ବି ତାକୁ ମୁକ୍ତ ବିଚରଣ ମିଳୁନଥାଏ। ମୁଁ ଏବଂ ମୋର ଭାବର ବନ୍ଦୀଶାଳାରେ ବ୍ୟକ୍ତିଖାଏ, ବେଶ୍ ଭଲ କରି ଖାଏ, ଭଲ ବସନ ବି ପିନ୍ଧେ, ଭଲ ବାସସ୍ଥାନରେ ରାଜାପରି ବି ଚଳିପାରେ। ହେଲେ ତା ସତ୍ତ୍ୱେ ସେ ବନ୍ଦୀଟିଏ ହୋଇ ରହିଥାଏ। ସେ ସେଠାରେ ଥିଲେ ମଧ୍ୟ ବଞ୍ଚୁ ନଥାଏ। ପ୍ରତି ମୁହୂର୍ତ୍ତରେ ସେ ଅଧିକ ଅଧିକ ଅଂଧକାର ଗର୍ଭକୁ ଖସି ଖସି ଯାଉଥାଏ। ତେଣୁ 'ମୁଁ' ଏବଂ 'ମୋର' ସଦୃଶ ଖଣ୍ଡିତତାର ନିଶ୍ଚେତନାରେ ଆମେ କେବେ ବି ସନ୍ତୁଷ୍ଟ ହେବା ନାହିଁ କି ତାକୁ ଗ୍ରହଣ କରିନେବା ନାହିଁ। ଏକ ବିରାଟ ସଂସାରର ନିରନ୍ତର ପ୍ରତ୍ୟକ୍ଷୀଭୂତ ବହୁରୂପିତା ଅବା ବିଭିନ୍ନତା ସହ ଏକୀଭୂତ ହେବା କାରଣ ତାହାହିଁ ପୂର୍ଣ୍ଣତାର ସତ୍ସଙ୍ଗ ଲାଭ। ସେତେବେଳେ ଆମର ସମସ୍ତ ଖଣ୍ଡିତତା ଅପସାରିତ ହେବା ଫଳରେ ଆମେ 'ଯୋଗଯୁକ୍ତ' ହୋଇ ସକଳ "ଭୋଗ ମୁକ୍ତିର" ପାବନ ସାନ୍ନିଧ୍ୟରେ ଆମର ଧରାବତରଣକୁ ଅକାରଣ, ଅଯୌକ୍ତିକ ଓ ଅସାର କରିଦେବାନାହିଁ।

ଭଦ୍ରକ, ମୋବାଇଲ୍: ୮୦୧୮୦୮୭୮୩

## ଭାରତ ଆମେରିକା ବାଣିଜ୍ୟ ଡିଲ୍ ବିବାଦ

# କମ୍ ଶୁଳ୍କର ସାମ୍ନା କରିବ ଭାରତ

**ନୂଆଦିଲ୍ଲୀ, ୭।୨:** ଭାରତ ଏବଂ ଆମେରିକା ୫୦୦ ବିଲିୟନ ଡଲାର ବାଣିଜ୍ୟ ଚୁକ୍ତି ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଢାଞ୍ଚାରେ ସହମତ ହୋଇଛନ୍ତି। ଏନେଇ ମିଳିତ ବିବୃତ୍ତି ଜାରି କରିବା ପାଇଁ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ପରେ ଶନିବାର ସକାଳେ ମିଳିତ ବିବୃତ୍ତି ପ୍ରକାଶ ପାଇଛି। ଭାରତ ସରକାରଙ୍କ ପକ୍ଷରୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗୋୟଲ କହିଛନ୍ତି ଯେ ଏହି ଡିଲରେ ପ୍ରତିପକ୍ଷ ଠାରୁ ଭାରତ ଅଧିକ ଲାଭବାନ ହେବ। ଆମେରିକା ସହ ହୋଇଥିବା ଟ୍ରେଡ ଡିଲ ଭାରତର କୃଷି ଓ ଏମଏସଏମି କ୍ଷେତ୍ରକୁ ସୁରକ୍ଷା ଦିଆଯାଇଛି। ଅପରପକ୍ଷରେ ଭାରତୀୟ କୃଷିଜାତ ଦ୍ରବ୍ୟ ପାଇଁ ମଧ ଆମେରିକା ବଜାର ଖୋଲିଯାଇଛି। ଅନ୍ତରୀଣ ବାଣିଜ୍ୟ ଢାଞ୍ଚା ଘୋଷଣାର କିଛି ଘଣ୍ଟା ପରେ ଶନିବାର ଗୋୟଲ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ଆମେରିକୀୟ କୃଷି ଉତ୍ପାଦଗୁଡ଼ିକୁ କୌଣସି ଆମଦାନୀ ଲାଭ ଦିଆଯିବ ନାହିଁ। କାରଣ ଭାରତ ବାଛି ବାଛି କିଛି ନିର୍ଦ୍ଦିଷ୍ଟ ଆମେରକୀୟ ସାମଗ୍ରୀ- ଯଥା ଲାଲ୍ ଜଅ, ଆଲମଣ୍ଡ, କାଜୁ ଆଦି ବିଭିନ୍ନ ପ୍ରକାର ବାଦାମ, ମଦ ଓ ସ୍ପିରିଟ୍ ପାଇଁ ଭାରତୀୟ ମାର୍କେଟ ଖୋଲିଛି ଗୋୟଲ କହିଥିଲେ।

ଗୋୟଲ କହିଛନ୍ତି ଯେଉଁସବୁ ସାମଗ୍ରୀରେ ଆମେ ଆତ୍ମନିର୍ଭର ସେସବୁ ସାମଗ୍ରୀକୁ ଚୁକ୍ତିରୁ ବାଦ ଦିଆଯାଇଛି। ଏହି ଚୁକ୍ତିନାମା, ଘୋଷଣାର ବର୍ଷ ମଧ୍ୟରେ, ଭାରତୀୟ ରପ୍ତାନିକାରୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାରର ବଜାର ଖୋଲିଯିବ। କାରଣ ଦୁଇ ଦେଶ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତି ମାର୍ଚ୍ଚ ମଝିରେ ସାଇନ କରାଯିବ। ଏଥିରେ ଏକାଧିକ କୃଷିଜାତ ଦ୍ରବ୍ୟ ଉପରେ ଶୂନ



### ସ୍ପଷ୍ଟ କଲେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ

ଜାବାବୀ ଶୁଳ୍କ ଲାଗିବ। ଚା' ମସଲା, କଫି ଏବଂ ନଡ଼ିଆ ତେଲ ଉପରେ ଆମେରିକାରେ କୌଣସି ଶୁଳ୍କ ଲାଗିବ ନାହିଁ ବୋଲି ଗୋୟଲ କହିଛନ୍ତି। ଆଜିର ଦିନକୁ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖାଯିବ ବୋଲି ଗୋୟଲ କହିଥିଲେ। ଏହା ବ୍ୟତୀତ, ଗୋୟଲ କହିଛନ୍ତି ଯେ ବିଭିନ୍ନ ପ୍ରକାରର ଫଳ, ପନିପରିବା ଏବଂ କୃଷି ଉତ୍ପାଦ ଦ୍ରବ୍ୟ ଯଥା-କଦଳୀ, ଆମ୍ବ, ପିଜୁଳି, ଆଭୋକାଡୋ, କିୱି, ଅମୃତଭଣ୍ଡା, ସପୁରିପଣସ, ଛତୁ, ଶସ୍ୟ, ଜଅ, ବେକେରୀ ଉତ୍ପାଦ, କୋକୋ ଉତ୍ପାଦ ଏବଂ ତିଳ ସମେତ ବିଭିନ୍ନ ପ୍ରଡକ୍ଟ ଉପରେ ଆମେରିକା

**ଏହିସବୁ ସାମଗ୍ରୀ ଉପରେ ଲାଗିବନି ଶୁଳ୍କ**
**ଚା' ମସଲା, କଫି, ନଡ଼ିଆ ତେଲ, କଦଳୀ, ଆମ୍ବ, ପିଜୁଳି, ଆଭୋକାଡୋ, କିୱି, ଅମୃତଭଣ୍ଡା, ସପୁରି, ପଣସ, ଛତୁ, ଶସ୍ୟ, ଜଅ, ବେକେରୀ ଉତ୍ପାଦ, କୋକୋ ଉତ୍ପାଦ ଏବଂ ତିଳ ଭଳି ଫଳ, ପନିପରିବା ଓ କୃଷି ଉତ୍ପାଦ ଉପରେ ଲାଗିବନି ଶୁଳ୍କ।**

କୌଣସି ଶୁଳ୍କ ଲଗାଇବ ନାହିଁ। ଏହି ଚୁକ୍ତିନାମା ଭାରତର ଚାଷୀ, ଏମଏସଏମଇ, କିମ୍ବା ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ସ୍ୱାର୍ଥକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଉ ନାହିଁ ବୋଲି ଗୋୟଲ କହିଛନ୍ତି। କୃଷି ବ୍ୟତୀତ, ଆମେରିକାକୁ ପ୍ରାୟ ୧୩ ବିଲିୟନ ଡଲାର ମୂଲ୍ୟର ଔଷଧ ରପ୍ତାନି ସମେତ ରତ୍ନପଥର ଓ ହୀରା ଆଦି ରପ୍ତାନୀ ଉପରେ ଆମେରିକା କୌଣସି ଶୁଳ୍କ ଲଗାଇବ ନାହିଁ।

କେବଳ ସେତିକି ନୁହେଁ, ସ୍ମାର୍ଟଫୋନ୍, ଏୟାରକ୍ରାଫ୍ଟ ପାର୍ଟ, ଏଲିମେଣ୍ଟାରି ଅଟୋପାର୍ଟ, କାନ୍ଥଘଣ୍ଟା, ହାତଘଣ୍ଟା, ଅତ୍ୟାବଶ୍ୟକୀୟ ତେଲ ଏବଂ କିଛି ନିର୍ଦ୍ଦିଷ୍ଟ ଘର ସଜା ସାମଗ୍ରୀ ଉପରେ ଭବିଷ୍ୟତରେ ଶୂନ୍ୟ ଟାରିଫ ଲାଗିବ। ଏସବୁ ବାଦ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦେଶ ତୁଳନାରେ ଭାରତ ଉପରେ କମ ଶୁଳ୍କ ଲାଗିଛି। ଚୀନ୍ ଉପରେ ୩୫ ପ୍ରତିଶତ ଶୁଳ୍କ ଲାଗିଥିବା ବେଳେ ଭିଏତନାମ ଏବଂ ବାଂଲାଦେଶ ଉପରେ ୨୦ ପ୍ରତିଶତ ଶୁଳ୍କ ଲାଗିଛି। ସେହିପରି ଇଣ୍ଡୋନେସିଆ ଉପରେ ଶୁଳ୍କ ୧୯ ପ୍ରତିଶତ ରହିଛି। ଏସବୁ ଦୃଷ୍ଟିରେ ଦେଖିଲେ ଭାରତ କମ୍ ଶୁଳ୍କ ସାମ୍ନା କରିବ ବୋଲି ଗୋୟଲ କହିଛନ୍ତି।

## ୟୁରୋପୀୟ ସଂଘ ପାଇଁ ବିପଦ

# ପୁଟିନ ତିଆରି କଲେ ଡ୍ରୋନ ସେନା



**ନୂଆଦିଲ୍ଲୀ, ୭।୨:** ୟୁକ୍ରେନ ଓ ୟୁରୋପ ସହିତ ଉତ୍ତେଜନା ମଧ୍ୟରେ ରୁଷ ନିଜର ବାୟୁ ଶକ୍ତି ବୃଦ୍ଧି କରିବାରେ ଏକ ବଡ଼ ସଫଳତା ହାସଲ କରିଛି। ରୁଷ ଏକ ନୂଆ ଡ୍ରୋନ୍ ସେନା ସୃଷ୍ଟି କରିଛି। ଯାହାକୁ ସମଗ୍ର ବ୍ରିଟିଶ ସେନା ଅପେକ୍ଷା ବଡ଼ ବୋଲି ଦାବି କରାଯାଉଛି। ଭ୍ଲାଦିମିର ପୁଟିନଙ୍କ ଅଜ୍ଞାତ ସିଷ୍ଟମ ଫୋର୍ସରେ ୮୭ ହଜାର ସୈନିକ ଅଛନ୍ତି। ଏହି ସମୟରେ ବ୍ରିଟେନର ସାମରିକ ବାହିନୀରେ ୭୦ ହଜାର ସୈନିକ ଅଛନ୍ତି। ବ୍ରିଟେନର ସେନା ସଂଖ୍ୟା ପୁଟିନଙ୍କ ନୂଆ ଡ୍ରୋନ ସେନାଠାରୁ ୧୭ ହଜାର କମ। ୟୁକେ ଓ ୟୁରୋପର ପ୍ରତିରକ୍ଷା ବିଶେଷଜ୍ଞମାନେ ଏନେଇ ଚିନ୍ତା ପ୍ରକାଶ କରିଛନ୍ତି। କାରଣ ଏତେ ସଂଖ୍ୟକ ଡ୍ରୋନ-ଦକ୍ଷ ସୈନିକ ସମଗ୍ର ୟୁରୋପୀୟ ସଂଘ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରନ୍ତି।

ଆମେରିକା-ସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ୱାରରୁ ଉଦ୍ଧୃତ କରି ଦି ସନ୍ ରିପୋର୍ଟ କରିଛି ଯେ, ରୁଷର ମାନବବିହୀନ ସିଷ୍ଟମ ଫୋର୍ସ ଏକ ରେଜିମେଣ୍ଟ, ୨୫ ବାଟାଲିଅନ୍, ଏକ ଡିଭିଜନ ଓ ତିନୋଟି ଦଳ ଗଠନ କରିଥିବା ଜଣାପଡ଼ିଛି। ମସ୍କୋର ରୁବିକନ ଡ୍ରୋନ ଫୋର୍ସ ବୁର୍ସା-ସାରମାଟ୍ ମାନବହୀନ ସିଷ୍ଟମ୍ ସ୍ପେଶାଲ୍ ସେଣ୍ଟରରେ ବହୁ ସଂଖ୍ୟକ ସୈନିକଙ୍କୁ ରଖିଛି। ଆଧୁନିକ ଯୁଦ୍ଧରେ ଡ୍ରୋନ୍‌ର ଗୁରୁତ୍ୱକୁ ବିଚାର କରି ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

ରୁଷର ନୂତନ ସେନାରେ ୮୭,୦୦୦ରୁ ଅଧିକ ସୈନିକ ଥିବା କୁହାଯାଉଛି। ଏହି ସମୟରେ, ବ୍ରିଟିଶ ସେନାର ସୈନିକ ସଂଖ୍ୟା ଗତ କିଛି ମାସ ମଧ୍ୟରେ ହ୍ରାସ ପାଇଛି, ଯାହା ଏବେ ୭୦,୩୦୦ ସୈନିକଙ୍କୁ ହ୍ରାସ ପାଇଛି। ବ୍ରିଟିଶ୍ ସେନାରେ ପ୍ରାୟ ୨୦୦ ବର୍ଷ ମଧ୍ୟରେ ଏତେ କମ୍ ସୈନିକ ସଂଖ୍ୟା କେବେ ନଥିଲେ। ୧୮୦୩ ପରଠାରୁ ଏହା ସବୁଠାରୁ କମ୍ ସୈନିକ ସଂଖ୍ୟା। ବ୍ରିଟିଶ ସୈନିକମାନଙ୍କର ମଧ ଡ୍ରୋନ୍ ଉଡ଼ାଇବାରେ ଭଲ ଅଭିଜ୍ଞତା ନାହିଁ। ପ୍ରତିରକ୍ଷା ସୂତ୍ରଗୁଡ଼ିକ ଦି ସନ୍‌କୁ କହିଛନ୍ତି ଯେ, ପାରାସୁଟ୍ ରେଜିମେଣ୍ଟ୍ ଦାନ ପାଣ୍ଠିରୁ ଡ୍ରୋନ୍ ରେସିଂ ପାଇଁ ୧୦ ହଜାର ପାଉଣ୍ଡ ଖର୍ଚ୍ଚ କରିଛି ଯାହା ଦ୍ୱାରା ସୈନିକମାନେ ସେଗୁଡ଼ିକୁ ଉଡ଼ାଇପାରିବେ। ଏହାର ଅର୍ଥ ହେଉଛି ବ୍ରିଟିଶ ସୈନିକମାନେ ଦାନ କରାଯାଇଥିବା ଡ୍ରୋନ୍‌ରୁ ଅଭିଜ୍ଞତା ହାସଲ କରୁଛନ୍ତି। ଏହା ପ୍ରତିରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।



# ୨୦୦ ବର୍ଷ ତଳର ମନ୍ଦିର ପାଉଁଶ

**ଚମ୍ବା,୭।୨:** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାର ଭରମୌରରେ ଭୟଙ୍କର ଅଗ୍ନିକାଣ୍ଡ। ଗତକାଲି ଖୁନ୍ଦେଲର ଗିରଡ ଗାଁରେ ଥିବା ୨୦୦ ବର୍ଷ ପୁରୁଣା ଗିରଡ଼ ମାତା ମନ୍ଦିରରେ ହଠାତ ନିଆଁ ଲାଗିଯାଇଥିଲା। ଫଳତଃ ପ୍ରାୟ ୨୦୦ ବର୍ଷ ତଳର ଏହି ମନ୍ଦିର ଜଳିପୋଡି ପାଉଁଶ ହୋଇଯାଇଛି। ଏପରିକି ମୂର୍ତ୍ତି ମଧ ବାଦ୍ ପଡ଼ିନାହାନ୍ତି। ଦେବଦାରୁ କାଠରେ ତିଆରି ଏହି ମନ୍ଦିର ମାତ୍ର କିଛି ଘଣ୍ଟାରେ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏହା ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ଆଞ୍ଚଳିକ ସାଂସ୍କୃତିକ ପରିଚୟ ପ୍ରତି ଶକ୍ତି କୁଠାରାଘାତ ହୋଇଛି। ଏହି ପାହାଡ଼ିଆ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଗିରଡ଼ ମାତା ମନ୍ଦିର ମୂଲ୍ୟବାନ ଦେବଦାରୁ କାଠରେ ତିଆରି ହୋଇଥିବାରୁ ନିଆଁ ଲାଗିବା ମାତ୍ରେ ଏହା ମାତ୍ର କେଇ ଘଣ୍ଟା ଭିତରେ ଜଳିପୋଡ଼ି ଛାରଖାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ହେଁ ସେତେବେଳେ ସବୁ କିଛି ନିଃଶେଷ ହୋଇସାରିଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆର୍ଥିକ କ୍ଷତି ବି ହୋଇଛି। ଅଗ୍ନିକାଣ୍ଡରେ ମନ୍ଦିର ସହ ମୂର୍ତ୍ତି ମଧ କ୍ଷତିଗ୍ରସ୍ତ ହୋଇଛି। ମନ୍ଦିର ପ୍ରାଚୀନ ଓ ଐତିହାସିକ ଗୁରୁତ୍ୱ ଗୁରୁତ୍ୱର ବି ଅପୂରଣୀୟ କ୍ଷତି ଘଟିଛି। ମାର୍ବଲ ଓ ଦୁର୍ଲ୍ଲଭ 'ବ୍ଲାକ ଷ୍ଟୋନ୍'ରେ ନିର୍ମିତ ମାତାଙ୍କ ମୂର୍ତ୍ତି ନିଆଁ ପ୍ରକୋପରେ କ୍ଷତିଗ୍ରସ୍ତ ହୋଇଛି। ମନ୍ଦିରରେ ଥିବା ପିତ୍ତଳର ପ୍ରାଚୀନ ମୂର୍ତ୍ତି ମଧ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଦେବଦାରୁର କାଠରେ ତିଆରି ଏହି ଦୁର୍ଲ୍ଲଭ ଓ ପ୍ରାଚୀନ କାରୁକାର୍ଯ୍ୟ କେବଳ ସ୍ମୃତିରେ ରହିଯିବ।

**ମୂର୍ତ୍ତି ବି ବାଦ୍ ପଡ଼ିଲାନି**

**ସ୍ମୃତିରେ ରହିଯିବ ପ୍ରାଚୀନ ମନ୍ଦିରର କାରୁକାର୍ଯ୍ୟ**

# ଗାଜିଆବାଦ ସବୁଠୁ ପ୍ରଦୂଷିତ



**ଗାଜିଆବାଦ, ୭।୨:** ଦେଶରେ ବଢୁଥିବା ବାୟୁ ପ୍ରଦୂଷଣ ସଙ୍କଟ ଭିତରେ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆରଇଏ)ର ଏକ ରିପୋର୍ଟ ଆସିଛି। ସବୁଠୁ ପ୍ରଦୂଷିତ ସହର ତାଲିକାରେ ପ୍ରଥମ ସ୍ଥାନରେ ଗାଜିଆବାଦ ରହିଛି। ରିପୋର୍ଟ ଅନୁଯାୟୀ, ନିରୀକ୍ଷଣ କରାଯାଇଥିବା ଦେଶର ପ୍ରାୟ ଅଧା ସହରରେ ପିଏମ୍୨.୫(ପାର୍ଟିକ୍ୟୁଲେଟ୍ ମ୍ୟାଟର୍) ସ୍ତର ଜାତୀୟ ସୁରକ୍ଷା ମାନଦଣ୍ଡଠାରୁ ଅଧିକ ରେକର୍ଡ କରାଯାଇଥିଲା।

ସିଆରଇଏ ରିପୋର୍ଟ ଅନୁଯାୟୀ, ଜାନୁଆରୀରେ ଗାଜିଆବାଦ ଦେଶର ସବୁଠାରୁ ପ୍ରଦୂଷିତ ସହର ଥିଲା, ଯେଉଁଠାରେ ପିଏମ୍୨.୫ ସ୍ତର ପ୍ରତି ଘନ ମିଟରରେ ୧୮୪ ମାଇକ୍ରୋଗ୍ରାମ ରେକର୍ଡ କରାଯାଇଥିଲା। ଗାଜିଆବାଦ ପରେ, ଦିଲ୍ଲୀ, ନୋଏଡା, ଗୁରୁଗ୍ରାମ ଓ ଗ୍ରେଟର ନୋଏଡା ଦେଶର ସବୁଠାରୁ ପ୍ରଦୂଷିତ ସହର ଥିଲା। ଦିଲ୍ଲୀରେ, ଜାନୁଆରୀ ମାସରେ ୨୭ ଦିନ ପାଇଁ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ଥିବା ରେକର୍ଡ କରାଯାଇଥିଲା।

ତେବେ ପ୍ରଦୂଷଣ ଦୃଷ୍ଟିରୁ ଶ୍ରେଷ୍ଠ ୧୦ଟି ସହର ତାଲିକାରେ ଗାଜିଆବାଦ, ଦିଲ୍ଲୀ, ନୋଏଡା, ଗୁରୁଗ୍ରାମ, ଗ୍ରେଟର ନୋଏଡା, ଧାରୁହେରା, ସିଙ୍ଗରୌଲି, ଭିୱାଡି, ନରନୌଲ, ଗାଙ୍ଗଟକ୍ ରହିଛି। ସେପଟେ ପ୍ରଦୂଷଣ ନିୟମକୁ ଠିକରେ ପାଳନ କରୁଥିବା ସହରମାନଙ୍କ ମଧ୍ୟରେ ଶୀର୍ଷରେ ରହିଛି ରାଜସ୍ଥାନ, କିନ୍ତୁ ଏହି ନିୟମ ୨୩ଟି ସହରରେ ପାଳନ ହେଉନାହିଁ। ସେହି ତାଲିକାରେ ହରିଆଣା, ବିହାର, ଓଡ଼ିଶା ଓ ଉତ୍ତରପ୍ରଦେଶ ଆଗରେ ଅଛନ୍ତି।

## ସହିଦଙ୍କ ପରିବାରଙ୍କ ପାଇଁ ନୀତୀଶ ସରକାରଙ୍କ ଘୋଷଣା

# ମିଳିବ ଏକରେ ଜମି: ରାଜସ୍ୱ ମନ୍ତ୍ରୀ



**ପାଟନା,୭।୨:** ବିହାରର ନୀତୀଶ କୁମାର ସରକାର ଦେଶ ସେବା କ୍ଷେତ୍ରରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକଙ୍କ ପରିବାର ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଘୋଷଣା ଅନୁସାରେ, ରାଜସ୍ୱ ଓ ଭୂମି ସଂସ୍କାର ବିଭାଗ ପକ୍ଷରୁ ସହିଦ ସୈନିକଙ୍କ ପରିବାରବର୍ଗଙ୍କୁ ସରକାରୀ ଜମି ବଣ୍ଟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରାଯାଇଛି ଓ ପରିବାରବର୍ଗଙ୍କୁ ଗୋଟିଏ ଏକର ଜମି ଯୋଗାଇ ଦିଆଯିବ। ଏହି ଜମିରେ ଚାହିଁଲେ ଘର କରି ରହିପାରିବେ, ନଚେତ୍ ଆବଶ୍ୟକ ସ୍ଥଳେ ଚାଷ ବି କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଓ ଭୂମି ରାଜସ୍ୱ ମନ୍ତ୍ରୀ ବିଜୟ କୁମାର ସିହ୍ନା କହିଛନ୍ତି। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସହିଦଙ୍କ ପରିବାରକୁ ସେମାନଙ୍କ ଜିଲ୍ଲାରେ ସମ୍ମାନଜନକ ଜୀବନଯାପନ ପାଇଁ ସମ୍ବଳ ଉପଲବ୍ଧ କରାଇବା। ଏଥିପାଇଁ ବିଭାଗ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ସେ ଆହୁରି କହିଛନ୍ତି ଯେ କେବଳ ସେନାର ଯବାନ ନୁହଁନ୍ତି, ଯୁଦ୍ଧ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅନ୍ୟ ବାହିନୀର ସଦସ୍ୟମାନଙ୍କୁ ମଧ ବିହାର ସରକାର ଏହି ସମାନ ସୁବିଧା ଯୋଗାଇଦେବେ। ଯେପରିକି ସୀମା ସୁରକ୍ଷା ବାହିନୀ, ବିହାର ସାମରିକ ପୁଲିସ, ଆଞ୍ଚଳିକ ସେନା, କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ, ସୀମାନ୍ତ ସ୍କାଉଟ୍ସ, ବିଆରଏଫ, ସାର୍ବଜନୀନ ସହାୟକ ସେବା, ଏନସିସି, ହୋମଗାର୍ଡ, ଆସାମ ରାଇଫଲ୍ସ ଆଦି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ସୁବିଧାଗୁଡ଼ିକ ଅତି କମ୍‌ରେ ୬ ମାସ ସେବା କରିଥିବା ଏବଂ ଯୁଦ୍ଧରେ ସହିଦ ହୋଇଥିବା ସୈନିକଙ୍କ ଆଶ୍ରିତ ପରିବାର ପାଇଁ ଉପଲବ୍ଧ ହେବ। ସେହିପରି ହିତାଧିକାରୀ ବିହାରର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ। ନୌସେନା, ସୈନିକ ଓ ବାୟୁସେନା ବୋର୍ଡର ସୁପାରିସ୍ ଏବଂ ସନ୍ତୋଷଜନକ ସେବାର ପ୍ରମାଣପତ୍ର ମଧ ଏହି ସୁବିଧା ଉପଲବ୍ଧ କରାଇବା ସକାଶେ ଆବଶ୍ୟକ। ନିର୍ଭରଶୀଳ ବ୍ୟକ୍ତିଙ୍କ ପାଖରେ ପୂର୍ବରୁ କୌଣସି ବ୍ୟକ୍ତିଗତ ଆବାସିକ ଜମି ନଥିବ। ୫ ବର୍ଷ ପାଇଁ ପରିବାରଠାରୁ କୌଣସି ବାର୍ଷିକ ଭଡ଼ା ନିଆଯିବ ନାହିଁ। ଜିଲ୍ଲା ମାଜିଷ୍ଟ୍ରେଟମାନେ ଜମି ଆବଣ୍ଟନକରିବେ, ଯାହା କେବଳ ଗ୍ରାମାଞ୍ଚଳରେ ବିବାଦମୁକ୍ତ ସରକାରୀ ଜମି ପାଇଁ ପ୍ରଯୁଜ୍ୟ ହେବ ବୋଲି ସର୍ତ୍ତ ରଖାଯାଇଛି। ଏନେଇ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆବଣ୍ଟନ ହେବାକୁ ଥିବା ଜମିରେ ଭୂମି ଅନୁଦାନ, କବରସ୍ଥାନ, ଶ୍ମଶାନ ଭୂମି, ଧାର୍ମିକ ସ୍ଥଳ କିମ୍ବା ଅନ୍ୟ କୌଣସି ଆଇନଗତ ବିବାଦ ନ ଥିବା ଜରୁରୀ।

# ସୁଦାନ୍ ସେନା ଉପରେ ଆର୍‌ଏସ୍‌ଏଫ୍‌ର ଡ୍ରୋନ୍ ମାଡ଼



### ୮ ଶିଶୁ ସମେତ ୨୪ ମୃତ

### ଆମେରିକା ଓ ଜାତିସଂଘର ନିନ୍ଦା

**ସୁଦାନ,୭।୨:** ସୁଦାନ ସେନା ଉପରେ କୁଖ୍ୟାତ ଅର୍ଦ୍ଧସାମରିକ ବଳ ରାପିଡ ସପୋର୍ଟ ଫୋର୍ସେସ (ଆର୍‌ଏସ୍‌ଏଫ୍) ପକ୍ଷରୁ ବଡ଼ ଧରଣର ଆକ୍ରମଣ କରାଯାଇଛି। ଆଜି ମଧ ସୁଦାନରେ ବିସ୍ଥାପିତ ପରିବାରକୁ ନେଇ ଯାଉଥିବା ଏକ ଗାଡ଼ି ଉପରେ ଡ୍ରୋନ୍ ଦ୍ୱାରା ଆକ୍ରମଣ ହେବା ଫଳରେ ଏଥିରେ ଅତି କମରେ ୨୪ ଜଣଙ୍କ ଜୀବନ ଯାଇଥିବା ଆଶଙ୍କା କରାଯାଉଛି । ଏମାନଙ୍କ ମଧ୍ୟରେ ୮ ଜଣ ଶିଶୁ ସାମିଲ୍ ଥିବା କୁହାଯାଇଛି। ସୁଦାନର ନର୍ଥ କୋର୍ଡୋଫାନ୍ ପ୍ରଦେଶ ରାହଦ ନିକଟରେ ଏହି ଆକ୍ରମଣ ଘଟଣା ଘଟିଛି। ଏହି ଆକ୍ରମଣ ପାଇଁ ଆର୍‌ଏସ୍‌ଏଫ୍ ମଧ ନିଜକୁ ଦାୟୀ କରିଛି। ଅବଶ୍ୟ ଏନେଇ ଆର୍‌ଏସ୍‌ଏଫ୍ କୌଣସି ସ୍ପଷ୍ଟୀକରଣ ଦେଇନାହିଁ।

ଦେଶରେ ଗତ ତିନି ବର୍ଷ ହେଲା ଗୃହଯୁଦ୍ଧ ଜାରି ରହିଥିବା କାରଣରୁ ଏଠାରେ ମାନବୀୟ ସଙ୍କଟ ଯଥେଷ୍ଟ ମାତ୍ରାରେ ବଢ଼ିଚାଲିଛି। ସେନା ଓ ଆର୍‌ଏସ୍‌ଏଫ୍ ଭିତରେ ଜାରି ସଂଘର୍ଷ ଦେଶର ରାଜନୈତିକ ସ୍ଥିତିକୁ ସମ୍ପୂର୍ଣ୍ଣ ଭାବରେ ଦୋହଲାଇ ଦେଇଛି। ଏହି ଘନଘଟା ମଧ୍ୟରେ ଆଜି ଏପରି ଏକ ଭୟାବହ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଆର୍‌ଏସ୍‌ଏଫ୍ ଗତ ୩ ବର୍ଷ ହେଲା ସୁଦାନ ସେନା ବିରୋଧରେ ଲଢ଼େଇ ଜାରି ରଖିଛି। ଏହା ଦେଶ ଉପରେ କବଜା କରିବା ସକାଶେ ଉଦ୍ୟମ ଚଳାଇଛି। ୨୦୨୩ରେ ସୁଦାନର ସ୍ଥିତି ସେତେବେଳେ ଖରାପ ହୋଇଥିଲା, ଯେତେବେଳେ ସେନା ଓ ଆରଏସ୍‌ଏଫ୍ ଭିତରେ କ୍ଷମତା ପାଇଁ ସଂଘର୍ଷ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଗୃହଯୁଦ୍ଧର ରୂପ ନେଇଛି। ଜାତିସଂଘ ପକ୍ଷରୁ ଏପରି ଏକ ଆକ୍ରମଣକୁ କଡ଼ା ଭାଷାରେ ନିଆଯିବା ସହ ଆକ୍ରମଣରେ ୩ଟି ଟ୍ରକ୍‌କୁ ଟାର୍ଗେଟ୍ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି। ସେହିପରି ଜାତିସଂଘ କହିଛି ଯେ ସୁଦାନରେ ଜାରି ରହିଥିବା ଗୃହଯୁଦ୍ଧରେ ଅଦ୍ୟାବଧି ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇସାରିଛି ବୋଲି କୁହାଯାଇଛି। ଏହାଛଡ଼ା ୧.୪ କୋଟିରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଏହି ଆକ୍ରମଣକୁ ଆମେରିକା ମଧ କଡ଼ା ଶବ୍ଦରେ ନିନ୍ଦା କରିଛି।

## ତୁଟିଲା ମୁମ୍ବାଇ ମହାନଗର ନିଗମ ବିବାଦ

# ରିତୁ ତାୱଡେ ହେବେ ବିଏମସି ମେୟର

### ଶିବସେନାରୁ ସଂଜୟ ଘାଡି ଡେପୁଟି ମେୟର



**ମୁମ୍ବାଇ, ୭।୨:** ମୁମ୍ବାଇ ମହାନଗର ନିଗମ ନିର୍ବାଚନ ପାଇଁ ମେୟର ଏବଂ ଡେପୁଟି ମେୟରଙ୍କ ନାମ ଚୂଡ଼ାନ୍ତ ହୋଇଛି। ମେୟର ବିଜେପିରୁ ନିର୍ବାଚିତ ହୋଇଥିବା ବେଳେ ଏବଂ ଦଳ ଏହି ପଦବୀ ପାଇଁ ରିତୁ ତାୱଡେଙ୍କୁ ମନୋନୀତ କରିଛି। ବିଜେପି ନେତା ଅମିତ ସଟମ ରିତୁଙ୍କ ନାମ ଘୋଷଣା କରିଥିଲେ। ଏଠାରେ ପ୍ରଥମ ଥର ପାଇଁ ଜଣେ ବିଜେପି ମେୟର ନିର୍ବାଚିତ ହେବେ। ତେବେ ମେୟରଙ୍କ ନାମ ଘୋଷଣା ପୂର୍ବରୁ ୧୦ ଜଣ ପୁରୋହିତଙ୍କୁ ବିଏମସି କାର୍ଯ୍ୟାଳୟକୁ ଆସି ବୈଦିକ ମନ୍ତ୍ର ଉଚ୍ଚାରଣ ଏବଂ ଶଙ୍ଖ ଫୁଙ୍କିଥିଲେ।

ଏହି ସମୟରେ, ଶିବସେନା ପକ୍ଷରୁ ସଂଜୟ ଘାଡି ଡେପୁଟି ମେୟର ପଦ ପାଇଁ ମନୋନୀତ ହୋଇଛନ୍ତି। ଡେପୁଟି ମେୟର ଭାବରେ ତାଙ୍କର କାର୍ଯ୍ୟକାଳ ଦେଢ଼ ବର୍ଷ ପାଇଁ ରହିବ। ରିତୁ ତାୱଡେ ଲଗାତାର ତୃତୀୟ ଥର ପାଇଁ ଘଟକୋପରରୁ କାଉନସିଲର ଭାବରେ ନିର୍ବାଚିତ ହୋଇଛନ୍ତି। ସେ ପୂର୍ବରୁ ବିଏମସିର ଶିକ୍ଷା କମିଟିର ଅଧ୍ୟକ୍ଷା ଭାବରେ କାର୍ଯ୍ୟ କରିଥିଲେ। ସେ ବର୍ତ୍ତମାନ ମହାରାଷ୍ଟ୍ର ପ୍ରଦେଶ ମହିଳା ମୋର୍ଚ୍ଚାର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ସେ ୨୦୧୨ ରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। ସେବେଠାରୁ, ଦଳ ଭିତରେ ତାଙ୍କର ପ୍ରତିଷ୍ଠା କ୍ରମାଗତ ଭାବରେ ବୃଦ୍ଧି ପାଇଛି।

ରିତୁ ତାୱଡେ ଜଣେ ବରିଷ୍ଠ ବିଜେପି କର୍ପୋରେଟର। ସେ ୨୦୧୨ ରେ ୱାର୍ଡ ନମ୍ବର ୧୨୭ରୁ ଜିତିଥିଲେ, ୨୦୧୭ରେ ୱାର୍ଡ ନମ୍ବର ୧୨୧ରୁ ନିର୍ବାଚିତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ୨୦୨୫ ନିର୍ବାଚନରେ ୱାର୍ଡ ନମ୍ବର ୧୩୨ ରୁ ଜିତିଥିଲେ। ସେ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନର ଶିକ୍ଷା କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ମେୟର ପଦ ପାଇଁ ଏକ ଦୃଢ଼ ଦାବିଦାର ଭାବରେ ବିବେଚିତ ହୋଇଥିଲେ। ବିଏମସି ନିର୍ବାଚନରେ ବିଜେପି ଏବଂ ଏକନାଥ ସିନ୍ଦେଙ୍କ ଶିବସେନାର ମହାଯୁତି ମେଣ୍ଟ ବହୁମତ ହାସଲ କରିଥିଲା। ଏହି ନିର୍ବାଚନରେ ବିଜେପି ସବୁଠାରୁ ବଡ଼ ଦଳ ହୋଇ ପ୍ରାୟ ୮୯ଟି ଆସନ ଜିତିଥିଲା। ଶିବସେନା ସିନ୍ଦେ ଗୋଷ୍ଠୀ ୨୯ଟି ଆସନ ଜିତିଥିଲା। ମୋଟ ଉପରେ, ମହାଯୁତିର ୧୧୮ରୁ ଅଧିକ ଆସନ ଅଛି। ୨୨୭ ସଦସ୍ୟ ବିଶିଷ୍ଟ ଗୃହରେ ବହୁମତ ପାଇଁ ୧୧୪ଟି ଆସନ ଆବଶ୍ୟକ।

# ଭାରତୀୟ ସମୁଦାୟକୁ ମୋଦିଙ୍କ ସମ୍ବୋଧନ

### ଉଚ୍ଛ୍ୱସିତ ସ୍ୱାଗତରେ ମୋଦି ଅଭିଭୂତ

### ସବୁଦିନ ପାଇଁ ମନେ ରଖିବେ ବୋଲି କହିଲେ

**ନୂଆଦିଲ୍ଲୀ,୭।୨:** ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦୁଇଦିନିଆ ମାଲେସିଆ ଗସ୍ତ କରି ସେଠାକାର ରାଜଧାନୀ କ୍ୱାଲାଲମ୍ପୁରଠାରେ ପହଞ୍ଚି ଭାରତୀୟ ସମୁଦାୟକୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ଭାରତ ପାଇଁ ମାଲେସିଆର ଭଲ ପାଇବା ଓ ସମ୍ମାନ ରହିଛି। ଏଭଳି ସ୍ୱାଗତ ଭାରତ ସବୁଦିନ ପାଇଁ ମନେ ରଖିବ। ଗସ୍ତ ଆରମ୍ଭରୁ ହିଁ ରାଜନୈତିକ ଶିଷ୍ଟାଚାରର ଏକ ଝଲକ ଦେଖିବାକୁ ମିଳିଛି। ଯାହାଫଳରେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛି।

ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଗତ ବର୍ଷ ଆସିଆନ୍ ସମ୍ମିଳନୀରେ ଯୋଗ ଦେବାକୁ ସେ ମାଲେସିଆ ଆସିପାରି ନଥିଲେ। କିନ୍ତୁ ତାଙ୍କ ବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଶୀଘ୍ର ମାଲେସିଆ ଗସ୍ତ କରିବେ। ଏହି ପ୍ରତିଶ୍ରୁତି ଅନୁଯାୟୀ ଆଜି ସେ ଏଠାରେ ପହଞ୍ଚିଛନ୍ତି। ଏହା ୨୦୨୬ରେ ତାଙ୍କର ପ୍ରଥମ ବିଦେଶ ଗସ୍ତ।




ମାଲେସିଆ ଭାରତ ପ୍ରତି ଭଲ ପାଇବା ଦେଖାଇଛି। ଭାରତ ଏପରି ସ୍ୱାଗତକୁ ମନେ ରଖିବ। ମାଲେସିଆରେ ଭାରତୀୟ ସଙ୍ଗୀତ ଓ ସିନେମା ବେଶ୍ ଲୋକପ୍ରିୟ। ମାଲେସିଆର ୫୦୦ ସ୍କୁଲରେ ଭାରତୀୟ ଭାଷା ଶିକ୍ଷା ଦିଆଯାଏ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜବୁତ ହୋଇଛି ବୋଲି ମୋଦି କହିଛନ୍ତି।

ସୂଚନାଯୋଗ୍ୟ ଯେ, ସାଧାରଣ ପ୍ରୋଟୋକଲ୍ ଅନୁସାରେ ବିଦେଶୀ ରାଷ୍ଟ୍ରାଧ୍ୟକ୍ଷଙ୍କ ସ୍ୱାଗତ ନିର୍ଦ୍ଧାରିତ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥାଏ। କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ସବୁ ପରମ୍ପରାକୁ ପଛରେ ପକାଇ ନିଜେ ବିମାନ ବନ୍ଦରରେ ପହଞ୍ଚି ମୋଦିଙ୍କୁ ସ୍ୱାଗତ କରିଥିଲେ। କୁଆଲାଲମ୍ପୁର ଏୟାରପୋର୍ଟରେ ଯେତେବେଳେ ପିଏମ୍ ମୋଦି ଓହ୍ଲାଇଥିଲେ ସେଠାରେ 'ମୋଦି ମୋଦି...' ନାରା ଶୁଣିବାକୁ ମିଳିଥିଲା। ଶ୍ରୀ ଇବ୍ରାହିମ୍ ଅତି ଭବ୍ୟ ତରିକାରେ ମୋଦିଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଆଲିଙ୍ଗନ କରିବା ସହ ତାଙ୍କର ହାଲଚାଲ୍ ପଚାରି ବୁଝିଥିଲେ। ଏହାପରେ ଦୁଇ ଶୀର୍ଷ ନେତା ଏୟାରପୋର୍ଟରୁ ଏକ ବ୍ୟକ୍ତିଗତ କାରରେ ଯାତ୍ରା କରି ନିଜର କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ମାଲେସିଆରେ ପହଞ୍ଚିବା ପରେ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ନିଜର ଭାବନାକୁ ବ୍ୟକ୍ତ କରିଛନ୍ତି। ସେ ଲେଖିଛନ୍ତି ଯେ କୁଆଲାଲମ୍ପୁରରେ ପହଞ୍ଚିଗଲି। ମୋର ମିତ୍ର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଦ୍ୱାରା ବିମାନବନ୍ଦରରେ କରାଯାଇଥିବା ହାର୍ଦ୍ଦିକ ସ୍ୱାଗତରେ ମୁଁ ଅତ୍ୟନ୍ତ ଖୁସି। ମୁଁ ଆପଣଙ୍କ ସହ କଥା ହୋଇ ଭାରତ ଓ ମାଲେସିଆ ଭିତରେ ମିତ୍ରତାର ବନ୍ଧନକୁ ଆହୁରି ମଜବୁତ କରିବାକୁ ଉତ୍ସୁକ ରହିଛି ବୋଲି ମୋଦି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହା ପିଏମ୍ ମୋଦିଙ୍କ ତୃତୀୟ ମାଲେସିଆ ଗସ୍ତ ହୋଇଥିବା ବେଳେ ମାଲେସିଆକୁ ସବୁବେଳେ 'ମିନି ଇଣ୍ଡିଆ' କୁହାଯାଇଆସିଛି। କାରଣ ଏଠାରେ ୩୦ ଲକ୍ଷ ଭାରତୀୟ ବସବାସ କରୁଛନ୍ତି, ଯାହାକି ଦେଶର ମୋଟ ଜନସଂଖ୍ୟାର ୯ ପ୍ରତିଶତ।

## ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗ

# ବିଷ ପିଇଦେଲେ ପିଇଓ

**ବ୍ରହ୍ମପୁର, ୮।୨ (ସଂଚାର ବ୍ୟୁରୋ) :** ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗ । ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାଁରେ ଏପରି ସଙ୍ଗୀନ ଅଭିଯୋଗ ଆସିଛି । ଗୋଳନ୍ଥରା ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତ ପିଇଓ ବିଷ ପିଇ ଦେଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଗୁରୁବାର ରାତିରେ ଏମ୍‌କେସିଜି ଆଇସିୟୁରେ ଭର୍ତ୍ତି କରାଯାଇଛି। ଗତ ୩ ତାରିଖରେ ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଗଣଦୌଡ଼ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ମହିଳା ଅତିରିକ୍ତ ତହସିଲଦାର ଥିଲେ। ଭିଡ଼ ଭିତରେ ଜଣେ ପିଇଓ ତାଙ୍କୁ ଅଶାଳୀନ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ପଦାଧିକାରୀ ଓ ଥାନାରେ ଏନେଇ ପୀଡ଼ିତା ଲିଖିତ ଅଭିଯୋଗ କରିଛନ୍ତି। ପୀଡ଼ିତା ଅଭିଯୋଗ କରିବା ପରେ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଥାନାରୁ ଡାକରା ପାଇବା ପରେ ପିଇଓ ବିଷ ପିଇ ଦେଇଥିଲେ ।

## ସ୍ୱଚ୍ଛତା ନେଇ ବିଏମ୍‌ସିର ନୂଆ ପଦକ୍ଷେପ

# ହାତରେ ହାତ ମିଳାଇ, ଆସ କରିବା ସଫେଇ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ସ୍ୱେଚ୍ଛାସେବୀ ସଂଗଠନର ଆଇଇସି ଆସିଷ୍ଟାଣ୍ଟ, ଆଇଇସି କୋଅର୍ଡିନେଟର, କୋର୍ ମେମ୍ବରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଡେପୁଟି କମିଶନର ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ଉପସ୍ଥିତ ଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ପାଇଁ ଆଇଇସି କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ବିକାଶ, ବେସିକ୍ସ, ଫିଡବ୍ୟାକର କର୍ମକର୍ତ୍ତା ତଥା ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଆଇଇସି ଆସିଷ୍ଟାଣ୍ଟ, ଭେହିକ୍ଲ କୋଅର୍ଡିନେଟର, ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟଙ୍କୁ ନେଇ ଦକ୍ଷତା ବିକାଶ ତାଲିମ ଅନୁଷ୍ଠିତ ହୋଇଛି। ସେମାନେ ଘରକୁ ଘର ଯାଇ ଲୋକଙ୍କୁ ବର୍ଜ୍ୟ ଅଲଗା ଅଲଗା କରି ଦେବା ସହ ଘରେ ନିୟମ ଅନୁଯାୟୀ ୪ ପ୍ରକାର ଡଷ୍ଟବିନ ରଖିବା ପାଇଁ ପ୍ରବର୍ତ୍ତାଇବେ। ଗ୍ରୀନ ଡଷ୍ଟବିନରେ ଓଦା ବର୍ଜ୍ୟ ରଖିବା ସହ ବ୍ଲୁ ଡଷ୍ଟବିନରେ ଶୁଖିଲା, ଲାଲରେ ସାନିଟାରୀ ନାପକିନ୍ ଓ ବ୍ଲାକ ଡଷ୍ଟବିନରେ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ରଖିବା ପାଇଁ କୁହାଯାଇଛି। ବିଶେଷକରି ଗୃହିଣୀମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ କମିଶନର ଶ୍ରୀ ଦାସ କହିଛନ୍ତି।

ସମସ୍ତ କର୍ମଚାରୀ ଓ ସଂଗଠନ ନିଜ ନିଜର ସୋସିଆଲ ମିଡିଆକୁ ସକ୍ରିୟ କରିବା ପାଇଁ ପରାମର୍ଶ ଦେଇଛନ୍ତି କମିଶନର ଚଞ୍ଚଳ ରାଣା। ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସେମାନଙ୍କ ଅଫିସିଆଲ ଫେସବୁକ୍, ଇନଷ୍ଟାଗ୍ରାମ, ଏକ୍ସ, ୟୁଟ୍ୟୁବ୍ ଆଦିକୁ ସକ୍ରିୟ ରଖିବା ସହ ସମସ୍ତ କର୍ମଚାରୀ ମଧ ନିଜ ନିଜର ବ୍ୟକ୍ତିଗତ ସୋସିଆଲ ମିଡିଆକୁ ଆକ୍ଟିଭ ରଖିବା ପାଇଁ କୁହାଯାଇଛି। ସ୍ୱେଚ୍ଛାସେବୀ ସଂଗଠନର ଜଣେ ସ୍ୱତନ୍ତ୍ର କର୍ମଚାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ତଦାରଖ କରିବେ। ଯେଉଁଠାରୁ ଯାହା ଅଭିଯୋଗ ଆସିବ, ତୁରନ୍ତ ତା'ର ସମାଧାନ କରିବେ। ଚଳିତ ବର୍ଷ ଭୁବନେଶ୍ୱର ସମସ୍ତ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସମାଜସେବୀ, ମାର୍କେଟ ଆସୋସିଏସନ, ଆବାସିକ ସଂଗଠନ, ଏସଏଚଜି, ବଜାର ଆସୋସିଏସନ, ଭେଣ୍ଡିଂଜୋନ୍ ଆସୋସିଏସନ, ବସ୍ତିବାସିନ୍ଦା ସଂଗଠନ ସର୍ବୋପରି ବ୍ୟକ୍ତି ବିଶେଷ ସହଯୋଗ କରିବା ସହ ଭୁବନେଶ୍ୱରକୁ ଦେଶର ଏକ ନମ୍ବର ସହର ଭାବେ ଗଢ଼ିତୋଳିବାକୁ ଶ୍ରୀମତୀ ଦାସ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସମସ୍ତେ 'ସ୍ୱଚ୍ଛତାର ନୂଆ ପଦକ୍ଷେପ-ହାତରେ ହାତ ମିଳାଇ; ଆସ କରିବା ସଫେଇ' ଶପଥ ନେଇଥିଲେ। ଶେଷରେ ସମସ୍ତେ 'ଆମ ଭୁବନେଶ୍ୱର; ହେବ ଏକ ନମ୍ବର' ନାରା ଦେଇଥିଲେ।

## ହାଇଦ୍ରାବାଦ-ବିଜୟୱାଡ଼ା ବସରେ ଅଗ୍ନିକାଣ୍ଡ

# ଅଳ୍ପକେ ବର୍ତ୍ତିଲେ ୩୯ ଯାତ୍ରୀ

**ହାଇଦ୍ରାବାଦ,୭।୨(ସଂଚାର ବ୍ୟୁରୋ):** ହାଇଦ୍ରାବାଦରୁ ବିଜୟୱାଡ଼ା ଅଭିମୁଖେ ଯାଉଥିବା ଏକ ଘରୋଇ ବସରେ ଅଚାନକ ଅଗ୍ନିକାଣ୍ଡ ଘଟିଛି। ଆନ୍ଧ୍ରପ୍ରଦେଶ ଏନଟିଆର ଜିଲ୍ଲାର କାଞ୍ଚିକଚେରଲା ପୁଲିସ ଷ୍ଟେସନ ନିକଟସ୍ଥ ନନ୍ଦୀଗାମା ପାର୍ଶ୍ୱବର୍ତ୍ତୀ କୀସାରା ଟୋଲ ନିକଟରେ ଉକ୍ତ ବସରେ ଏପରି ଅଗ୍ନିକାଣ୍ଡ ଘଟିଛି। ତେବେ ସୌଭାଗ୍ୟବଶତଃ ଉକ୍ତ ବସ୍‌ରେ ଯାତ୍ରା କରୁଥିବା ୩୯ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନାନୁସାରେ, ବସର ଇଞ୍ଜିନରୁ ଧୂଆଁ ବାହାରୁଥିବା ଦେଖି ଗାଡ଼ିର କର୍ମଚାରୀ ସତର୍କ ହୋଇ ବସକୁ ଅଟକାଇଥିଲେ। ନିଆଁ ବ୍ୟାପିବା ପୂର୍ବରୁ ୩୯ ଜଣ ଯାତ୍ରୀ, ଡ୍ରାଇଭର ଓ ଅନ୍ୟ ସମସ୍ତେ ମିଶି ଜିନିଷ ସହ ଓହ୍ଲାଇଯାଇଥିଲେ। ଏହାପରେ ବସ୍ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଦମକଳ ଗାଡ଼ି ଓ ପୁଲିସ ନିଆଁକୁ ଆୟତ୍ତ କରିଥିଲେ। ତେବେ ଘଟଣାରେ ବସଟି ଜଳିଯାଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି।

## ଏସ୍‌ଆଇଆର୍ ବିରୋଧରେ ପ୍ରତିବାଦ ସଭା

**କୋଲକାତା, ୭।୨ (ସଂଚାର ବ୍ୟୁରୋ) :** ଦିନ ବିତିବା ସହିତ, ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିରୋଧରେ ପ୍ରତ୍ୟେକ ଜିଲ୍ଲାରେ ପ୍ରତିବଦ ଜୋରଦାର ହେଉଛି। ଅନେକ ସ୍ଥାନରେ ସାଧାରଣ ଲୋକ କୌଣସି ରାଜନୈତିକ ଦଳର ବ୍ୟାନର ବିନା ଏହାର ପ୍ରତିବାଦ କରୁଛନ୍ତି। ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ମହମବତୀ ଜଳାଯାଉଛି, ଏବଂ ଏସ୍‌ଆଇଆର୍‌ର ମୃତ ପୀଡିତଙ୍କ ପାଇଁ ନୀରବତା ପାଳନ କରାଯାଉଛି। ଶୁକ୍ରବାର ଶରତ ସଦନ ସମ୍ମୁଖରେ ହାଓଡା ମୈଦାନ ଅଞ୍ଚଳରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା, ରାଜ୍ୟର ଏକ ଶୀର୍ଷ ମାନବାଧିକାର ସଂଗଠନ ସିପିଡିଆର୍ ଇଣ୍ଡିଆ ଦ୍ୱାରା ଏକ ଜୋରଦାର ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଯେଉଁଥିରେ ଏହି ସଂଗଠନର ରାଜ୍ୟ ସଭାପତି ଦିବାକର ଗାଙ୍ଗୁଲି ବର୍ତ୍ତମାନର ଜାତୀୟ ନିର୍ବାଚନ କମିଶନଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ ଏହି ରାଜ୍ୟରେ ଏସ୍‌ଆଇଆର୍ ନାମରେ ଲୋକଙ୍କୁ ହଇରାଣ କରାଯାଉଛି। କମିଶନ ସାଧାରଣ ଲୋକଙ୍କ ମତଦାନ ଅଧିକାର ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛି। ଯାହା ଯୋଗୁଁ ଆଜି ଗରିବଙ୍କଠାରୁ ସଂଖ୍ୟାଲଘୁ ମୁସଲମାନ ପର୍ଯ୍ୟନ୍ତ ସମସ୍ତେ ଭୟଭୀତ। ଏବଂ ଅନେକ ଆତ୍ମହତ୍ୟାର ରାସ୍ତା ବାଛିଛନ୍ତି କାରଣ ସେମାନେ ସେହି ଆତଙ୍କକୁ ସହ୍ୟ କରିପାରୁନାହାଁନ୍ତି। ସେ କହିଛନ୍ତି ଯେ ଏପର୍ଯ୍ୟନ୍ତ ୧୫୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଯାହାକୁ ମାନବାଧିକାର କର୍ମୀ ଭାବରେ ଗ୍ରହଣ କରିବା ସେମାନଙ୍କ ପାଇଁ ଅସମ୍ଭବ।

## ବସ୍ ଓଲଟି ଜଣେ ମୃତ, ୧୮ ଆହତ

**କୋଲକାତା, ୭।୨ (ସଂଚାର ବ୍ୟୁରୋ) :** ଶନିବାର ସକାଳେ ମେଦିନୀପୁରର ଆମଲାଶୁଳିରୁ ଦୀଘା ଯାଉଥିବା ଏକ ଘରୋଇ ବସ୍ ଖଡ଼ଗପୁର ଗ୍ରାମାଞ୍ଚଳ ଥାନାର ସାନକୋଆ ଅଞ୍ଚଳରେ ୧୬ ନମ୍ବର ଜାତୀୟ ସଡକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦ୍ରୁତ ଗତିରେ ଅନ୍ୟ ଏକ ବସକୁ ଓଭରଟେକ କରିବା ସମୟରେ ଟାୟାର ଫାଟି ଯିବାରୁ ବସଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଏହି ଘଟଣାରେ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୧୮ ରୁ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖଡ଼ଗପୁର ଗ୍ରାମାଞ୍ଚଳ ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା। ୧୫ ଜଣଙ୍କୁ ମେଦିନୀପୁର ମେଡିକାଲ କଲେଜ ଏବଂ ବାକିମାନଙ୍କୁ ଖଡ଼ଗପୁର ମହକୁମା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ



**କଟକ,୭।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାରକୁ ରୋକିବା ଦିଗରେ ଦୃଢ଼ ସଂକଳ୍ପବଦ୍ଧ ଅଛନ୍ତି। ଏଥିନେଇ ଅବକାରୀ ବିଭାଗ ପକ୍ଷରୁ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅବକାରୀ ବିଭାଗର ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିୟମିତ ଚଢ଼ାଉ ଫଳରେ ବହୁ ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ଅଞ୍ଚଳକୁ ଧ୍ୱଂସ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ଏହିଭଳି ଚଢ଼ାଉକୁ ଜୋରଦାର କରାଯିବା ସହ ବିଭାଗରେ ଅନେକ ସଂସ୍କାର ଆସିବ। ଏଥିଲାଗି ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଯୁଗୋପଯୋଗୀ ହେବାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମଠାରେ ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିବା ଅବସରରେ କହିଛନ୍ତି।

# କୋଲକାତାରେ ବିଜେପିର ନୂଆ ରଣନୀତି

**କୋଲକାତା, ୭।୨ (ସଂଚାର ବ୍ୟୁରୋ) :** ସାଧାରଣ ଲୋକ କ'ଣ ଚାହାଁନ୍ତି ? ସେମାନଙ୍କର ସମସ୍ୟା କ'ଣ ? ଏଥର, ରାଜ୍ୟ ବିଜେପି ନିର୍ବାଚନ ଇସ୍ତାହାରରେ ଲୋକଙ୍କ ସମସ୍ୟା ଏବଂ ଦାବିକୁ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛି। ରାଜ୍ୟର ପ୍ରତ୍ୟେକ କୋଣରେ ଲୋକଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କ ସମସ୍ୟା ଶୁଣିବେ ଦଳୀୟ କର୍ମୀ। ରାଜ୍ୟ ବିଜେପି ପକ୍ଷରୁ ଏକ ମୋବାଇଲ ନମ୍ବର ଜାରି କରାଯାଇଛି। ଯେକେହି ଏହି ନମ୍ବରରେ କଲ କରି ନିଜର ପରାମର୍ଶ ଜଣାଇପାରିବେ। ରାଜ୍ୟ ବିଜେପି ସଭାପତି ଶମୀକ ଭଟ୍ଟାଚାର୍ଯ୍ୟ ଶନିବାର କହିଛନ୍ତି ଯେ ଲୋକଙ୍କ ସମସ୍ତ ପରାମର୍ଶକୁ ବିଚାରକୁ ନେଇ ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରାଯିବ।



# ବିଜେପିରେ ମିଶିଲେ ବିଜେଡି ସମର୍ଥିତ ସରପଞ୍ଚ

**ଭୁବନେଶ୍ୱର, ୭।୨ (ସଂଚାର ବ୍ୟୁରୋ) :** ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଗ୍ରାମ ପଂଚାୟତର ସରପଂଚ ରଶ୍ମିତା ରାଉତରାୟ, ତାଙ୍କ ପ୍ରତିନିଧି ଭାସ୍କର ରାଉତରାୟ, କଲାଙ୍ଗ ଗ୍ରାମ ପଂଚାୟତର ଯୁବ ନେତା ଚିନ୍ମୟ ହୋତା, ଡାବରଧୁଆ ଗ୍ରାମ ପଂଚାୟତର ଯୁବ ନେତା ପାପୁନ ରାଉତ ବିଜୁ ଜନତା ଦଳ ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

## ୧୮ରୁ ଉଚ୍ଚ ମାଧ୍ୟମିକ ଏବଂ ୧୯ରୁ ମାଧ୍ୟମିକ ପରୀକ୍ଷା

# ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ମୁଖ୍ୟ ସଚିବଙ୍କ ତାଗିଦ

**ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଅବହେଳାକୁ ବରଦାସ୍ତ କରାଯିବନି**

**ଭୁବନେଶ୍ୱର, ୨।୯।୧ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଏବଂ ମଧ୍ୟମା ପରୀକ୍ଷା ଫେବୃୟାରୀରୁ ୧୯ରୁ ଅନୁଷ୍ଠିତ ହେବ। ଏହି ଦୁଇ ପରୀକ୍ଷା ଶୃଙ୍ଖଳିତ ପରିଚାଳନା ନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟ ଶାସନ ସଚିବ ସତର୍କ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ସମସ୍ତଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଲା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧକ୍ଷ ମୃଣାଳକାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୁଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ ।

ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଏବର୍ଷ ୨ ଲକ୍ଷ ୫୬ ହଜାର ୭୦୭ ଜଣ କଳା, ବାଣିଜ୍ୟରେ ୨୪ ହଜାର ୬୨୧ ଏବଂ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଏହିପରି ମୋଟ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ୨୧୧ ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ ଟି ପରୀକ୍ଷା କେନ୍ଦ୍ର ସହ ୭ଟି ଉପକେନ୍ଦ୍ର ବ୍ୟବସ୍ଥା କରାଯାଇଛି । ଏହି ପରୀକ୍ଷା ୧୮ ଫେବୃଆରୀ ରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ୨୩ ଦିନ ଧରି ଚାଲିବ । ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍‌ର ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ୨ ମାର୍ଚ୍ଚ ୨୦୨୬ ରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ ଲକ୍ଷ ୪୬ ହଜାର ୮୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ ୫ ଲକ୍ଷ ୬୧ ହଜାର, ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏଥି ପାଇଁ ସମସ୍ତ ଜିଲ୍ଲାରେ ମୋଟ ୩୨୨ ଟି ନୋଡାଲ ସେଣ୍ଟର, ୩୦୮୨ ଟି ପରୀକ୍ଷା କେନ୍ଦ୍ର ଓ ୫୦ ଟି "ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର" ରହିଛି । ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି । ପରୀକ୍ଷା ପରିଚାଳନା ସଂପର୍କିତ ନିୟମ ବା ବିଧାନର ଉଲଙ୍ଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଏବଂ ଭାରତରେ ନ୍ୟାୟ ସଂହିତା ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି । ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଆଥଲେଟିକ୍ସ ଜାତୀୟ ଚାମ୍ପିଅନସିପରେ ଓଡ଼ିଶା ଜିତିଲା ୩୪ ପଦକ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ପରିସରରେ ଗତକାଲି ଉଦ୍‌ଯାପିତ ହୋଇଥିବା ସ୍ୱତନ୍ତ୍ର ଅଲିମ୍ପିକ୍‌ର ଆଥଲେଟିକ୍ସ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ମୋଟ ୩୪ଟି ପଦକ ହାସଲ କରି ଅଭୂତପୂର୍ବ ସଫଳତା ପାଇଛି। ପ୍ରତିଯୋଗିତାରେ ମୋଟ ୨୭ଟି ରାଜ୍ୟରୁ ୭୦୦ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାକୁ ୧୩ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ମିଳିଛି।

ମହିଳା ବିଭାଗରେ ହର୍ଷିତା ପ୍ରିୟଦର୍ଶିନୀ ତ୍ରିପାଠୀ (୫୦ ମିଟର ଦୌଡ଼-କାଂସ୍ୟ ପଦକ ଓ ୧୦୦ ମିଟର ଦୌଡ଼ - କାଂସ୍ୟ ପଦକ) ସଙ୍ଗୀତା ନାଏକ, (୫୦ ମିଟର ଦୌଡ଼ - ରୌପ୍ୟ ପଦକ ଓ ୧୦୦ ମିଟର ଦୌଡ଼ - କାଂସ୍ୟ ପଦକ), ସତ୍ୟଭାମା ସାହୁ (୫୦ ମିଟର ଦୌଡ଼ - ରୌପ୍ୟ ପଦକ ଓ ୧୦୦ ମିଟର ଦୌଡ଼ - ରୌପ୍ୟ ପଦକ), ଲିଲିମା ଭୁଏ, (୧୦୦ ମିଟର ଦୌଡ଼- ରୌପ୍ୟ ପଦକ) ଦୀପିକା କୁମ୍ଭାର (୫୦ ମିଟର ଦୌଡ଼-ରୌପ୍ୟ ପଦକ ଓ ୧୦୦ ମିଟର ଦୌଡ଼ - ରୌପ୍ୟ ପଦକ), ଗୀତାଞ୍ଜଳି ସିଂହ (୫୦ ମିଟର ଦୌଡ଼ - ସ୍ୱର୍ଣ୍ଣ ପଦକ ଓ ୧୦୦ ମିଟର ଦୌଡ଼ - ୫ମ ସ୍ଥାନ), ସଗୁପ୍ତା ସାହିନ୍ (୨୦୦ ମିଟର ଦୌଡ଼ - ସ୍ୱର୍ଣ୍ଣ ପଦକ ଓ ଲମ୍ବା ଜମ୍ପ - ସ୍ୱର୍ଣ୍ଣ ପଦକ ଓ ରିଲେ ଦୌଡ଼ - ସ୍ୱର୍ଣ୍ଣ ପଦକ), ଜସ୍ମିତା ମାରାଣ୍ଡି (ରିଲେ ଦୌଡ଼ - ସ୍ୱର୍ଣ୍ଣ ପଦକ), ସୀମା ପଟେଲ (ରିଲେ ଦୌଡ଼ - ସ୍ୱର୍ଣ୍ଣ ପଦକ ଓ ୪୦୦ ମିଟର ଦୌଡ଼ — ରୌପ୍ୟ ପଦକ), ସୀମା ନାୟକ, ରିଲେ ଦୌଡ଼ ସ୍ୱର୍ଣ୍ଣ ପଦକ ଓ ସଟ୍ ପୁଟ୍ — ରୌପ୍ୟ ପଦକ) କୃତିତ୍ୱ ହାସଲ କରିଛନ୍ତି।

ସେହିପରି ପୁରୁଷ ଦଳ ପକ୍ଷରୁ ଭୀମସେନ ରାଣା (ଲମ୍ବଡିଆଁ—ସ୍ୱର୍ଣ୍ଣ ପଦକ ଓ ୨୦୦ ମିଟର ଦୌଡ଼ —ରୌପ୍ୟ ପଦକ), ଶୁଭେନ୍ଦୁ ବୈଗା, ଦୌଡ଼ ଲମ୍ବା ଡିଆଁ — ସ୍ୱର୍ଣ୍ଣ ପଦକ ଓ ରିଲେ ଦୌଡ଼ — କାଂସ୍ୟ ପଦକ), ହୃଦାନନ୍ଦ ନାଗ, ଶଟ୍‌ପୁଟ୍ —ସ୍ୱର୍ଣ୍ଣ ପଦକ ଓ ରିଲେ ଦୌଡ଼ — କାଂସ୍ୟ ପଦକ), ସତ୍ୟବ୍ରତ ଦାଶ ( ଦୌଡ଼ ଲମ୍ବଡିଆଁ —ସ୍ୱର୍ଣ୍ଣ ପଦକ ଓ ରିଲେ ଦୌଡ଼- କାଂସ୍ୟ ପଦକ), ବିମଳ ନାୟକ (ଶଟ୍‌ପୁଟ୍ —ସ୍ୱର୍ଣ୍ଣ ପଦକ ଓ ୨୦୦ ମିଟର ଦୌଡ଼—କାଂସ୍ୟ ପଦକ), ଅମନ୍ ପଟେଲ (ଦୌଡ଼ ଲମ୍ବଡିଆଁ—କାଂସ୍ୟ ପଦକ), ବାଦଲ ବନଛୁର (୨୦୦ ମିଟର ଦୌଡ଼—ରୌପ୍ୟ ପଦକ ଓ ୪୦୦ ମିଟର ଦୌଡ଼—କାଂସ୍ୟ ପଦକ), ଲବ ବେହେରା (୪୦୦ ମିଟର ଦୌଡ଼—ସ୍ୱର୍ଣ୍ଣ ପଦକ ଓ ୨୦୦ ମିଟର ଦୌଡ଼—ରୌପ୍ୟ ପଦକ) ହାସଲ କରିଥିବା ବେଳେ ପୁରୁଷ ଦଳଗତ ପଦକ ବି ଓଡ଼ିଶା ହାତେଇଛି। ଆଜି ସନ୍ଧ୍ୟାରେ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶ...

ଓ ବନ୍ଦରଭିତ୍ତିକ ବିକାଶରେ ପାରାଦୀପ। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳଗୁଡିକୁ ଆଧୁନିକ ଭିତ୍ତିଭୂମି ସହ ଯୋଡ଼ାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ, ବାୟୋଟେକ୍, ଟେକ୍ସଟାଇଲ, କେମିକାଲ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏଥିସହ ୩୦ରୁ ଅଧିକ ପଲିସି ଇନିସିଏଟିଭ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୬-୨୭ ବଜେଟରେ କେନ୍ଦ୍ର ସରକାର ସହାରାଞ୍ଚଳ ଅର୍ଥନୈତିକ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର ରିଜିଅନ ମଧ ସ୍ଥାନ ପାଇଛି। ପ୍ରତ୍ୟେକ ସହାରାଞ୍ଚଳ ଅର୍ଥନୈତିକ ରିଜିଅନର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ରାଜ୍ୟର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର ଅର୍ଥନୀତି କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଅର୍ଥନୈତିକ ଯୋଜନା ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଓ ସିଇଓ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହରମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ଟି ନୂଆ ଏନଏସି, ୭ଟି ମ୍ୟୁନିସିପାଲଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରକଳ୍ପ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ ପ୍ରଥମ ୫ଟି ମଧରେ ବିସିପିପିଇଆର ସ୍ଥାନିତ ହୋଇଛି। ଏହି ଅଞ୍ଚଳ ଅଭିବୃଦ୍ଧି ହେଲେ ଅଞ୍ଚଳବାସୀଙ୍କର ମଧ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ। ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ନୀତି ଆୟୋଗର ସିଇଓ ଶ୍ରୀ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଧନ୍ୟବାଦ ଜଣାଇ କହିଥିଲେ ଯେ ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ, ବିକଶିତ ଭାରତ ପାଇଁ ମଧ ସହାୟକ ହେବ।

## ମାଓମୁକ୍ତ...

ନିୟମଗିରି ପାଦଦେଶରେ ରହି ବାଘୁନା ଡିଭିଜନକୁ ପରିଚାଳନା କରୁଥିଲେ। ତେବେ ଆଗକୁ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ପାଇଁ କାମ କରିବେ ବୋଲି ଆତ୍ମସମର୍ପଣ ପରେ ସେମାନେ କହିଛନ୍ତି। ମାଓବାଦୀମାନେ ହିଂସାକାଣ୍ଡ ପାଇଁ ବ୍ୟବହାର କରୁଥିବା ୨ଟି ଏକେ-୪୭, ୫ଟି ଏସଏଲଆର୍, ଗୋଟିଏ ଷ୍ଟେନ୍‌ଗନ୍, ଗୋଟିଏ ଇନସାସ୍, ଗୋଟିଏ ରାଇଫଲ ସହ ଅଫୁଟା ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ ଆଇଜି ଅମିତେନ୍ଦ୍ରନାଥ ସିହ୍ନା, ଦକ୍ଷିଣ ପଶ୍ଚିମ ଡିଆଇଜି କୁଅଁର ବିଶାଳ ସିଂ, ରାୟଗଡା ଏସପି ସ୍ୱାତୀ ଏସ କୁମାର, କଳାହାଣ୍ଡି ଏସପି ଦେବରାଜ ନାଗାର କୋଣ୍ଡା, କନ୍ଧମାଳ ଏସପି ହରିଶ ବିସି, ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା...

ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରା ସ୍ଫୀତି ନିୟନ୍ତ୍ରଣ ହୋଇଛି। ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ହୋଇଛି। ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମ ବିଶ୍ୱରେ ତୃତୀୟ ହୋଇଛି। ମୋଦି ସରକାରରେ ଲୋକଙ୍କ ଜୀବନ ସହଜ ହୋଇଛି। ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି।

ଚଳିତ ବଜେଟରେ ଆଗାମୀ ୫ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଓ ୪୦ ହଜାର କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି। ଶ୍ରମ-ଭିତ୍ତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି। ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ୍ ଗଠନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉଦ୍ୟୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି। ଦେଶର ୧୫ ହଜାର ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କଲେଜରେ 'ଏଭିଜିସି' (ଆନିମେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ। ଛାତ୍ରୀମାନଙ୍କୁ ଷ୍ଟେମ ଶିକ୍ଷାରେ ସହାୟତା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ କରାଯିବ। ଶିକ୍ଷା ଓ ଚିକିତ୍ସା ଉଦ୍ଦେଶ୍ୟରେ ବିଦେଶକୁ ଅର୍ଥ ପ୍ରେରଣ ଉପରେ ଟିସିଏସ ହାରକୁ ୫ରୁ ୨ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ବଜେଟ୍‌ରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରିବ। ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ୩ଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ। ଏହି ବଜେଟରେ କୃଷି, ଶିକ୍ଷା ଏବଂ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ଭାବେ ଉପକୃତ ହେବ। ରାଜ୍ୟର କୃଷି ଭିତ୍ତିଭୂମିର ସୁଦୃଢ଼ୀକରଣ, ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିଶ୍ୱସ୍ତରୀୟ ବିକାଶ ପାଇଁ ଏଥିରେ ବିଶେଷ ପ୍ରାଥମିକତା ଦିଆଯାଇଛି। 'ପୂର୍ବୋଦୟ' ଯୋଜନା ମାଧ୍ୟମରେ ଓଡ଼ିଶାକୁ ଦେଶର ବିକାଶର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ପାଇଁ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଅନୁଦାନ ପ୍ରଦାନ କରାଯାଇଛି, ଯାହା ୨୦୦୯-୧୪ ର ହାରାହାରି ଅନୁଦାନ ତୁଳନାରେ ପ୍ରାୟ ୧୩ ଗୁଣ ଅଧିକ। ଅପରପକ୍ଷରେ ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ଓ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେଇଯିବ। ଏହି ବଜେଟରେ 'ନ୍ୟୁ ଏଜ୍ ଇକୋନୋମି' ବା ନୂତନ ଯୁଗର ଅର୍ଥନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ନୂତନ ଜ୍ଞାନକୌଶଳ ଓ ଖଣିଜ ସମ୍ପଦର ସଦୁପଯୋଗ ଦ୍ୱାରା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ଅନେକ ନୂଆ ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ ଜଳସେଚନର ସୁବିଧା ପାଇଁ ଜଳାଶୟ ଓ ଅମୃତ ସରୋବରର ବିକାଶ କରାଯିବ, ଯାହା କେବିକେ ଜିଲ୍ଲାଗୁଡ଼ିକ ପାଇଁ ବରଦାନ ସଦୃଶ ହେବ। ଓଡ଼ିଶାର ପ୍ରାୟ ୧୫ ଲକ୍ଷ କେନ୍ଦୁପତ୍ର ଶ୍ରମିକ ଓ ଜନଜାତିଙ୍କ ଜୀବନରେ ଏହି ବଜେଟ୍ ଏକ ବଡ଼ ପରିବର୍ତ୍ତନ ଆଣିବ। କେନ୍ଦୁପତ୍ର ଉପରେ ଟିକସ ୫ରୁ ୨ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ସମ୍ବଲପୁରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଶ୍ରମିକମାନେ ଉପକୃତ ହେବେ। ଉପକୂଳବର୍ତ୍ତୀ ଅଞ୍ଚଳରେ ନଡ଼ିଆ, କାଜୁ ଓ କୋକୋ ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସରକାରଙ୍କ ଗରିବ ଓ ଚାଷୀ କଲ୍ୟାଣର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ମାର୍ଚ୍ଚ...

ଆଚାର୍ଯ୍ୟ କହିଛନ୍ତି। ତେବେ ଆସନ୍ତା ମାର୍ଚ୍ଚ ୧୪ରେ ହେବାକୁ ଥିବା ଶୁଣାଣି ମହାନଦୀ ଜଳ ଆବଣ୍ଟନ ପ୍ରସଙ୍ଗ ଉପରେ ଧ୍ୟାନ ଦେବା ସହ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘକାଳୀନ ବିବାଦର ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ସେପଟେ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଆଜି ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିଲେ ଓଡ଼ିଶାବାସୀ। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା କି ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି।

## ଆଉ...

କରିବା ବିଜେପି ଦଳର ସଂସ୍କାର ବୋଲି ସେ କହିଛନ୍ତି। ମୋତେ ଅନୁଭବ ହୁଏ ଯେତେବେଳେ ମୁଁ ସତ କଥା କହିଦିଏ। ମୋର ସେମିତି କିଛି ମନକୁ ଆସିଛି ଲଢ଼ିବିନି ବୋଲି ତେଣୁ ମୁଁ କହିଦେଲି। ମୋ ପାର୍ଟି ମୋତେ ବହୁ କ୍ଷମତା ଦେଇଛି, ମନ୍ତ୍ରୀ ବି କରେଇଛି ତେଣୁ ଦଳକୁ ସଂଗଠିତ କରିବା ସହ ଦଳକୁ ଅଧିକ ମଜବୁତ କରିବା ପାଇଁ ମୁଁ ସବୁବେଳେ ଉଦ୍ୟମ ଜାରି ରଖିବି। ଦଳ ଦ୍ୱାରା ଲୋକଙ୍କ ସେବା କରିବା ମୋର ମୂଳ ଲକ୍ଷ୍ୟ। ସବୁଠାରୁ ବଡ଼ କଥା ହେଉଛି ଆମ ପାର୍ଟିର ମଣ୍ଡଳ ସଭାପତିଙ୍କ ବୟସ କାହାର ବି ୪୫ ବର୍ଷରୁ ଅଧିକ ହେବ ନାହିଁ। ଏହି ଦୃଷ୍ଟିରୁ ସେମାନଙ୍କୁ କମ ବୟସରେ କରାଯାଇଛି କି ସେମାନେ ବେଶୀ କାମ ଆଉ ଭଲ କାମ କରିପାରିବେ। ଅଧିକ ବୟସ ହେଲେ ସେମାନେ ଆରାମରେ କାମ କରିପାରିବେ ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି।

## ଚଢ଼ିଗଲା...

ସ୍ୱାଭାବିକ କରିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଜୟ...

ଚୌକା ଓ ୪ଟି ଛକା ସହ ୮୪ ରନ୍‌ରେ ଅପରାଜିତ ଥିଲେ। ଆମେରିକା ପକ୍ଷରୁ ସଫଳ ବୋଲର୍ ଭାବେ ଏସ୍ ଭାନ୍ ସ୍କାକ୍‌ୱିକ୍ ୪ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ପକ୍ଷରୁ ସଞ୍ଜୟ କ୍ରିଷ୍ଣମୂର୍ତ୍ତି ଓ ଶୁଭମ୍ ରଞ୍ଜନେ ୩୭ ରନ୍ ଲେଖାଏଁ କରିଥିବା ବେଳେ ମିଲିନ୍ଦ କୁମାର ୩୪ ରନ୍‌ର ସହଯୋଗ ଦେଇଥିଲେ। କିନ୍ତୁ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ୨ ଅଙ୍କରେ ବି ପହଞ୍ଚିପାରିନଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ, ଅକ୍ଷର ପଟେଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହି ବିଜୟ ସହ ଭାରତ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି।

## ଖର୍ଚ୍ଚ...

ଖର୍ଚ୍ଚ ଅତ୍ୟନ୍ତ ନୈରାଶଜନକ । ଆଉ ମାତ୍ର ଦେଢ଼ ମାସ ସମୟ ଥିବା ବେଳେ ମୂଳ ବଜେଟ ସହ ଅତିରିକ୍ତ ବଜେଟ ଅର୍ଥ ଖର୍ଚ୍ଚ ହେବା ନେଇ ସନ୍ଦେହ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ରେ ରାଜ୍ୟ ସରକାର ବଜେଟ ଆକାରରେ ୯.୪ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୨୪-୨୫ରେ ୨ଲକ୍ଷ ୬୫ ହଜାର କୋଟିର ବଜେଟ ପ୍ରସ୍ତୁତ ହୋଇଥିଲା। ୨୦୨୫-୨୬ରେ ବଜେଟ ଆକାର ୨ଲକ୍ଷ ୯୦ ହଜାର କୋଟିକୁ ବଢ଼ିଥିଲା। ଏଥିରେ କୃଷି ପାଇଁ କେବଳ ୩୭ହଜାର ୮୩୮ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ କରିଥିଲେ ସରକାର। ଏଥିସହିତ ଡିସେମ୍ବରରେ ସରକାର ଆଣିଲେ ୧୭ହଜାର ୪୪୦ କୋଟିର ଅତିରିକ୍ତ ବଜେଟ। ସୂଚନା ଅନୁଯାୟୀ, ଗତବର୍ଷ ଏହି ସମୟ ତୁଳନାରେ ଏବର୍ଷ ରାଜସ୍ୱ ବିଭାଗ ୩୪.୭୬ ପ୍ରତିଶତ, ଅବକାରୀ ବିଭାଗ ୪୧.୬୬ ପ୍ରତିଶତ,ଏମଏସଏମଇ ୪୪.୨୨ ପ୍ରତିଶତ କମ ଅର୍ଥ ଖର୍ଚ୍ଚ କରିଛନ୍ତି । ତେଣୁ ଖର୍ଚ୍ଚ ସୀମା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ସବୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିବା ଜଣାପଡ଼ିଛି।

### ବିଦ୍ୟାଳୟରେ ମଦ୍ୟପଙ୍କ ଉନ୍ମତ୍ତକାଣ୍ଡ

## ଛାତ୍ରଛାତ୍ରୀଙ୍କୁ ମାଡମାରି ଥାନାରେ ଅଟକ



**ଧାମନଗର,୭।୨ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅଧିନ ସୋହଡ଼ା ପଞ୍ଚାୟତ କଣ୍ଟାପାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ମଦ୍ୟପ ବିଦ୍ୟାଳୟ ପରିସରରେ ପଶି ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ସ୍ଥାନୀୟ ଗ୍ରାମର ସନାତନ ସୁତାର ବୋଲି ଜଣାପଡିଛି। ପ୍ରକାଶ ଥାଉକି ମଧାହ୍ନ ଭୋଜନ ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ପରିସରରେ ଥିବାବେଳେ ସନାତନ ମଦ୍ୟପାନ କରି ସ୍କୁଲରେ ପହଞ୍ଚି ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହିତ ଖେଳ ସରଞ୍ଜାମ ଛଡାଇ ନେଇ ପିଲାମାନଙ୍କୁ ମାଡମାରି ଆକ୍ରମଣ କରିଥିଲା। ଫଳରେ ୫ମ ଶ୍ରେଣୀର ୩ଜଣ ଛାତ୍ର ଜଗନଜିତ ଗାହାଣ, ପ୍ରିୟତମ ପ୍ରକାଶ ଆଚାର୍ଯ୍ୟ ଓ ଶାନ୍ତନୁ ଶତପଥି ଏହି ଆକ୍ରମଣ ଶିକାର ହୋଇଥିଲେ। ଏଥିରେ ପିଲାଙ୍କର ଦେହରେ ମାଡ଼ ଚିହ୍ନ ଥିବା ସହ ତାଙ୍କ ଡ୍ରେସ୍ ଚିରିଯାଇଥିଲା। ଘଟଣା ସମୟରେ ସ୍ଥାନୀୟ ଯୁବକମାନେ ପହଞ୍ଚି ମଦ୍ୟପ ଯୁବକକୁ କାବୁକରି ଧାମନଗର ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଏଏସଆଇ ନରେନ୍ଦ୍ର ରାଉତ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏହି ଘଟଣାକୁ ନେଇ ଅଭିଭାବକ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

### ପିକଅପ ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର

**ନୀଳଗିରି,୭।୨ (ସଂଚାର ବ୍ୟୁରୋ):** ଅଜଣା କାଠ ବୋଝେଇ ପିକଅପ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣାଟି ନୀଳଗିରି ଥାନା ଅଧୀନସ୍ଥ ତଥା ଶେରଗଡ଼-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ, ପୋଡ଼ାଶୂଳ ଛକ ନିକଟରେ। ସୂଚନା ମୁତାବକ ଗତକାଲି ରାତ୍ରି ପ୍ରାୟ ୯ ଘଟିକା ସମୟରେ ସଜନାଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଏକ କାଠ ବୋଝେଇ ପିକଅପ ଭ୍ୟାନ ସହିତ ନୀଳଗିରିରୁ ସଜନାଗଡ ଅଭିମୁଖେ ଆପାଚି ବାଇକ ଯୋଗେ ଯାଉଥିବା ଦୁଇ ଜଣଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ଗୁରୁତର ଯୁବକ ହେଲେ ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତ ଗୋଡ଼ିଶୂଳ ଗ୍ରାମ ୪ନମ୍ବର ୱାଡ଼ ର ଗୁରୁପ୍ରସାଦ ସିଂଙ୍କ ପୁଅ ଜିତେନ୍ଦ୍ର ସିଂ (୨୩), ଏବଂ ପଡୋଶୀ ମାଠୁ ଓରଫ ନିରଞ୍ଜନ ସିଂଙ୍କ ପୁଅ ସନ୍ତୋଷ ସିଂ(୨୨)। ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲକୁ ଅଣାଯିବା ପରେ ଆଶୁ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ପିକଅପଟି ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ବେଳେ ଠିକଣା ମିଳିପାରିନାହିଁ।

### ବୋଲେରୋ ସହ ବାଇକ ମୁହାମୁହିଁ, ୨ ମୃତ



**ଫୁଲବାଣୀ,୭।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆ ଆଗାଁ ବ୍ଲକ ବୁଢ଼ା ବାଲି ଠାରେ ବୋଲୋର ପିକ ପିକଅପ ଓଡି ୫୩୧୬ ସହ ବାଜାଜ ବାଇକ୍ ବାଇ ଓଡି ୦୭ପି ୦୪୯ ୦୪୯୯ ମୁହାମୁହିଁ ଧକ୍କା ଫଳରେ ବାଇକ୍ ଆରୋହୀ ଦୁଇ ଜଣ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ମୃତକ ମଣ୍ଡାସୁର ପୁରର ପ୍ରଶାନ୍ତି ପାତ୍ର ବୋଲି ପରିଚୟ ମିଳିଥିଲା ବେଳେ ବେଳେ ଅନ୍ୟ ଜଣକର ପରିଚୟ ମିଳି ପାରି ନାହିଁ।ଘଟଣାରୁ ପ୍ରକାଶଯେ ବୋଲର ପିକପଟି ବାଲିଗୁଡାରୁ ସାରଙ୍ଗଗଡ ଯାଉଥିଲା ବେଳେ ବିପରୀତ ଦିଗରୁ ବାଇକ ଫୁଲବାଣୀରୁ ବାଲିଗୁଡା ଅଭିମୁଖେ ଯାଉଥିଲା । ଡାମେରିକିଆ ନିକଟ ବୁଢାବାଲି ଠାରେ ଦୁର୍ଘଟଣା ଘଟିଥିଲା ବେଳେ ଘଟଣା ସ୍ଥଳରେ କ.ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନା ଓ ଏସାଆଇ ବାସୁଦେବ ପଣ୍ଡା ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛନ୍ତି

# ଅତିଥି ଶିକ୍ଷକଙ୍କ ଭରସାରେ ନାୟକ ରାମଚନ୍ଦ୍ର ଏକାଡେମୀ

- ଶିକ୍ଷକ ନିଯୁକ୍ତି ପାଇଁ ଦାବି
- ଚପରାଶି ପଢ଼ାଉଛନ୍ତି ପାଠ
- ଅନ୍ଧାରରେ ପିଲାଙ୍କ ଭବିଷ୍ୟତ




**ବାଲିଆପାଳ,୭।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ, ୧୯୮୫ ମସିହାରେ ନିର୍ମିତ ହୋଇଥିଲା। ଏଠାରେ ଆଠ ଜଣ ଶିକ୍ଷକ, ଚାରିଜଣ ଅଣଶିକ୍ଷକଙ୍କୁ ନେଇ ଦୁଇଟି ଶ୍ରେଣୀ (ନବମ, ଦଶମ) ଗଠିତ ହୋଇଥିଲା। ପ୍ରତିବର୍ଷ ସ୍କୁଲରେ ୧୦୦ରୁ ଊର୍ଦ୍ଧ୍ୱ ପିଲା ଆଡ଼ମିସନ ହୋଇଥାନ୍ତି। ବ୍ଲକର ସଦର ମହକୁମା ଠାରୁ ପାଖାପାଖି ୨୫ କିଲୋମିଟର ଦୂରରେ ସ୍କୁଲଟି ହୋଇଥିବାରୁ ପ୍ରଶାସନର ଅଣଦେଖା ମଧ୍ୟରେ ରହିଛି। ତେବେ ଧୀରେ ଧୀରେ ସ୍କୁଲ ଓ ଶିକ୍ଷକ, ଅଣଶିକ୍ଷକ ମାନଙ୍କର ବୟସ ବଢ଼ି ବଢ଼ି ଚାଲିଥିବା ବେଳେ, ଅନ୍ଧାରକୁ ଠେଲି ହେଉଛି ପିଲାଙ୍କ ଭବିଷ୍ୟତ। ଇତିମଧ୍ୟରେ ୮ ଜଣ ଶିକ୍ଷକ ଅବସର ନେଇ ସାରିଲେଣି। ୪ ଜଣ ଅଣଶିକ୍ଷକଙ୍କ ମଧ୍ୟରୁ ୨ ଜଣ ଅବସର ନେଇ ସାରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଆସନ୍ତା ମେ ମାସ ୩୦ ତାରିଖରେ କ୍ଲର୍କ ଅବସର ଗ୍ରହଣ କରିବେ। ତେବେ ଜଣେ ପିଅନଙ୍କ ଦ୍ୱାରା ଚାଲିଛି ସ୍କୁଲ। ୧୪୦ ଜଣ ପିଲାଙ୍କ ଭବିଷ୍ୟତ।

ତେବେ ଶିକ୍ଷକ ମାନଙ୍କର ଅବସରକୁ ନେଇ ପରିଚାଳନା କମିଟି, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱଙ୍କ ପକ୍ଷରୁ ଶିକ୍ଷା ବିଭାଗ ନିକଟରେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ନିବେଦନ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ୨ ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ସରକାରୀ ସ୍ତରରେ ଚିଠି କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା କେହି ଯୋଗଦାନ କରୁନାହାନ୍ତି। ଆଗକୁ ଦଶମ ଶ୍ରେଣୀ ପରୀକ୍ଷା ଥିବା ବେଳେ ସ୍କୁଲରେ ଶିକ୍ଷକ ନ ଥିବାରୁ ଆଡମିଟକାର୍ଡରେ ଦସ୍ତଖତ ହୋଇପାରୁନାହିଁ। ଶିକ୍ଷା ବିଭାଗକୁ ଗୋହରି ନୟାନ୍ତ ହେଲେଣି ପରିଚାଳନା କମିଟି ସହ ନେତୃତ୍ୱ ମଣ୍ଡଳୀ ଓ ଗ୍ରାମବାସୀ। ପଞ୍ଚାୟତର ଏକମାତ୍ର ହାଇସ୍କୁଲ ହୋଇଥିବାରୁ ସ୍କୁଲର ସ୍ଥିତାବସ୍ଥା ଫେରାଇ ଆଣିବା ସହିତ ତୁରନ୍ତ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି କରିବାକୁ ନିବେଦନ କରିଛନ୍ତି ପୂର୍ବତନ ଶିକ୍ଷକ ଓ ବର୍ତ୍ତମାନର ଅଣଶିକ୍ଷକମାନେ।

ଘଟଣାକୁ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ସାଂସଦ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର ଉକ୍ତ ଅନୁଷ୍ଠାନକୁ ଶିକ୍ଷକ ଦିଆଯାଇପାରିବ ସେ ବିଷୟରେ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଛନ୍ତି।

## ସତ୍ୟବାଦୀ ମହୋତ୍ସବର ୩ୟ ସନ୍ଧ୍ୟା: ମନ ମୋହିଲା ଓଲିଉଡ ସଂଗୀତ



**ସତ୍ୟବାଦୀ,୭।୨ (ସଂଚାର ବ୍ୟୁରୋ):** ଦଶମ ସତ୍ୟବାଦୀ ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡ଼ଃ ସମ୍ବିତ କୁମାର ପାତ୍ର ସହିତ ସତ୍ୟବାଦୀ ମହୋତ୍ସବର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

କ୍ଷୀରୋଦ ପ୍ରଧାନଙ୍କ ନେତୃତ୍ୱରେ ଷ୍ଟାର ଧମାକା ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପିକା କ୍ରିଏଟିଭ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ସାକ୍ଷୀଗୋପାଳ ହାନା ଡାଇକୁଣ୍ଡର ଛାତ୍ରଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଓଡିଶି ନୃତ୍ୟ ପରିବେଷଣ କରିଥିଲେ ସାଇ ସମୃଦ୍ଧି ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ । ପରେ ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ସଂଳାପ ପରିବେଷଣ କରିଥିଲେ। ବିଳମ୍ବିତ ରାତିରେ ରୁକୁ ସୁନା ଓ ତାଙ୍କ ଟିମ୍ ଓ ସୋହିଲି ମିଶ୍ରଙ୍କ ଟିମ୍ ସଂଗିତ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ମନଭରି ଉପଭୋଗ କରିଥିଲେ ଦର୍ଶକମାନେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରେରଣା ପ୍ରତୀକ ସିଂ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକା ଉପସ୍ଥିତ ରହିଥିଲେ।

## ଛାତ୍ରଛାତ୍ରୀମାନେ ନିଜର ଉନ୍ନତି ସହ ଦେଶର ସମୃଦ୍ଧିରେ ସାମିଲ ହୁଅନ୍ତୁ: ଶିବ ଖେର




**ଭୁବନେଶ୍ୱର,୭।୨ (ସଂଚାର ବ୍ୟୁରୋ):** ମଣିଷ ଜୀବନରେ ସଫଳତା ଓ ବିଫଳତା ଯୋଡ଼ି ହୋଇରହିଛି। ତେବେ ସଫଳ ମଣିଷ ଯେ ଭୁଲ କରିପାରିବ ନାହିଁ ଏବଂ ଗୋଟିଏ ଭୁଲ ମଣିଷକୁ ବିଫଳତା ଆଣିଦେବ ସେଭଳି ଚିନ୍ତାଧାରା ରଖିବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଶିଷ୍ଟ ଲେଖକ, ଅଭିନେତା, ସାମାଜିକକର୍ମୀ ଓ ପ୍ରେରଣାଦାୟୀ ବକ୍ତା ଶ୍ରୀ ଶିବ ଖେରା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ପକ୍ଷରୁ ଶନିବାର ଆୟୋଜିତ 'ସୋଆ ଲେକ୍ସ କନ୍‌ସିଲିୟମ୍-୨୦୨୬'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ରଖିଛନ୍ତି ଶ୍ରୀ ଖେରା।

ଶ୍ରୀ ଖେରା ନିଜର ପ୍ରେରଣାଦାୟୀ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଜୀବନରେ ୬ଟି କ୍ଷେତ୍ରରେ ଦୃଢ଼ତା ଆବଶ୍ୟକ। ଏହି କ୍ଷେତ୍ରଗୁଡ଼ିକ ହେଉଛି ଶାରୀରିକ, ମାନସିକ, ଭାବନାତ୍ମକ, ପାରସ୍ପରିକ ସମ୍ପର୍କ, ଆର୍ଥିକ ଏବଂ ଆଧାତ୍ମିକ ଦୃଢ଼ତା। ଏହା ମଧ୍ୟରୁ କୌଣସି ଗୋଟିଏ ଦୃଢ଼ତା ବାଦ ପଡ଼ିଲେ ମଣିଷର ଜୀବନ ଦୁର୍ବିସହ ହୋଇଯିବ ବୋଲି ଶ୍ରୀ ଖେରା କହିଛନ୍ତି। ଶାରୀରିକ ଭାବେ ଦୃଢ଼ତା ମଣିଷକୁ ସୁସ୍ଥ ରଖିଥାଏ। ସେହିପରି ମାନସିକ ଦୃଢ଼ତା ସଫଳତା ଆଣିଥିବା ବେଳେ ଭାବନାତ୍ମକ ଦୃଢ଼ତା ଠିକ୍ ନିଷ୍ପତି ନେବାରେ ସହାୟକ ହୋଇଥାଏ। ପାରସ୍ପରିକ ସମ୍ପର୍କ ମଣିଷର ସବୁଠାରୁ ସମ୍ବଳ ହୋଇଥିବା ବେଳେ ପରସ୍ପର ମଧ୍ୟରେ ସମ୍ମାନ ରହିଲେ ହିଁ ସମ୍ପର୍କ ଦୃଢ଼ ହୁଏ ବୋଲି ସେ କହିଛନ୍ତି। ସେହିପରି ଆର୍ଥିକ ଦୃଢ଼ତାକୁ ପ୍ରାଧାନ୍ୟ ଦେଇ ଟଙ୍କା ମଣିଷ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ମାନସିକ ଶାନ୍ତି ପାଇଁ ଆଧାତ୍ମିକ ଦୃଢ଼ତା ମଧ ଆବଶ୍ୟକ ବୋଲି ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଛନ୍ତି।

## ବାଲିଆପାଳ ବ୍ଲକରେ ୯ରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର



**ବାଲିଆପାଳ,୭।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଆସନ୍ତା ୯ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏନେଇ ବାଲିଆପାଳ ସଭାଗୃହ ମଧରେ ବ୍ଲକ ଅଧକ୍ଷା ରଞ୍ଜିତା ନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଅତିରିକ୍ତ ତହସିଲଦାର ରାମହରି ଦାଶ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ, ଉପାଧକ୍ଷ ରାଜେଶ ଚୌଧୁରୀ ଉପସ୍ଥିତ ରହି ଶିବିରକୁ ଆସିବାକୁ ଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁଚାରୁ ରୂପେ ଡାକ୍ତରୀ ପରୀକ୍ଷା କରାଯିବା ବିଷୟରେ ଆଲୋଚନା କରିଥିଲେ। ଅତ୍ୟଧିକ ଭିଡ଼କୁ ଆଖି ଆଗରେ ରଖି ବ୍ୟାରିକେଡ଼ ବ୍ୟବସ୍ଥା ମଧରେ ସକାଳେ ଛଅଟାରୁ ଦିନ ଗୋଟିଏ ପର୍ଯ୍ୟନ୍ତ ନାମ ପଞ୍ଜିକରଣ କରିବା ସହିତ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ, ଜଳଖିଆ, ମଧାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଶିବିରରେ ଦୃଷ୍ଟି ବାଧିତ, ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର ଭଳି ତିନି ବିଭାଗର ଡ଼ାକ୍ତର ପରୀକ୍ଷା କରାଯିବ ବୋଲି ବିଭାଗ ପକ୍ଷରୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ସୁଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗରୁ ଅଧିକାରୀଙ୍କ ସହିତ ବାଲିଆପାଳରେ ୨୮ ପଞ୍ଚାୟତ ରୁ ସରପଞ୍ଚ ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ସରକଣା ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ବାଲିଅନ୍ତା,୭।୨ (ସଂଚାର ବ୍ୟୁରୋ):** ସରକଣା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆଜି ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବର ଅନୁଷ୍ଠିତ ହୋଇଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ, ଜୟଦେବ ହେଲଥ କେୟାର ଓ ଅଗ୍ରୱାଲ ଆଇ ହସ୍ପିଟାଲ ମିଳିତ ସହଯୋଗରେ ୨୬୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧପତ୍ର ବଣ୍ଟନ କରାଯାଇଥିଲା। ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ। ଶତାଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ସେହିପରି ମେଡ଼ିସିନ, ଅସ୍ଥିଶଲ୍ୟ, ଦନ୍ତ, ଶିଶୁ ରୋଗ, ମଧୁମେହ ଆଦି ବିଭାଗର ଡାକ୍ତର ପରାମର୍ଶ ଦେଇଥିଲେ। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା, ଜୟଦେବ ହେଲଥ କେୟାର ଅଧକ୍ଷ ଡାକ୍ତର ତାପସ ରଞ୍ଜନ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଡାକ୍ତର ଆରତୀ ବିଶ୍ୱାଳ,ଡାକ୍ତର ଦିଲ୍ଲୀପ ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରଞ୍ଜିତ ରାଉତ,ସତ୍ୟଜିତ ସେଠୀ ଓ କାଜଲ ବେହେରା ସହଯୋଗ କରିଥିଲେ।

### ଚର୍ଚ୍ଚାରେ ଏସପି ଓ ଜିଲ୍ଲା ପୁଲିସ ବୋର୍ଡର ନିଷ୍ପତ୍ତି

## ୨୪ ଘଣ୍ଟାରେ ଦୁଇ ଜଣ ଆଇଆଇସିଙ୍କ ବଦଳି ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା




**ଧାମନଗର,୭।୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ପୁଲିସ ବିଭାଗରେ ଏବେ 'ଡିପ୍ଲୟମେଣ୍ଟ ଅର୍ଡର' ବା ବଦଳି ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାତ୍ର ୨୪ ଘଣ୍ଟା ମଧରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି) ଏବଂ ଜିଲ୍ଲା ପୁଲିସ ବୋର୍ଡ ନିଜର ପୂର୍ବ ନିଷ୍ପତ୍ତିକୁ ବଦଳାଇ ଦେବା, ପ୍ରଶାସନିକ ସ୍ୱଚ୍ଛତା ଓ ଦୃଢ଼ତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ ଚିଠି ସଂଖ୍ୟା ୧୫୨ ଅନୁଯାୟୀ, ଜିଲ୍ଲା ପୁଲିସ ବୋର୍ଡର ବୈଠକ ପରେ ୪୨ ଜଣ ପୁଲିସ ଅଧିକାରୀଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ଏଥିରେ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀଙ୍କୁ ଜିଲ୍ଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲ୍‌କୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ହେଡକ୍ୱାର୍ଟରରେ ଥିବା ସୁବ୍ରତ ଦାସଙ୍କୁ ଧାମନଗର ଥାନାର ନୂତନ ଆଇଆଇସି ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ, ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ୨୪ ଘଣ୍ଟା ନପୁରୁଣୁ ଫେବୃଆରୀ ୫ ତାରିଖରେ ପୁନଃଶ୍ଚ ଏହି ବୋର୍ଡ ଓ ଏସପି ଆଉ ଏକ ନୂଆ ଚିଠି (ସଂଖ୍ୟା ୧୬୫) ଜାରି କଲେ। ଏହି ନୂତନ ନିର୍ଦ୍ଦେଶରେ ସୁବ୍ରତ ଦାସ ଧାମନଗରରେ ଯୋଗ ଦେବା ପୂର୍ବରୁ ହିଁ ତାଙ୍କୁ ହଟାଇ ଦିଆଗଲା ଏବଂ ତାଙ୍କ ବଦଳରେ ଶୁଭ୍ରଜିତ ଦାସଙ୍କୁ ଧାମନଗର ଥାନାର ଦାୟିତ୍ୱ ଦିଆଗଲା।

ଜିଲ୍ଲାର ପୁଲିସ ମୁଖ୍ୟ ଭାବେ ଏସପି ମନୋଜ ରାଉତଙ୍କୁ ଜଣେ ଦକ୍ଷ ଓ ଦୃଢ଼ ଅଧିକାରୀ ଭାବେ ଗଣାଯାଉଥିଲା। ମାତ୍ର ତାଙ୍କ ସହମତିରେ ଏକ ସାମ୍ବିଧାନିକ ବୋର୍ଡ (ଜିଲ୍ଲା ପୁଲିସ ବୋର୍ଡ)ର ନିଷ୍ପତ୍ତି ରାତାରାତି ବଦଳିବା ନେଇ ଚର୍ଚ୍ଚା ହେବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରୁଛି। ଯେମିତି କି ମାତ୍ର ୫ ମାସରେ ଧାମନଗର ଆଇଆଇସି ରଞ୍ଜନ ସେଠୀଙ୍କୁ କାହା ଚାପରେ ବଦଳି କରାଗଲା ? ତାଙ୍କ ସ୍ଥାନରେ ସୁବ୍ରତ ଦାସଙ୍କୁ ନିଯୁକ୍ତି ଦେବାର ମାତ୍ର କେଇ ଘଣ୍ଟା ମଧରେ ସେ କଣ ଏମିତି ଅଯୋଗ୍ୟ ହୋଇଗଲେ ଯେ ତାଙ୍କୁ ହଟାଇବାକୁ ପଡ଼ିଲା ? ନା ଶୁଭ୍ରଜିତ ଦାସଙ୍କୁ ଆଣିବା ପଛରେ କୌଣସି ପ୍ରଭାବଶାଳୀ ବ୍ୟକ୍ତି ବା 'ଅଦୃଶ୍ୟ ଶକ୍ତି'ର ଚାପ ରହିଥିଲା ? ପୁଲିସ ଭଳି ଏକ ଅନୁଶାସିତ ବିଭାଗରେ ଯଦି ବୋର୍ଡର ନିଷ୍ପତ୍ତି ଏତେ ଶୀଘ୍ର ବଦଳେ, ତେବେ ସାଧାରଣ କର୍ମଚାରୀଙ୍କ ମନୋବଳ ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ। ଏଭଳି ଘଟଣା ପୁଲିସ ପ୍ରଶାସନର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରୁଛି।

## ଅନ୍ନଦା ପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ନୀଳଗିରି, ୭।୨ (ସଂଚାର ବ୍ୟୁରୋ):** ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧିନ ମୂଳକୁଡାଇ ଗ୍ରାମର ଅନ୍ନଦା ପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଦିବାକର ମଳିକ ସଭାପତିତ୍ୱ କରିଥିବା ବେଳେ ମିନତି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। କୁନିମଣୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ସିଆରସିସି ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉମାକାନ୍ତ ଶିଅଳ,ଗଣେଶ ପ୍ରସାଦ ପତି, ଅପୂର୍ବ ପଟ୍ଟନାୟକ ମଞ୍ଚାସୀନ ଥାଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ନାଟ୍ୟକାର ଜୟରାମ ଧୂଆଁରିଆ ଙ୍କ ଲିଖିତ ଏକ ସଂସ୍କାର ଭିତ୍ତିକ ନୂଆ ନାଟକ 'କାହାଣୀ ଲେଖୁଛି ନୂଆ ସକାଳ' ପରିବେଷଣ କରାଯାଇଥିଲା।

## ବିଧାୟିକାଙ୍କ ଦ୍ୱାରା କମ୍ବଳ ବଣ୍ଟନ



**ବାଲିଆପାଳ, ୭।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ଥିବା ଗରୀବ, ଅସହାୟ, ଭିନ୍ନକ୍ଷମ ଲୋକଙ୍କୁ ଶୀତ ଦାଉରୁ ଆଶ୍ୱସ୍ତି ଦେବା ପାଇଁ ଶନିବାର ବସ୍ତା ବିଧାୟିକା ସୁବାସିନି ଜେନାଙ୍କ ଦ୍ୱାରା ଡାଲୁଆ ଗ୍ରାମରେ ତପନ ଜେନାଙ୍କ ବାସଭବନରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ତୃପ୍ତି ଲେଖା ଜେନା ଙ୍କ ତତ୍ୱାବଧାନରେ ପଞ୍ଚାୟତରେ ଥିବା ୧୬ ଟି ୱାଡରୁ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କମ୍ବଳ ବଣ୍ଟା ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିଶାକର ସେଠି, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ଶାନ୍ତନୁ ଭଦ୍ର, ପୂର୍ବତନ ସଦସ୍ୟା ବନିଶିକା ଭଦ୍ର, ସମାଜସେବୀ ହରେକୃଷ୍ଣ ଜେନା, ପ୍ରସାନ୍ତ ପାତ୍ର, ଧନଞ୍ଜୟ ଦାସ, ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡାଏଚୀ ନିର୍ଯାତନା ଉପରେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା



**ଖୋର୍ଦ୍ଧା,୭।୨ (ସଂଚାର ବ୍ୟୁରୋ):** ଅନ୍ଧବିଶ୍ୱାସ ଏବଂ ଡାଏଚୀ ଭଳି ସାମାଜିକ କୁକର୍ମର ସମ୍ପୂର୍ଣ୍ଣ ନିରାକରଣ, ଏହାକୁ ନିରାକରଣ ପାଇଁ ଡାଏଚୀ ସହିତ ହାତ ମିଳାଇବା ଏକ ସଭ୍ୟ ସମାଜ ପାଇଁ ଅତ୍ୟାବଶ୍ୟକ। ବିଦ୍ୟାଳୟରେ ପଢୁଥିବା ଛାତ୍ରୀ, ମହିଳା ସଂଗଠନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଶେଷକରି ଅନୁସୂଚିତ ଜନଜାତି ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବକଙ୍କ ପ୍ରୟାସ ଦ୍ୱାରା ହିଁ ଏପରି ସାମାଜିକ କୁକର୍ମର ନିରାକରଣ ହୋଇପାରିବ ବୋଲି ଡାଏଚୀ ନିର୍ଯ୍ୟାତନା ଉପରେ ଏକ ଦିବସୀୟ ସଚେତନତା କର୍ମଶାଳାର ମୁଖ୍ୟ ଅତିଥି ମାନସୀ ପାଢ଼ୀ ଖୋର୍ଦ୍ଧା କଲେକ୍ଟୋରେଟ୍ ସମ୍ମିଳନୀ କକ୍ଷରେ ଯୋଗଦେଇ ଉପରୋକ୍ତ ବିନ୍ଦୁଗୁଡ଼ିକ ପ୍ରକାଶ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ସଭାରେ ଅଧକ୍ଷତା କରି କହିଥିଲେ ଯେ ପ୍ରାଚୀନ କାଳରେ ଏପରି କୁକର୍ମ ପ୍ରଚଳିତ ଥିଲା। ଧୀରେ ଧୀରେ ଶିକ୍ଷା ଏହାର ସାଧାରଣୀକରଣ ଯୋଗୁଁ, ଏପରି ପ୍ରଥା ସମାଜରୁ ଲୋପ ପାଉଛି। ଏହାକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ, କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ସମ୍ପୃକ୍ତ ସରକାରୀ ଅଧିକାରୀ, ଜନପ୍ରତିନିଧି, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ, ଗ୍ରାମ ଏବଂ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଏପରି ପ୍ରଥାର କ୍ଷତି ଏବଂ ଭୟ ବିଷୟରେ ସଚେତନ କରିବା ଉଚିତ। ସାମାଜିକ ବିକାଶକୁ ବାଧା ଦେଉଥିବା ଏପରି କଳଙ୍କିତ ପ୍ରଥାଗୁଡ଼ିକୁ ଦୂର କରାଯାଇପାରିବ, ସେ ପକ୍ଷ ରଖିଥିଲେ। କର୍ମଶାଳାରେ ପୋଲିସ ଅଧିକାରୀ, ସରପଞ୍ଚ, ୱାର୍ଡ ସଦସ୍ୟ, ଆଶା, ଅଙ୍ଗନୱାଡି କର୍ମୀ, ଏଏନଏମ, କଲେଜ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଅନୁସୂଚିତ ଜାତି ଏବଂ ଜନଜାତି ମହିଳା ଏବଂ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ପୋଖରୀ ପୁନରୁଦ୍ଧାର ପାଇଁ ଦାବି



### ପୋଖରୀରେ ପଶୁଛି ଡ୍ରେନର ନର୍ଦ୍ଦମା ପାଣି



**ଆନନ୍ଦପୁର, ୭।୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ସହରର ଐତିହ୍ୟ, ପରିବେଶ ଓ ଜଳ ସଂରକ୍ଷଣର ପରିଚୟ ଦେଉଥିବା ବନ୍ଧ ପୋଖରୀ ଆଜି ଅବହେଳା ଓ ଅବ୍ୟବସ୍ଥାର ଜୀବନ୍ତ ଉଦାହରଣ ଦେଖିବାକୁ ମିଳିଛି। ଦୀର୍ଘ ଦିନ ପରେ ଏବେ ପୋଖରୀ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକ ମାନଙ୍କର ଦାବୀ ଜୋର ଧରିଛି। କିନ୍ତୁ ପୌର ପ୍ରଶାସନ ନିରବ। ଏହା ହେଉଛି ଆନନ୍ଦପୁର ସହରର ୪ନଂ ୱାଡ଼ର ତଳ ସାହିରେ ଥିବା ବନ୍ଧ ପୋଖରୀ।

ପୂର୍ବରୁ ଏହି ପୋଖରୀର ପାଣି ଲୋକମାନଙ୍କ ଦୈନିକ ପ୍ରୟୋଜନରେ ଲାଗୁଥିଲା, ପର୍ବପର୍ବାଣୀରେ ଲୋକ ଏଠାରେ ଏକାଠି ହେଉଥିଲେ। ଆଜି ସେହି ପୋଖରୀ ହୋଇଯାଇଛି ନର୍ଦ୍ଦମା ପାଣିର ଆଶ୍ରୟସ୍ଥଳ। ସହରରେ ଡ୍ରେନ ନିର୍ମାଣ କରାଯାଇଛି, କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ଡ୍ରେନର ନର୍ଦ୍ଦମା ପାଣିକୁ ସିଧାସଳଖ ପୋଖରୀକୁ ଛାଡ଼ାଯାଉଛି। ଫଳରେ ପୋଖରୀର ପାଣି ଦୂଷିତ ହୋଇ ଦୁର୍ଗନ୍ଧରେ ସାରା ଅଞ୍ଚଳ ଫାଟି ପଡୁଛି।

ସ୍ଥାନୀୟ ଲୋକେ କହିବା ମୁତାବକ ସହରର ୭ଟି ୱାର୍ଡର ପାଖାପାଖି ହଜାର ହଜାର ଲୋକ ଏହି ପୋଖରୀ ଉପରେ ନିର୍ଭର କରୁଥିଲେ। ଏହି ପୋଖରୀ ଅଞ୍ଚଳବାସୀଙ୍କ ପାଇଁ ଥିଲା ଗୌରବ। ପୋଖରୀ ଦୂଷିତ ହେବାରୁ ମାଛ ଓ ଜଳଜୀବ ନଷ୍ଟ ହେଉଛନ୍ତି। ମାଛି ଓ ମଶା ବୃଦ୍ଧି ପାଇ ସ୍ଥାନୀୟ ଲୋକଙ୍କ ଶାରୀରିକ ସମସ୍ୟା ବଢ଼ିବାର ଆଶଙ୍କା ମଧ ଦେଖା ଯାଉଛି। ଏଭଳି ପରିସ୍ଥିତିରେ ପୋଖରୀ ହୁଡ଼ାରେ ଅଳିଆ ଆବର୍ଜନା, ପ୍ଲାଷ୍ଟିକ ପକାଇ ପରିବେଶ ଦୂଷିତ କରାଯାଉଛି। ଡ୍ରେନ ନିର୍ମାଣ ସମୟରେ କି ପରିବେଶ ପ୍ରଭାବ ନିରୀକ୍ଷଣ ହୋଇଥିଲା ? କିଏ ଦେଲା ଏହି ପ୍ରକଳ୍ପର ଅନୁମୋଦନ ? କାହିଁକି ପୋଖରୀକୁ ନର୍ଦ୍ଦମାର ଗନ୍ତବ୍ୟ କରାଗଲା ? ପୋଖରୀକୁ ବଞ୍ଚାଇବା ମାନେ ସହରକୁ ବଞ୍ଚାଇବା ? ଯଦି ପୋଖରୀ ପୁନରୁଦ୍ଧାର କରାଯାଏ, ଏହା ସହରର ଜଳସ୍ତର ବଢ଼ାଇବ, ପରିବେଶ ସୁଧାରିବ, ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବ। କିନ୍ତୁ ଅବହେଳାରେ ଏହା ଦିନକୁ ଦିନ ନଷ୍ଟ ହେଉଛି। କେବେ ସଚେତନ ହେବ ପୌର ପ୍ରଶାସନ ? କେବେ ହେବ ବନ୍ଧ ପୋଖରୀର ପୁନରୁଦ୍ଧାର ? ଲୋକଙ୍କ ଦାବୀ ପୂରଣ ହେବ କି ଏହା ମାତ୍ର ଫାଇଲରେ ସୀମିତ ରହିଯିବ ? ତେବେ ଦେଖିବାକୁ ବାକି ରହିଲା ପୌର ଅଧିକାରୀ କେବେ ଦୃଷ୍ଟି ଦେଇ ଏହି ବନ୍ଧ ପୋଖରୀର ପୁନରୁଦ୍ଧାର କରୁଛନ୍ତି।

## ଏଲଇଡି ମାଧ୍ୟମରେ ଦେଖିପାରିବେ ମା' ମଙ୍ଗଳାଙ୍କ ରୀତିନୀତି



ବ୍ୟାଙ୍କ ଅଫ ବରୋଦା ତରଫରୁ ଲୋକାର୍ପିତ

**କାକଟପୁର/ଅସ୍ତରଙ୍ଗ,୭।୨ (ସଂଚାର ବ୍ୟୁରୋ):** ଭକ୍ତ ତଥା ଶ୍ରଦ୍ଧାଳୁ ମା' ମଙ୍ଗଳାଙ୍କ ବିଭିନ୍ନ ରୀତିନୀତି ଏଲ.ଇ.ଡି ସ୍କ୍ରିନ ମାଧ୍ୟମରେ ଦେଖିପାରିବେ। ଶନିବାର ପୂର୍ବାହ୍ନରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କ ଅଫ ବରୋଦା ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଏଲଇଡି ସ୍କ୍ରିନ ଲୋକାର୍ପିତ କରାଯାଇଛି।

ମୁଖ୍ୟଅତିଥି ବ୍ୟାଙ୍କ ଅଫ ବରୋଦା ଏମଡି ତଥା ସିଇଓ ଡ଼ଃ ଦେବଦତ୍ତ ଚାନ୍ଦ, ମୁଖ୍ୟବକ୍ତା ଜୋନାଲ ମୁଖ୍ୟ ତଥା ଜିଏମ୍ ସ୍ୱପ୍ନା ବନ୍ଦୋପାଧ୍ୟାୟ, ସମ୍ମାନିତ ଅତିଥି କାକଟପୁର ତହସିଲଦାର ତଥା ମଧ୍ୟବର୍ତ୍ତୀ କାଳୀନ ପରିଚାଳନା ଟ୍ରଷ୍ଟି ଅଙ୍କିତା ଅନିନ୍ଦିତା, କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତି, ମା ମଙ୍ଗଳା ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଆଞ୍ଚଳିକ ମୁଖ୍ୟ ଡିଜିଏମ୍ ସତ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବ୍ୟାଙ୍କ ଅଫ ବରୋଦା ସିଇଓ ଡ଼ଃ ଦେବଦତ୍ତ ଚାନ୍ଦ ନିଜ ବକ୍ତବ୍ୟରେ କହିଥିଲେ, ଜନସାଧାରଣଙ୍କ ପ୍ରତି ବ୍ୟାଙ୍କର ଭକ୍ତି ଏବଂ ପ୍ରତିବଦ୍ଧତା ବିଷୟରେ ସୂଚନା ଦେବା ସହ ଏଲ. ଇ.ଡି ଡିସପ୍ଲେ ଲୋକାର୍ପିତ ହେବା ଦ୍ୱାରା ଭକ୍ତ ମାନଙ୍କୁ ମନ୍ଦିର କିମ୍ବଦନ୍ତୀ ଏବଂ ମା' ମଙ୍ଗଳାଙ୍କ ଦୈନନ୍ଦିନ ରୀତିନୀତି ବିଷୟରେ ଜାଣିବାରେ ସାହାଯ୍ୟ କରିବ।

# ଶ୍ରମିକ କଲ୍ୟାଣ 'ବୈଚାରିକ ଆନ୍ଦୋଳନ'



**ପୁରୀ,୭।୨(ସଂଚାର ବ୍ୟୁରୋ):** ଶ୍ରମିକ କଲ୍ୟାଣ କେବଳ ଏକ ସାଙ୍ଗଠନିକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ଦାୟିତ୍ୱବାନ ବୈଚାରିକ ଆନ୍ଦୋଳନ ଯାହା ରାଷ୍ଟ୍ର ନିର୍ମାଣର ମୂଳଦୁଆ ସଦୃଶ। ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମ ପୁରୀଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ତ୍ରୈବାର୍ଷିକ ଅଧିବେଶନରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଶ୍ରମିକମାନଙ୍କୁ ଦେଶ ଗଠନର ମୁଖ୍ୟ ଆଧାରଶିଳା ଭାବେ ଅଭିହିତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଆଦର୍ଶରେ 'ଶ୍ରମର ସମ୍ମାନ' ପାଇଁ ଭାରତୀୟ ମଜଦୁର ସଂଘ ସର୍ବଦା ସମର୍ପିତ। ସଂଗଠନ ନିଜର ପ୍ରତିଷ୍ଠା କାଳରୁ ରାଷ୍ଟ୍ରହିତ, ଶ୍ରମିକ କଲ୍ୟାଣ ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପ ସହ କାର୍ଯ୍ୟ କରି ଶ୍ରମିକମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବାରେ ଭୂମିକା ଗ୍ରହଣ କରିଛି। ଶ୍ରମଶକ୍ତିକୁ ସସମ୍ମାନ ଜୀବନ ଦେଲେ ଅର୍ଥନୀତି ଦ୍ୱିଗୁଣିତ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅନେକ ବର୍ଷ ପରେ ଶ୍ରମିକଙ୍କ ପାଇଁ 'ସର୍ବନିମ୍ନ ମଜୁରୀ'କୁ ବୃଦ୍ଧି କରିଛନ୍ତି। ମଧ୍ୟାହ୍ନଭୋଜନରେ କାର୍ଯ୍ୟରତ ଥିବା ୨୫ ଲକ୍ଷ ସହାୟିକା, ଅଙ୍ଗନବାଡି ତଥା ଆଶା ଦିଦିଙ୍କ କଲ୍ୟାଣ ଦିଗରେ ମଧ ସରକାର ନିରନ୍ତର କାମ କରୁଛନ୍ତି।

ନିଜର ବ୍ୟକ୍ତିଗତ ଅଭିଜ୍ଞତା ବାବଦରେ ସୂଚନା ଦେଇ ସେ କହିଛନ୍ତି ସାମାଜିକ ଜୀବନର ପ୍ରାରମ୍ଭରେ ମଜଦୁର ସଂଘର ଜଣେ କାର୍ଯ୍ୟକର୍ତ୍ତା ଭାବେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ। ଭାରତୀୟ ମଜଦୁର ସଂଘ ଆଜି ଏକ ଦାୟିତ୍ୱବାନ ସାମାଜିକ ଆନ୍ଦୋଳନର ରୂପ ନେଇଛି। ଏହି ସଂଗଠନ ଶ୍ରମକୁ କେବଳ ଜୀବିକାର ମାଧ୍ୟମ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ଭାବେ ଗ୍ରହଣ କରି ସନ୍ତୁଳିତ ଓ ସମନ୍ୱିତ ବିକାଶର ମାର୍ଗ ପ୍ରଶସ୍ତ କରୁଛି। ଭାରତରେ 'ୱାର୍କିଂ ଏଜ୍ ଗ୍ରୁପ୍' ମଧ୍ୟରେ ପ୍ରାୟ ୯୦ କୋଟି ଲୋକ ଅଛନ୍ତି, ଯେଉଁଥିରୁ ପ୍ରାୟ ୫୦ ପ୍ରତିଶତ ବାସ୍ତବରେ କାର୍ଯ୍ୟରତ। ଏହି ୫୦ କୋଟି ଶ୍ରମଜୀବୀଙ୍କୁ ବୈଚାରିକ ସ୍ପଷ୍ଟତା ପ୍ରଦାନ କରିବାରେ ବିଏମଏସ ଏକ 'କଷଟି ପଥର' ସଦୃଶ କାର୍ଯ୍ୟ କରିଛି। ବର୍ତ୍ତମାନର କୃତ୍ରିମ ବୁଦ୍ଧିମତା (ଏଆଇ) ଯୁଗରେ ଆମ ଶ୍ରମଶକ୍ତିର ଅଂଶଗ୍ରହଣକୁ ୫୦ରୁ ୭୫ ପ୍ରତିଶତକୁ ବୃଦ୍ଧି କଲେ ହିଁ ଦେଶ ବିକଶିତ ହେବା ନେଇ ଥିବା ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ଆଗାମୀ ଦିନର ଆହ୍ୱାନକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଦେଶ ୱାର୍କଫୋର୍ସକୁ ନିରନ୍ତର 'ସ୍କିଲିଂ, ରି-ସ୍କିଲିଂ ଏବଂ ଅପ-ସ୍କିଲିଂ' କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ରେ 'ରୋଜଗାର ସହ ପଢ଼ିବା' ବ୍ୟବସ୍ଥା କରାଯାଇଛି। ଏକବିଂଶ ଶତାବ୍ଦୀର ୱାର୍କଫୋର୍ସକୁ 'ଗ୍ଲୋବାଲ ଷ୍ଟାଣ୍ଡାର୍ଡ' କରିବା, ଯାହା ବିଶ୍ୱର କଲ୍ୟାଣ ସବୁବେଳେ ଆଗଭର ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ନାରାୟଣୀ ବସ୍ତି ଉଚ୍ଛେଦ ବିବାଦ

# ବଳପୂର୍ବକ ଉଚ୍ଛେଦ ମାନବାଧିକାରର ଉଲ୍ଲଂଘନ

**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ମାନବିକ ଅଧିକାର ଏବଂ ସାମ୍ବିଧାନିକ ଅଧିକାରକୁ ଉପେକ୍ଷା କରି କୌଣସି ବିକାଶମୂଳକ ଯୋଜନା ଆଇନର ଶାସନ ମଧ୍ୟରେ ଗ୍ରହଣୀୟ ନୁହେଁ ବୋଲି ଆଜି ଏକ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ କହିଛନ୍ତି। ଭୁବନେଶ୍ୱର ୮ ନମ୍ବରସ୍ଥିତ ନାରାୟଣୀ ବସ୍ତିର ବାସିନ୍ଦାମାନେ ଭୂମି ଅଧିକାର ପାଇଥିଲେ ମଧ ସେମାନଙ୍କୁ ବଳପୂର୍ବକ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲା। ଏହା ବିରୁଦ୍ଧରେ ହୋଇଥିବା ଏକ ମାମଲାର ଶୁଣାଣି କରି କମିଶନ୍‌ର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି।

ବଟକୃଷ୍ଣ ରାଉତ, ସୋନି ନାଏକ, କୁସୁମ ନାଏକ ଆଦି ୫୦ରୁ ଉର୍ଦ୍ଧ୍ୱ ନାରାୟଣୀ ବସ୍ତିବାସିନ୍ଦା ସେମାନଙ୍କୁ ଜାରି ହୋଇଥିବା ଉଚ୍ଛେଦ ନୋଟିସ ବିରୋଧରେ କମିଶନଙ୍କ ନିକଟରେ ମାମଲା କରିଥିଲେ। ଏହାର ଶୁଣାଣି କରି ଆଜି କମିଶନ କହିଛନ୍ତି ଯେ ବସ୍ତି ବାସିନ୍ଦାମାନେ ଦୀର୍ଘ ବର୍ଷ ଧରି ନାରାୟଣ ବସ୍ତିରେ ବସବାସ କରିଆସୁଛନ୍ତି। ଓଡ଼ିଶା ମହାନଗର ନିଗମ ଆଇନ ଅନୁସାରେ ଏହି ବସ୍ତି 'ଟେନେବଲ' ଘୋଷଣା କରାଯାଇ ୨୦୨୪ରେ ଅଭିଯୋଗକାରୀମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗତ ୨୦୨୫ରେ କିଛି ସ୍ଥାନୀୟ ବରିଷ୍ଠ ନାଗରିକଙ୍କ ଅନୁରୋଧ କ୍ରମେ ଭୁବନେଶ୍ୱର ସାଂସଦଙ୍କ ପକ୍ଷରୁ କୁହାଗଲା ଯେ ଏଠି ଖାଲି ଜମି ରହିଛି ଓ ସେଠି ଏକ ପାର୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଗଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏ ସମ୍ପର୍କରେ ଚିଠି ପାଇବା ପରେ ବିଏମସି ଉଚ୍ଛେଦ ନୋଟିସ ଜାରି କରାଯାଇଥିଲା। ସେଠାରେ ଜମିଟି ଖାଲି ନାହିଁ, ବରଂ ଜମି ଅଧିକାର ପ୍ରମାଣପତ୍ର (ଏଲଆରସି) ପାଇଥିବା ବସ୍ତିବାସିନ୍ଦା ବସବାସ କରୁଛନ୍ତି। ଏଲଆରସି ପ୍ରଦାନ ପରେ ସେମାନଙ୍କର ଆଇନଗତ ଅଧିକାର ସୃଷ୍ଟି ହୋଇଛି ଓ ୨୦୧୩ର ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଯଥୋଚିତ ପ୍ରକ୍ରିୟା, କ୍ଷତିପୂରଣ ଓ ପୁନର୍ବାସ ବିନା କୌଣସି ଉଚ୍ଛେଦ ଅବୈଧ। ସେମାନେ ଏହାକୁ ମାନବାଧିକାର ଉଲ୍ଲଂଘନ, ବିଶେଷକରି ବଞ୍ଚିବାର ଅଧିକାର ଓ ଆଶ୍ରୟର ମୌଳିକ ଅଧିକାର ଓ ମର୍ଯ୍ୟାଦା ଅଧିକାରର ଉଲ୍ଲଂଘନ ବୋଲି ଆବେଦନକାରୀମାନେ ଅଭିଯୋଗ କରିଥିଲେ।

**ପୁନଃସମୀକ୍ଷା ପାଇଁ ବିଏମ୍‌ସିକୁ ଓଏଚଆରସିଙ୍କ ନିର୍ଦ୍ଦେଶ**




ରୁପା ଚେନ ପାଇଁ ହତ୍ୟା

# ହତ୍ୟା କରିଥିଲେ ୫ ନାବାଳକ



**ଝାରସୁଗୁଡା, ୭।୨ (ସଂଚାର ବ୍ୟୁରୋ) :** ଝାରସୁଗୁଡା ଜିଲ୍ଲା କୁକୁରିକାନି ଠାରେ ନିର୍ମମ ହତ୍ୟାକାଣ୍ଡ ଘଟଣାର ଆଜି ପର୍ଦ୍ଦାଫାଶ ହୋଇଛି। ସାମାନ୍ୟ ରୁପା ଚେନ ପାଇଁ ରାମପୁରର ସାହିଲ ସାହିସଙ୍କୁ ଏକ ଚାପଡ଼ରେ ନିର୍ମମ ଭାବେ ହତ୍ୟା କରିଥିଲେ ପାଞ୍ଚ ଜଣ ନାବାଳକ। ଆଜି ସମସ୍ତ ନାବାଳକଙ୍କୁ ଗିରଫ କରି ଜୁଭିନାଇଲ କୋର୍ଟ ଚାଲାଣ କରିଛି ପୋଲିସ। କୁକୁରିକାନି ଠାରେ ଗତ ପାଞ୍ଚ ତାରିଖରେ ରାମପୁର ଅଂଚଳର ୧୮ ବର୍ଷୀୟ ଯୁବକ ସାହିଲ ସହିସର ମୃତଦେହ ଉଦ୍ଧାର କରିଥିଲା ପୋଲିସ ଏବଂ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ନିର୍ମମ ହତ୍ୟାକାଣ୍ଡ ଘଟଣାରେ ପାଞ୍ଚ ଜଣ ନାବାଳକଙ୍କ ସମ୍ପୃକ୍ତି ଥିବା ସ୍ୱଷ୍ଟ କରିଛନ୍ତି ଝାରସୁଗୁଡ଼ା ଏସପି ଜି.ଆର ରାଘବେନ୍ଦ୍ର।

ଅଭିଯୁକ୍ତ ନାବାଳକ ସମସ୍ତେ ସ୍କୁଲ ଡ୍ରପ ଆଉଟ ବୋଲି ଏସପି ସୂଚନା ଦେଇଛନ୍ତି। ଗତ ଏକ ତାରିଖ ଦିନ ପାଞ୍ଚ ଜଣ ନାବାଳକ ମିଶି ରାମପୁର ଅଂଚଳର ସାହିଲ ସାହିସଙ୍କୁ ଏକ ଚାପଡ଼ରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଏବଂ ହତ୍ୟା ପରେ ପଲିଥିନରେ ଘୋଡ଼ାଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ପରେ ବ୍ରଜରାଜନଗର ଥାନାରେ ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା ଏବଂ ପୋଲିସ ସେହି ଦିନରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପରେ ଅନ୍ୟ ଦୁଇ ଜଣ ନାବାଳକଙ୍କ ସଂପୃକ୍ତ ଥିବା ଜଣାପଡ଼ିଥିଲା। ସମସ୍ତ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ଝାରସୁଗୁଡ଼ା ଏସପି ସୂଚନା ଦେଇଛନ୍ତି।

# ନବୀନ ନିବାସ ସମ୍ମୁଖ ରାସ୍ତା ଅବରୋଧ ମାମଲାରେ ହାଇକୋର୍ଟଙ୍କ ଉଦ୍‌ବେଗ

**ତିନି ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ**



**ଭୁବନେଶ୍ୱର, ୭।୨ (ସଂଚାର ବ୍ୟୁରୋ) :** ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ପୁରୁଣା ଏୟାରପୋର୍ଟ ରାସ୍ତା ବା ଏକାମ୍ର ମାର୍ଗରେ ହେଉଥିବା ଟ୍ରାଫିକ୍ ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦବେଗ ବ୍ୟକ୍ତ କରିଛନ୍ତି। ସୂଚନାକର୍ମୀ ପ୍ରକାଶ ଚନ୍ଦ୍ର ଦାସଙ୍କ ଦ୍ୱାରା ହାଇକୋର୍ଟରେ ଦାଏର ଆବେଦନରେ ଦର୍ଶାଯାଇଛି ଯେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ନିଜ କ୍ଷମତାର ଅପବ୍ୟବହାର କରି ସୁରକ୍ଷା ପ୍ରୋଟୋକଲ୍ ନାମରେ ଏହି ବ୍ୟସ୍ତବହୁଳ ରାସ୍ତାର ଗୋଟିଏ ପଟକୁ ବନ୍ଦ କରିଦେଇଥିଲେ। ଏହି କଟକଣା ଯୋଗୁଁ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଓ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଯାଉଥିବା ରାସ୍ତା ସଙ୍କୁଚିତ ହେବା ସହ ହଜାର ହଜାର ଯାତ୍ରୀ ପ୍ରତିଦିନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ମଧ ଟ୍ରାଫିକ୍ ଜାମରେ ଫସି ରହୁଛି। ନବୀନ ପଟ୍ଟନାୟକ ଏବେ ମୁଖ୍ୟମନ୍ତ୍ରୀ ନଥିବାରୁ ଏହି ଅବରୋଧ ଜାରି ରଖିବାର କୌଣସି ଯଥାର୍ଥତା ନାହିଁ ଓ ଅବରୋଧ ହଟାଯାଇ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିଲେ ଜନସାଧାରଣ ଉପକୃତ ହେବେ ବୋଲି ଆବେଦନକାରୀ ଶ୍ରୀ ଦାସଙ୍କ ଓକିଲ ପି.କେ. ମିଶ୍ର କୋର୍ଟରେ ଯୁକ୍ତି ବାଢ଼ିଥିବା ଜଣାପଡ଼ିଛି ।

ଦାୟର ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପୂର୍ବରୁ ନୋଟିସ କରି ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସରକାର ପକ୍ଷ ନରଖି ସମୟ ମାଗିବାରୁ ବିରକ୍ତି ପ୍ରକାଶ କରିଥିଲେ। ଫେବୃଆରି ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ନବୀନ ନିବାସ ସମ୍ମୁଖ ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ ୨୦୧୨ ମସିହା ପରେ ଅଧିକ କଡ଼ାକଡ଼ି କରାଯାଇଥିଲା। ୨୦୧୨ ଡିସେମ୍ବର ୧୭ ତାରିଖରେ ପ୍ରାୟ ୫୦ରୁ ଅଧିକ ଚାଷୀ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନବୀନ ନିବାସ ଭିତରକୁ ପ୍ରବେଶ ନିମନ୍ତେ ଉଦ୍ୟମ କରିଥିଲେ । ଯାହାପରେ ପୁଲିସ ନବୀନ ନିବାସର ଦୁଇ ପାର୍ଶ୍ୱରେ ସ୍ଥାୟୀ ବ୍ୟାରିକେଡ୍ ଲଗାଇଥିଲା। ପରବର୍ତ୍ତୀ ସମୟରେ ସୁରକ୍ଷା ଆଳ ଦେଖାଇ ୨୦୧୭ ମସିହାରେ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆ ଯାଇଥିଲା । ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ସହ ସରକାରୀ ଜମି ଅଦଳବଦଳ କରି ନବୀନ ନିବାସ ସମ୍ମୁଖ ଗୋଟିଏ ପାର୍ଶ୍ୱରେ ଏବେ ରାସ୍ତା ବିକଶିତ କରି ଯାତାୟତର ବ୍ୟବସ୍ଥା ହୋଇଛି ।

ମହଙ୍ଗା ପଡ଼ିଲା ଫିଲ୍ମ ଷ୍ଟାଇଲରେ ଗାଡ଼ି ଚଲେଇବା

## ୨ କାର ସହ ୭ ଜଣ ଅଟକ



**ସମ୍ବଲପୁର, ୭।୨ (ସଂଚାର ବ୍ୟୁରୋ) :** ହୀରାକୁଦ ଡ୍ୟାମ୍ ନିକଟ ଏକ ରାସ୍ତାରେ ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିବା ଅଭିଯୋଗରେ ପୋଲିସ ସାତ ଜଣ ଯୁବକଙ୍କୁ ଅଟକ ରଖିବା ସହ ସେମାନଙ୍କ ଦୁଇଟି ଗାଡ଼ି ଜବତ କରିଛି। ସୂଚନା ଅନୁଯାୟୀ, ଯୁବକ ମାନେ ବିପଦପୂର୍ଣ୍ଣ ଭାବେ ସାଉଥ ଡାଇକ୍ ରୋଡ୍ ଡ୍ୟାମ ନିକଟରେ ଗାଡ଼ି ଚଳାଇଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଭାଇରାଲ ଭିଡିଓରେ ଯୁବକମାନେ ଦୁଇଟି କାର ବ୍ୟବହାର କରି ଷ୍ଟଣ୍ଟ ପ୍ରଦର୍ଶନ କରୁଥିବାର ଦୃଶ୍ୟ ଦେଖାଯାଇଥିଲା। ଯାହା ରାସ୍ତାରେ ଯାଉଥିବା ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା। ଭିଡିଓରେ ଯୁବକମାନେ ଫିଲ୍ମ ଷ୍ଟାଇଲରେ ସୁଟିଂ କରିବା ସମୟରେ ବେପରୁଆ ଭାବରେ ଗାଡ଼ି ଚାଳନା କରୁଥିବାର ଦେଖିବାକୁ ମିଳିଥିଲା। କେତେକ ଗାଡ଼ି ଉପରେ ବସିଥିଲେ ଆଉ କେତେକ ସିଗାରେଟ ଟାଣୁଥିବାର ଦେଖିବାକୁ ମିଳିଛି। ଷ୍ଟଣ୍ଟ ଯୋଗୁଁ ଟ୍ରାଫିକ୍ ବାଧାପ୍ରାପ୍ତ ହୋଇଥିଲା ବେଳେ ଯାତ୍ରୀମାନଙ୍କ ଜୀବନ ମଧ ଏକପ୍ରକାର ବିପଦରେ ପଡ଼ିଥିଲା। ଭିଡିଓଗୁଡ଼ିକ ଭାଇରାଲ ହେବା ପରେ ବୁର୍ଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିଗୁଡ଼ିକୁ ଚିହ୍ନଟ କରିବା ସହ ସମ୍ପୃକ୍ତ ଲୋକଙ୍କୁ ଅଟକ ରଖିଥିଲା। ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୨୮୧/୨୮୫/୩(୫) ସହିତ ମୋଟର ଯାନ ଆଇନର ଧାରା ୧୮୪/୨୦୧ ସହିତ ଏକ ମାମଲା ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ତଲାସ ଜାରି ରହିଛି।

## ବରଗଡ଼ରୁ ସୁବର୍ଣ୍ଣପୁର ଯାଉଥିଲା ଲକ୍ଷାଧିକ ଟଙ୍କାର କଫ୍ ସିରପ



**ସୋନପୁର, ୭।୨ (ସଂଚାର ବ୍ୟୁରୋ) :** ବରଗଡ଼ ଅଞ୍ଚଳରୁ ସୁବର୍ଣ୍ଣପୁରକୁ ଆସୁଥିବା ଲକ୍ଷାଧିକ ଟଙ୍କାର କଫ୍ ସିରପ୍ ଜବତ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ସାହାଜବାହାଲ ରାସ୍ତାରେ ଦୁଇଟି ଗାଡିରେ କଫ୍ ସିରପ୍ ଯାଉଥିବା ରାମପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା । ଦୁଇଟି ଗାଡ଼ିରେ ଚାରି ଜଣ ବ୍ୟକ୍ତି କଫ୍ ସିରପ୍ ନେଇ ଯାଇଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିଲା । ହେଲେ ତିନି ଜଣ ଗାଡି ଛାଡି ଫେରାର ମାରିଥିବା ବେଳେ ଜଣଙ୍କୁ ପୋଲିସ ଗିରଫ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଣତି ପରେ ୯୪୫୦ ବୋତଲ କଫ୍ ସିରପ୍ ରହିଥିବା ଜଣାପଡିଥିଲା । କଫ୍ ସିରପ୍ ଜବତ କରାଯାଇ ଗୋଟିଏ ବୋଲେରୋ ପିକଅପ ଗାଡି ଓ ଗୋଟିଏ କାର ସହ ଜଣେ ବ୍ୟକ୍ତିକୁ ଗିରଫ କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ଆଉ କିଏ କିଏ ସାମିଲ ରହିଛନ୍ତି ଫେରାର ମାରିଥିବା ବ୍ୟକ୍ତି ମାନେ କେଉଁ ଅଞ୍ଚଳର ତାର ତଦନ୍ତ କରାଯାଉଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଜବତ କଫ୍ ସିରପର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

୨୪ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ହସ୍ତତନ୍ତ ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ: ମନ୍ତ୍ରୀ

- ପୂର୍ବାହ୍ନ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଖୋଲା
- ମାଗଣାରେ ଯୋଗାଇ ଦିଆଯାଇଛି ଷ୍ଟଲ୍



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି ଯେ ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ। ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି ଯେ ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରି ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଲୋକେ ବିଶେଷ ରିହାତି ସହ ମନପସନ୍ଦର ହାତତିଆରି ବସ୍ତ୍ର ପାଇପାରିବେ। ଚଳିତ ଥର ମୋଟ୍ ୮୦ଟି ଷ୍ଟଲ୍ ଖୋଲାଯାଇଛି। ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମ ଥର ପାଇଁ ସମସ୍ତ ଷ୍ଟଲ୍ ବିନା ମୂଲ୍ୟରେ ବଣ୍ଟନ କରାଯାଇଛି। ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଓ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପ୍ୟାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି। ଚଳିତବର୍ଷ ୧୦ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବିଭାଗ ପକ୍ଷରୁ ଆଶା ରହିଛି। ।

● ଅଟୋ ଓ ଟାକ୍ସି ଚାଳକଙ୍କୁ ଅପରାଜିତାଙ୍କ ପ୍ରତିଶ୍ରୁତି

## ଷ୍ଟେସନ ସମ୍ପ୍ରସାରଣରେ କେହି ପ୍ରଭାବିତ ହେବେନି




**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଅଟୋ ଓ ଟ୍ୟାକ୍ସି ସଂଘ କର୍ମକର୍ତ୍ତାଙ୍କ କୌଣସି ସମସ୍ୟା ହେବ ନାହିଁ। ଆଜି ଏଭଳି ଆଶ୍ୱାସନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଭୁବନେଶ୍ୱର ରେଳ ଷ୍ଟେସନ ସମ୍ପ୍ରସାରଣ ପାଇଁ ସେମାନେ ସ୍ଥାନାନ୍ତର ହେବା ନେଇ ଆଶଙ୍କା ସୃଷ୍ଟି ହେବା ପରେ ଏନେଇ ସଂଘ ପକ୍ଷରୁ ଆଜି ସାଂସଦଙ୍କ ସହ ଆଲୋଚନା କରାଯାଇଛି। ଏଥିପାଇଁ ରାଜଧାନୀ ଅଟୋ ଏବଂ ଟାକ୍ସି ସଂଘ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀମତୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ ଦୀର୍ଘ ୫ ଦଶନ୍ଧି ଧରି ରାଜଧାନୀ ଅଟୋ ଓ ଟ୍ୟାକ୍ସି ସଂଘ ସେବା ଯୋଗାଇଆସୁଛି। ଅଟୋ ଓ ଟ୍ୟାକ୍ସି ସଂଘକୁ ରାଜଧାନୀର ମେରୁଦଣ୍ଡ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ କାମ ଜାରି ରହିଛି। ଫଳରେ ସଂଘର ସ୍ଥାନ ପରିବର୍ତ୍ତନ ଆଶଙ୍କାରେ ପ୍ରାୟ ୫୦୦ ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି। କିନ୍ତୁ ସେମାନଙ୍କର ଭୟ କରିବାର କିଛି ନାହିଁ ବୋଲି ପ୍ରତିଶ୍ରୁତି ଦେବା ସହ ଏନେଇ ବିଏମ୍‌ସି ଓ ବିଡିଏ ସହ ଆଲୋଚନା କରିଥିବା କହିଛନ୍ତି। ସଭାରେ ଯୁବ ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି କୌଶଳ ଘୋଷ, ପ୍ରଣୟ କରନ, ସଂଘ ସଭାପତି ନବ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

କୁଳପତି ନିଯୁକ୍ତି ପ୍ରସଙ୍ଗରେ ବର୍ଷିଲା ବିଜେଡି

# କୋମାକୁ ଗଲାଣି ଉଚ୍ଚଶିକ୍ଷା ବ୍ୟବସ୍ଥା




**ଭୁବନେଶ୍ୱର, ୭।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାର ଗୈରିକୀକରଣ ପାଇଁ ଉଦ୍ୟମ କରାଯାଉଛି, ଯେଉଁଥିପାଇଁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ, ଦଳର ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ଡ. ସାହୁ କହିଛନ୍ତି ଯେ ୨୦୨୦ରେ କିଛି ଅସଙ୍ଗତିକୁ ଦୂର କରିବା ପାଇଁ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ସରକାର ଆଣିଥିଲେ। ଏହାଛଡା ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପ୍ରସ୍ତାବ କ୍ରମେ ଓପିଏସସିକୁ ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ୨୦୨୪ରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆଣିଥିଲେ। ପରେ ୨୦୨୫ ବେଳକୁ ଆଉଥରେ ଆମେଣ୍ଡମେଣ୍ଟ ବିଲ୍ ଆଣିଲେ। ଏହି ସଂଶୋଧନ ବିଲ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ମନୋନାୟନ ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଯୋଗ୍ୟତା ଭିତିରେ ମନୋନୟନ କରାଯାଉଥିବା ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କୁହାଯାଇଛି। ତେବେ ପରିବର୍ତ୍ତିତ ନିୟମ ଦ୍ୱାରା ସ୍ୱଚ୍ଛତା ନ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହ ସରକାର ଗୈରୀକ ବିଚାର ସମ୍ପନ୍ନ ବ୍ୟକ୍ତିଙ୍କୁ ମନୋନୀତ କରିବେ ବୋଲି ସ୍ପଷ୍ଟ ଜଣାପଡୁଛି। ବିଜେପି ସରକାରକୁ ୧୮ ମାସ ପୂରିଯାଇଥିଲେ ମଧ ୧୩ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ହୋଇପାରିନାହିଁ। ଏ ଦିଗରେ ସରକାର ତୁରନ୍ତ ନିଷ୍ପତ୍ତି ନେବାକୁ ଡ. ସାହୁ ଦାବି କରିଛନ୍ତି।

ସେହିପରି ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ। କୁଳପତି ନିଯୁକ୍ତିରେ ଏହି ଅହେତୁକ ବିଳମ୍ବ କ'ଣ ପାଇଁ ହେଉଛି, ତାହା ରାଜ୍ୟ ସରକାରଙ୍କୁ ଜଣା। କିନ୍ତୁ ସରକାରଙ୍କ ଅପାରଗତା ଯୋଗୁଁ ଏହି ନିଯୁକ୍ତି ହୋଇପାରୁନାହିଁ। ଫଳତଃ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ଏହି କୁଳପତି ପଦବୀଗୁଡ଼ିକ ପୂରଣ ନ ହେଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ଏହାଛଡ଼ା ଶ୍ରୀମତୀ ସାହୁ କହିଛନ୍ତି ଯେ ରାଜ୍ୟ ସରକାର ନାମ ପରିବର୍ତ୍ତନ ଓ ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ଅଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପ୍ରକ୍ରିୟାକୁ ପୂର୍ଣ୍ଣ କରିବାକୁ ସରକାରଙ୍କ ପାଖରେ ସମୟ ନାହିଁ। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତିଟିଏ ନିଯୁକ୍ତି ଦେଇପାରୁନାହାନ୍ତି। କିନ୍ତୁ ମିଛ ସଫଳତା କାହାଣୀ ବଖାଣିବା ପାଇଁ କୋଟି କୋଟି ଟଙ୍କା ପ୍ରଚାରରେ ଖର୍ଚ୍ଚ କରୁଛନ୍ତି। ତେଣୁ ତୁରନ୍ତ କୁଳପତି ନିଯୁକ୍ତି ନ ହେଲେ ବିଜୁ ଯୁବ ଛାତ୍ର ଜନତା ଦଳ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

'ଯାଯାବର' ରଙ୍ଗିନ ସଂସ୍କରଣ

# ଆଜି ଏକାମ୍ର ୱାକ୍ସରେ ସ୍ୱତନ୍ତ୍ର ସ୍କ୍ରିନିଂ



**ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ):** ଏକାମ୍ର ୱାକ୍ସ ଏହାର ଓଡ଼ିଆ ଫିଲ୍ମ ପାନୋରାମା ପ୍ରୟାସର ଅଂଶ ଭାବେ ଭୁବନେଶ୍ୱରରେ ଏକ ଐତିହାସିକ ସାଂସ୍କୃତିକ ସନ୍ଧ୍ୟା ଆୟୋଜନ କରିବ, ଯେଉଁଥିରେ ୧୯୭୫ରେ ମୁକ୍ତିଲାଭ କରିଥିବା କ୍ଲାସିକ୍ ଓଡ଼ିଆ ଫିଲ୍ମ 'ଯାଯାବର'ର ୫୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ଏକ ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ।

ଏହି କାର୍ଯ୍ୟକ୍ରମର ଐତିହାସିକ ଗୁରୁତ୍ୱ ରହିଛି। କାରଣ ଦର୍ଶକମାନେ ଏହି ପ୍ରସିଦ୍ଧ କଳା-ଧଳା ଫିଲ୍ମର ରଙ୍ଗିନ ସଂସ୍କରଣ ଦେଖିବାକୁ ପାଇବେ। ଏହା କଳାଭୂମିର ମୁକ୍ତାକାଶ ଥିଏଟରରେ ପ୍ରଦର୍ଶିତ ହେବ। 'ଯାଯାବର' ଓଡ଼ିଆ ସିନେମା ଜଗତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି ଓ ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଏହାକୁ ଓଡ଼ିଆ ସଂସ୍କୃତିର ଏକ ଝଲକ ଭାବେ ବିବେଚନା କରାଯାଏ। ଏହା ପିଢ଼ି ପରେ ପିଢ଼ିକୁ ପ୍ରଭାବିତ କରିଚାଲିଛି। ଏହି ସ୍କ୍ରିନିଂ କେବଳ ଫିଲ୍ମର ଚିରସ୍ଥାୟୀ ଐତିହ୍ୟକୁ ସ୍ମରଣ କରାଇବନାହିଁ, ବରଂ ସମକାଳୀନ ଦର୍ଶକଙ୍କ ପାଇଁ ଫିଲ୍ମକୁ ପୁନର୍ଜୀବିତ କରିବ ବୋଲି କୁହାଯାଉଛି।

ରଙ୍ଗିନ ସଂସ୍କରଣଟି ବାପୁ ଲେଙ୍କାଙ୍କ ନେତୃତ୍ୱାଧୀନ ଏକ ବିସ୍ତୃତ ସଂରକ୍ଷଣ ଓ ପୁନରୁଦ୍ଧାର ପ୍ରକଳ୍ପର ଅଂଶବିଶେଷ। ୨୧ ଜଣ ଟେକ୍ନୋକ୍ରାଟ ଦଳ ୭୩୬ ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ମୂଳ ଫିଲ୍ମର ୨ ଲକ୍ଷ ୧୯ ହଜାର ଫ୍ରେମ୍‌କୁ ପୁନର୍ନିର୍ମାଣ ଓ ରଙ୍ଗିନ କରିଛନ୍ତି। ଏହି ବିଶାଳ ପ୍ରୟାସ ଭାରତୀୟ ଆଞ୍ଚଳିକ ସିନେମାରେ ଏକ ଇତିହାସ ସୃଷ୍ଟି କରିଛି। ଦେଶର ପ୍ରଥମ କଳା-ଧଳା ଆଞ୍ଚଳିକ ଫିଲ୍ମ ଭାବେ 'ଯାଯାବର'କୁ ରଙ୍ଗିନ କରାଯାଇଛି, ଯାହାକି ଟେକ୍ନିକାଲ୍ ଉତ୍କର୍ଷତା ଓ ସାଂସ୍କୃତିକ ନିଷ୍ଠାର ପ୍ରତୀକ।

ସନ୍ଧ୍ୟାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏହାର ପ୍ରମୁଖ କଳାକାର ଅଭିନେତ୍ରୀ ବନଜା ମହାନ୍ତି ଓ ତ୍ରିପୁରା ମିଶ୍ର, ଗାୟିକା ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ, ବାପୁ ଲେଙ୍କା, ପ୍ରଯୋଜକ ବିଜୟ ପଟ୍ଟନାୟକ ଏବଂ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହିବେ। ଏହା ଦର୍ଶକଙ୍କୁ ନିଆରା ଅନୁଭୂତି ଓ ପରସ୍ପର ଆଲୋଚନାର କରିବାର ସୁଯୋଗ ଦେବ। ସ୍କ୍ରିନିଂ ଆସନ୍ତାକାଲି ଅପରାହ୍ଣ ସାଢ଼େ ୫ଟାରେ କଳାଭୂମି ଓପନ୍ ଏୟାର ଅଡିଟୋରିୟମ୍‌ରେ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲଞ୍ଚ ହେଲା କେଟିଏମ ଇଲେକ୍ଟ୍ରିକ୍ ସାଇକେଲ୍




ନୂଆଦିଲ୍ଲୀ, ୭।୨: କେଟିଏମ ଏହାର ନୂଆ କେଟିଏମ ଇଲେକ୍ଟ୍ରିକ୍ ସାଇକେଲ୍ ଲଞ୍ଚ ସହିତ ଇଲେକ୍ଟ୍ରିକ୍ ଗତିଶୀଳତା କ୍ଷେତ୍ରରେ ପାଦ ଦେଇଛି। ଯାହା ପୂର୍ବରୁ ଚର୍ଚ୍ଚା ସୃଷ୍ଟି କରିବା ଆରମ୍ଭ କରିସାରିଛି। କାର୍ଯ୍ୟଦକ୍ଷତା-କେନ୍ଦ୍ରିତ ବାଇକ୍ ପାଇଁ ଜଣାଶୁଣା ଏହି କେଟିଏମ ଏବେ ସମାନ ସ୍ପୋର୍ଟି ଚିନ୍ତାଧାରା ଇଲେକ୍ଟ୍ରିକ୍ ସାଇକେଲ୍ ପାଇଁ ଆଣିଛି। ଯାହା ଶକ୍ତିଶାଳୀ ହେବା ସହିତ ଦୀର୍ଘ ପରିସର ଏବଂ ଦ୍ରୁତ ଚାର୍ଜିଂର ପ୍ରତିଶ୍ରୁତି ଦେଇଥାଏ। ଏକ ୩୫୦ଡବ୍ଲ୍ୟୁ ମୋଟର, ୫୮୦କିମି ଦାବି କରାଯାଇଥିବା ପରିସର ଏବଂ ୧୦ ମିନିଟ୍ ଦ୍ରୁତ ଚାର୍ଜିଂ ସହିତ ଏହି ଇଲେକ୍ଟ୍ରିକ୍ ସାଇକେଲ ସ୍ପଷ୍ଟ ଭାବରେ ଆଧୁନିକ ଆରୋହୀମାନଙ୍କ ପାଇଁ ଉଦ୍ଦିଷ୍ଟ।

ଏହି ଇଲେକ୍ଟ୍ରିକ୍ ସାଇକେଲ୍ ଦୈନନ୍ଦିନ ବ୍ୟବହାର, ଦୂର ଯାତ୍ରା ପାଇଁ ଡିଜାଇନ୍ କରାଯାଇଛି। ଆସନ୍ତୁ ଏହା କ'ଣ ସବୁ ପ୍ରଦାନ କରେ ତାହା ଉପରେ ନଜର ପକାଇବା। ଶକ୍ତିଶାଳୀ ୩୫୦ଡବ୍ଲ୍ୟୁ ବୈଦ୍ୟୁତିକ ମୋଟର ଦେବ ୫୮୦ କିଲୋମିଟର ପର୍ଯ୍ୟନ୍ତ ଦୀର୍ଘ ଦାବି କରାଯାଇଥିବା ସୀମା ପ୍ରଦାନ କରିବ ଅଲ୍ଟ୍ରା ଫାଷ୍ଟ ୧୦ ମିନିଟ୍ ଚାର୍ଜିଂ ସପୋର୍ଟ ସହିତ ସ୍ପୋର୍ଟି କେଟିଏମ-ପ୍ରେରିତ ଡିଜାଇନ ଏବଂ ଦୈନନ୍ଦିନ ଏବଂ ଦୀର୍ଘ ଯାତ୍ରା ପାଇଁ ସହଜ ଓ ହାଲୁକା ହୋଇଥାଏ । କେଟିଏମ ଇଲେକ୍ଟ୍ରିକ୍ ସାଇକେଲ୍ ସ୍ପୋର୍ଟି ଡିଏନଏ ବ୍ରାଣ୍ଡର ସିଗ୍ନେଚର୍। ଏହା କେବଳ ବର୍ତ୍ତମାନ ୟୁଜର୍ସଙ୍କୁ ଦୃଷ୍ଟିରେ ରଖି ତିଆରି କରାଯାଇଛି। କ୍ଲିନ୍ ଲାଇନ୍ସ, ବୋଲ୍ଡ ଗ୍ରାଫିକ୍ସ ଏବଂ ଷ୍ଟ୍ରଙ୍ଗ ଫ୍ରେମ୍ ଷ୍ଟ୍ରକ୍ଚର ସହିତ ଆଧୁନିକ ଲୁକ୍ ଦେଉଛି। ଏଥିସହ ବ୍ୟାଟେରୀଟି ଫ୍ରେମରେ ସୁନ୍ଦର ଭାବରେ ସଂଯୁକ୍ତ ହୋଇଛି। ଯାହା ଡିଜାଇନକୁ ବାଲାନ୍ସ କରି ରଖୁଛି। ୱାଇଡ୍ ଟାୟାର ସହିତ ଷ୍ଟାଇଲିସ୍ ହ୍ୱିଲ୍ ସହିତ ସାଇକେଲଟି ଡିଜାଇନ ପ୍ରେଜେଣ୍ଟ କରିଛି। ଏହି ସାଇକେଲଟି ଷ୍ଟାଇଲିସ୍ ସ୍ପୋର୍ଟି ଡିଜାଇନ୍ ଦେବା ସହିତ ଆରାମଦାୟକ ଫିଲ୍ ମଧ୍ୟ ପ୍ରଦାନ କରିବ। ଏହି ହ୍ୟାଣ୍ଡେଲବାରର ପୋଜିସନ୍ ସହଜରେ କଣ୍ଟ୍ରୋଲ୍ କରିବାକୁ ଗ୍ରହଣ କରେ। ଫ୍ରଣ୍ଟ ସସ୍ପେନ୍ସନ୍ଟି ସ୍ମୁଥ୍ ରାଇଡିଂ ପାଇଁ ସାହାଯ୍ୟ କରେ।

କେଟିଏମ ଇଲେକ୍ଟ୍ରିକ୍ ସାଇକେଲରେ ଏକ ସ୍ମାର୍ଟ ଡିଜିଟାଲ ଡିସପ୍ଲେର ସୁବିଧା ରହିଛି। ଯେଉଁଥିରେ ସାଇକେଲର ସ୍ପିଡ୍, ଚାର୍ଜିଂ ଏବଂ ରାଇଡିଂ ମୋଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଏ। ଦିନରେ ଡିସପ୍ଲେ ସ୍କ୍ରିନକୁ ମଧ୍ୟ ସହଜରେ ଦେଖିପାରିବେ। ଏହି ବୈଦ୍ୟୁତିକ ଚକ୍ରର ମୂଳରେ ଏକ ୩୫୦ଡବ୍ଲ୍ୟୁ ବୈଦ୍ୟୁତିକ ମୋଟର ରହିଛି। ଯାହା ଦୃଢ଼ ଏବଂ ସ୍ଥିର କାର୍ଯ୍ୟଦକ୍ଷତା ପ୍ରଦାନ କରେ। ବ୍ୟବହାର ଉପରେ ନିର୍ଭର କରି ୟୁଜର୍ସ ବାରମ୍ବାର ଚାର୍ଜ ନକରି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଯାଇପାରିବେ।

ରାଇଡିଂ କ୍ୱାଲିଟି ପାଇଁ ଏହି ଇଲେକ୍ଟ୍ରିକ୍ ସାଇକେଲ୍ ହେଉଛି ଷ୍ଟ୍ରଙ୍ଗ୍ ପଏଣ୍ଟ। ଲାଇଟୱେଟ୍ ଫ୍ରେମ୍ ସହିତ ୱେଟ୍ ବାଲାନ୍ସ ପାଇଁ ଟ୍ରାଫିକରେ ସହଜରେ ହ୍ୟାଣ୍ଡେଲ୍ କରିପାରେ। ଏହି ଇଲେକ୍ଟ୍ରିକ୍ ସାଇକେଲରେ ଷ୍ଟ୍ରଙ୍ଗ୍ ଡିସ୍କ ବ୍ରେକ୍ ରହିଛି। ଯାହା ଷ୍ଟପିଂ ପାୱାର ପ୍ରଦାନ କରେ। ଏହି ସାଇକେଲ୍ ଏଭଳି ଡିଜାଇନରେ ତିଆରି କରାଯାଇଛି, ଯାହା ଦ୍ୱାରା ସୁରକ୍ଷାକୁ ଅଣଦେଖା କରାଯାଇପାରିବ ନାହିଁ। ରାତି ପାଇଁ ଏଲଇଡି ଲାଇଟର ସୁବିଧା ମଧ୍ୟ ରହିଛି। ଯାହା ଏହାର ଉପାଦାନକୁ ବୃଦ୍ଧି କରିଥାଏ।

କେଟିଏମ ଏହି ଇଲେକ୍ଟ୍ରିକ୍ ସାଇକେଲ୍କୁ ବିଭିନ୍ନ ପ୍ରକାରର ୟୁଜର୍ସଙ୍କୁ ଆକର୍ଷିତ କରିବା ପାଇଁ ପ୍ରତିଯୋଗିତାମୂଳକ ଭାବରେ ସ୍ଥାନିତ କରିଛି। ଯଦିଓ କ୍ଷେତ୍ର ଅନୁସାରେ ସଠିକ୍ ମୂଲ୍ୟ ଭିନ୍ନ ହୋଇପାରେ। ତଥାପି ପ୍ରଦାନ କରାଯାଇଥିବା କାର୍ଯ୍ୟଦକ୍ଷତା ଏବଂ ଫିଜର୍ସଗୁଡ଼ିକୁ ବିଚାର କରି ଏହାର ଭଲ ଡିମାଣ୍ଡ ରହିବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ କିଛି ନିର୍ଦ୍ଦିଷ୍ଟ କେଟିଏମ ଡିଲରସିପ୍ ଏବଂ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଉପଲବ୍ଧତା ଆଶା କରାଯାଉଛି। ଚାହିଦା ଆଧାରରେ ଭବିଷ୍ୟତରେ ଅଧିକ ପ୍ରକାର ପ୍ରଚଳନ କରାଯାଇପାରେ।

## ମୋର୍ଗାନ ଷ୍ଟାନଲି ଆକଳନ




# ୨୦୨୬ ସୁଦ୍ଧା ୧ ଲକ୍ଷ ପଏଣ୍ଟ ଛୁଇଁପାରେ ସେନ୍ସେକ୍ସ

ନୂଆଦିଲ୍ଲୀ,୭।୨: ଦେଶର ପୁଞ୍ଜି ବଜାର ଉର୍ଦ୍ଧ୍ୱଗାମୀ ଧାରା ଜାରି ରଖିଛି। ବଜାର ପୁଣି ଥରେ ନୂଆ ରେଟିଂ ଲାଭ କରିବ। ଉନ୍ନତ ସ୍ଥିତି ରହିଲେ ୨୦୨୬ ଶେଷ ସୁଦ୍ଧା ସେନ୍ସେକ୍ସ ୧,୦୭,୦୦୦ ପଏଣ୍ଟ ଛୁଇଁବ ବୋଲି ମୋର୍ଗାନ ଷ୍ଟାନଲି ଆକଳନ କରିଛି। ଆର୍‌ବିଆଇ ସୁଧହାର ହ୍ରାସ ସହ ଦରଦାମ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ବ୍ୟାଙ୍କ୍ ନିୟମ ସୁଗମ ହେବା, ନଗଦ ପୁଞ୍ଜି ପ୍ରବାହ, ସରକାରଙ୍କ ପୁଞ୍ଜି ଖର୍ଚ୍ଚରେ ବୃଦ୍ଧି, ଟିକସ ହ୍ରାସ ଭଳି ପଦକ୍ଷେପ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ମୋର୍ଗାନ ଷ୍ଟାନଲିର ଇକ୍ୱିଟି ଷ୍ଟ୍ରାଟେଜିଷ୍ଟ ରିଧମ୍ ଦେଶାଇ ଏବଂ ନିୟାନ୍ତ ପାରେଖ କହିଛନ୍ତି। ଆଗାମୀ ମାସ ଗୁଡ଼ିକରେ ବଜାରରେ ଆୟ ଅଭିବୃଦ୍ଧି ଆଶାରହିଛି। ସେହିଭଳି ଚୀନ ସହ ସମ୍ପର୍କ ଏବଂ ବାଣିଜ୍ୟ ଚୁକ୍ତି ଯୋଗୁ ଦେଶ ଉପରେ ଭଲ ପ୍ରଭାବ ପଡିବ। ଆଗାମୀ ଦିନ ଗୁଡ଼ିକରେ ପୁଞ୍ଜି ଥରେ ବିଦେଶୀ ନିବେଶକଙ୍କ ଆଗମନ ବଢ଼ିବା ଆଶା ରହିଛି। ବଜାରର ଉନ୍ନତି ଲାଗି ୪ ପ୍ରମୁଖ ଦିଗ କାର୍ଯ୍ୟ କରିବ। ଏହା ମଧ୍ୟରେ କମ୍ପାନି ଗୁଡ଼ିକର ଆୟରେ ଉନ୍ନତି, କେନ୍ଦ୍ରୀୟ ବ୍ୟାଙ୍କର ନୀତିଗତ ପଦକ୍ଷେପ ଯୋଗୁ ନଗଦ ଏବଂ ଋଣ ଅଭିବୃଦ୍ଧି, ଘରୋଇକରଣ, ଏଫ୍ପିଆଇଙ୍କ ପ୍ରତ୍ୟାବର୍ତ୍ତନ ସାମିଲ ରହିଛି। ବେସ୍କେସ୍ କ୍ଷେତ୍ରରେ ବଜାର ୯୫ ହଜାର ପଏଣ୍ଟ ଯାଏ ଯାଇପାରେ। ଶୁକ୍ରବାର ସେନସେକ୍ସ ୨୬୬.୫ ପଏଣ୍ଟ ବୃଦ୍ଧି ହୋଇ ୮୩,୫୮୦ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୫୧ ପଏଣ୍ଟ ବଢ଼ି ୨୫,୬୯୩.୭୦ ପଏଣ୍ଟରେ ବନ୍ଦ ହୋଇଛି।

# ବଢ଼ୁଛି ବଡ଼ କାର୍ ରପ୍ତାନି



ନୂଆଦିଲ୍ଲୀ, ୭।୨: ଦେଶରେ ଗତ କିଛି ବର୍ଷ ହେଲା ଛୋଟ କାର୍ ତୁଳନାରେ ବଡ଼ କାର୍ ବା ସୋର୍ଟସ ୟୁଟିଲିଟି ଯାନ (ଏସ୍‌ୟୁଭି) ଓ ମଲ୍ଟି ୟୁଟିଲିଟି ଯାନ (ଏମ୍‌ୟୁଭି) ବିକ୍ରି ବୃଦ୍ଧି ପାଉଛି। ଘରୋଇ ବଜାରରେ ଏହିସବୁ ଯାନର ଚାହିଦା ବଢ଼ିବା ସହିତ ବିଦେଶକୁ ଏସବୁର ରପ୍ତାନିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଫଳରେ କେବଳ କ୍ଷୁଦ୍ର କାର୍ ଉତ୍ପାଦନକାରୀ ନୁହେଁ, ବରଂ ଭାରତକୁ ବଡ଼ କାର୍ ପ୍ରସ୍ତୁତକାରୀ ଦେଶର ପରିଚୟ ମିଳି ପାରିଛି। ଗତ ଚାରି ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ହାସଲ ହୋଇଛି। କୋଭିଡ୍ ପରବର୍ତ୍ତୀ ସମୟରେ ବଡ଼ କାର୍ ବଜାର ବୃଦ୍ଧି ପାଇଛି। ୨୦୨୨ରେ ଭାରତ ବିଭିନ୍ନ ଦେଶକୁ ୨.୦୧ ଲକ୍ଷ ୟୁଟିଲିଟି ଯାନ ରପ୍ତାନି କରିଥିବାବେଳେ ଏବେ ତାହା ୨.୮୮ ଲକ୍ଷରେ ପହଞ୍ଚି ସାରିଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଭାରତରୁ ମୋଟ ୪.୩ ଲକ୍ଷ କାର୍ ବିଭିନ୍ନ ଦେଶକୁ ରପ୍ତାନି ହୋଇଥିଲା। ତେବେ ଏହି ସମୟରେ ୟୁଟିଲିଟି ଯାନ ବା ବଡ଼ କାର୍‌ର ରପ୍ତାନି ତାହାର ଏକ ବଡ଼ ଭାଗ ହାସଲ କରିଛି। ୨୦୨୪-୨୫ରେ ଭାରତରୁ ୨.୩ ଲକ୍ଷ ଏହି ଶ୍ରେଣୀର କାର୍ ବିଦେଶକୁ ରପ୍ତାନି ହୋଇସାରିଛି। ତେବେ ଚଳିତ ବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ୟୁଭି ଓ ଏସୟୁଭି ରପ୍ତାନି ଅଧିକ ଉତ୍ସାହଜନକ ରହିଛି। ଏହି ସମୟରେ ଭାରତରୁ ମୋଟ କାର୍ ରପ୍ତାନି ୨.୭୧ ଲକ୍ଷରୁ ବୃଦ୍ଧି ପାଇ ୩.୦୪ ଲକ୍ଷରେ ପହଞ୍ଚିଥିବା ବେଳେ ୟୁଭି କାର୍ ରପ୍ତାନି ୨.୮୮ ଲକ୍ଷ ହୋଇଛି। ପୂର୍ବ ବର୍ଷ ସମାନ ସମୟରେ ଏହା ୨.୨୨ ଲକ୍ଷ ଥିଲା। ଭାରତରେ ଇଲେକ୍ଟ୍ରିକ୍ କାର୍ ବଜାରରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କାର ଉତ୍ପାଦନ ଓ ରପ୍ତାନି ମଧ୍ୟ ବୃଦ୍ଧି ପାଉଛି।

# ରାସ୍ତାକୁ ଓହ୍ଲାଇଛନ୍ତି ଓଲା-ଉବର-ରାପିଡୋ ଡ୍ରାଇଭର




ନୂଆଦିଲ୍ଲୀ, ୭।୨: ଓଲା, ଉବର, ରାପିଡୋ ଗ୍ରାହକଙ୍କ ପାଇଁ ବଡ଼ ଖବର ! କାମ କରିବନି ଓଲା, ଉବର, ରାପିଡୋ ଆପ୍। ଗାଡ଼ି ବୁକ୍ ହେବନି, ସଠିକ୍ ସମୟରେ ପହଞ୍ଚି ପାରିବେନି। ଦେଶବ୍ୟାପୀ ଧର୍ମଘଟ ଘୋଷଣା କରିଛନ୍ତି ଡ୍ରାଇଭର। ପାଖାପାଖି ୬ ଘଣ୍ଟା ପାଇଁ ଏହି ଆପ୍ସଗୁଡ଼ିକ ବନ୍ଦ ରହିବ। ଏହି ପ୍ରତିବାଦକୁ "ଅଲ୍ ଇଣ୍ଡିଆ ବ୍ରେକଡାଉନ୍" ବୋଲି ନାମ ଦିଆଯାଇଛି। ଏହି ଧର୍ମଘଟ କ୍ୟାବ୍, ଅଟୋ-ରିକ୍ସା ଏବଂ ବାଇକ୍ ଟ୍ୟାକ୍ସି ସେବାକୁ ପ୍ରଭାବିତ କରିପାରେ। ତେଲେଙ୍ଗାନା ଗିଗ୍ ଆଣ୍ଡ ପ୍ଲାଟଫର୍ମ ୱାର୍କର୍ସ ୟୁନିଅନ୍ (ଟିଜିପିଡବ୍ଲ୍ୟୁୟୁ)ଙ୍କ ଦ୍ୱାରା ଏହି ଧର୍ମଘଟ ଡାକରା ଦିଆଯାଇଛି, ଯାହାକୁ ସାରା ଦେଶର ଅନେକ ଶ୍ରମିକ ସଂଗଠନ ସମର୍ଥନ କରୁଛନ୍ତି। ୟୁନିଅନ୍ କହିଛି ଯେ, ଆପ୍-ଆଧାରିତ ପରିବହନ ସେବାରେ ବର୍ତ୍ତମାନର ଭଡ଼ା ନିର୍ଦ୍ଧାରଣ ବ୍ୟବସ୍ଥା ଏବଂ କାର୍ଯ୍ୟ ପରିସ୍ଥିତି ଖରାପ ହେଉଛି। ଡ୍ରାଇଭର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ମୋଟର ଯାନବାହନ ଏଗ୍ରିଗେଟର୍ ନିର୍ଦ୍ଦେଶାବଳୀ ୨୦୨୫ କାର୍ଯ୍ୟକାରୀ ହେବା ସତ୍ତ୍ୱେ, କମ୍ପାନୀଗୁଡ଼ିକ ମନଇଚ୍ଛା ଭଡ଼ା ନିର୍ଦ୍ଧାରଣ କରୁଛନ୍ତି। ସର୍ବନିମ୍ନ ମୂଳ ଭଡ଼ା ସୂଚିତ କରିବାରେ ସରକାରଙ୍କ ବିଫଳତା ଡ୍ରାଇଭରମାନଙ୍କ ରୋଜଗାର ହ୍ରାସ କରୁଛି ଏବଂ ସେମାନଙ୍କୁ ଅଧିକ ସମୟ କାମ କରିବାକୁ ବାଧ କରୁଛି। "ଯେ ପର୍ଯ୍ୟନ୍ତ ଏକ ସର୍ବନିମ୍ନ ଭଡ଼ା ସ୍ଥିର ନହୁଏ ଏବଂ ନିୟମ କଡ଼ାକଡ଼ି ଭାବରେ ଲାଗୁ ନହୁଏ, ସେ ପର୍ଯ୍ୟନ୍ତ ଶୋଷଣ ଜାରି ରହିବ। ବ୍ୟକ୍ତିଗତ ଯାନର ବାଣିଜ୍ୟିକ ବ୍ୟବହାରକୁ ନିଷେଧ କରାଯିବା ଉଚିତ୍," ଏନେଇ ଟିଜିପିଡବ୍ଲ୍ୟୁୟୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛି।

ଟ୍ୟାକ୍ସି, ଅଟୋ, ବାଇକ୍ ଟ୍ୟାକ୍ସି ଏବଂ ମାଲ୍ ପରିବହନ ସେବା ପାଇଁ ବାଧ୍ୟତାମୂଳକ ସର୍ବନିମ୍ନ ଭଡ଼ା। ଭଡ଼ା ଆଲୋଚନାରେ ଡ୍ରାଇଭର ପ୍ରତିନିଧିଙ୍କ ଅଂଶଗ୍ରହଣ। ବ୍ୟକ୍ତିଗତ ଯାନର ବାଣିଜ୍ୟିକ ବ୍ୟବହାର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ। ଏଗ୍ରିଗେଟର ନିର୍ଦ୍ଦେଶାବଳୀର ଧାରା ୧୭.୩ କୁ ହଟାଇବା, ଯାହା କମ୍ପାନୀଗୁଡ଼ିକୁ ମୂଳ ଭଡ଼ାଠାରୁ ୫୦% ପର୍ଯ୍ୟନ୍ତ କମ୍ ମୂଲ୍ୟ ସ୍ଥିର କରିବାକୁ ଅନୁମତି ଦିଏ। ସଂଘ କହିଛି ଯେ, ଏହି ବ୍ୟବସ୍ଥା ସିଧାସଳଖ ଡ୍ରାଇଭରମାନଙ୍କ ଆୟକୁ କ୍ଷତି ପହଞ୍ଚାଏ। ଟିଜିପିଡବ୍ଲ୍ୟୁୟୁ ଅନୁଯାୟୀ, ଆପ୍-ଆଧାରିତ ଡ୍ରାଇଭରମାନଙ୍କ ମଧ୍ୟରେ ଆୟ ଅସ୍ଥିରତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ବହୁ ସଂଖ୍ୟକ ଡ୍ରାଇଭର ଏହି ପ୍ଲାଟଫର୍ମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ତଥାପି ସେମାନଙ୍କ ପାଇଁ କୌଣସି ଠୋସ୍ ସୁରକ୍ଷା ନାହିଁ। ସଂଘ ଦାବି କରିଛି ଯେ, କେନ୍ଦ୍ର ଏବଂ ରାଜ୍ୟ ସରକାର ତୁରନ୍ତ ଆଲୋଚନା ଆରମ୍ଭ କରନ୍ତୁ ଏବଂ ଗିଗ୍ କର୍ମଚାରୀମାନଙ୍କ ପାଇଁ ଆଇନଗତ ସୁରକ୍ଷା ପ୍ରତିଷ୍ଠା କରନ୍ତୁ। ସର୍ଭେ ଅନୁସାରେ ପ୍ରାୟ ୪୦% ଗିଗ୍ କର୍ମଚାରୀଙ୍କ ମାସିକ ଆୟ ୧୫ ହଜାରରୁ କମ୍। ଆର୍ଥିକ ବର୍ଷ ୨୫ରେ ଗିଗ୍ କର୍ମୀଙ୍କ ସଂଖ୍ୟା ୧.୨ କୋଟିକୁ ବୃଦ୍ଧି ପାଇଛି। ଭାରତର ମୋଟ କର୍ମଚାରୀଙ୍କ ମଧ୍ୟରୁ ଗିଗ୍ କର୍ମଚାରୀଙ୍କ ସଂଖ୍ୟା ୨%ରୁ ଅଧିକ। ସଂଘ କହିଛି ଯେ, ଧର୍ମଘଟ ପ୍ରାୟ ୬ ଘଣ୍ଟା ଧରି ରହିବ। ଯଦିଓ ଏହାର ପ୍ରଭାବ ସହର ଅନୁସାରେ ଭିନ୍ନ ହୋଇପାରେ। ଯାତ୍ରୀମାନଙ୍କୁ ଫେବୃଆରୀ ୭ ତାରିଖରେ ବିକଳ୍ପ ଯାତ୍ରା ପାଇଁ ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି, ବିଶେଷକରି ସକାଳ ଏବଂ ସନ୍ଧ୍ୟା ସମୟରେ।

## ସାମ୍ ଅଲ୍ଟମ୍ୟାନଙ୍କ କମ୍ପାନୀ ଆଣିଲା 'ଓପନଏଆଇ ଫ୍ରଣ୍ଟିୟର୍'

ନୂଆଦିଲ୍ଲୀ, ୭।୨: ଏଣିକି ହ୍ୟୁମାନ୍ ନୁହେଁ, ଅଫିସ୍‌ରେ ହେବ ଏଆଇ କର୍ମଚାରୀଙ୍କ ଟିମ୍। ଏଭଳି ମତ ଦେଇଛନ୍ତି ଓପନଏଆଇର ସିଇଓ ସାମ୍ ଅଲ୍ଟମ୍ୟାନ୍। ସେ କହିଛନ୍ତି ଆଗାମୀ ସମୟରେ, କମ୍ପାନୀଗୁଡ଼ିକରେ ଏଆଇ ବହୁଳ ଭାବରେ ବ୍ୟବହାର କରାଯିବ ଏବଂ ଏଆଇ ଦଳଗୁଡ଼ିକ ଅଫିସ୍‌ରେ କାମ କରିବେ। ଏହି ଉଦ୍ଦେଶ୍ୟରେ, 'ଓପନଏଆଇ ଫ୍ରଣ୍ଟିୟର୍' ନାମକ ଏକ ନୂତନ ଏଣ୍ଟରପ୍ରାଇଜ୍ ପ୍ଲାଟଫର୍ମ ପ୍ରଚଳନ କରିଛି। ଏହି ପ୍ଲାଟଫର୍ମ କମ୍ପାନୀଗୁଡ଼ିକ ପାଇଁ ଏଆଇ କର୍ମଚାରୀ ସୃଷ୍ଟି କରିବ। ସାମ୍ ଅଲ୍ଟମ୍ୟାନ୍‌ଙ୍କ ଅନୁଯାୟୀ, ଲୋକମାନେ କମ୍ପାନୀଗୁଡ଼ିକରେ ଏଆଇ ଏଜେଣ୍ଟଙ୍କ ଦଳକୁ ପରିଚାଳନା କରିବେ। ଏହାର ଅର୍ଥ ହେଉଛି ଭବିଷ୍ୟତରେ, ଏଆଇ ଏଜେଣ୍ଟମାନେ ମାନବ କର୍ମଚାରୀଙ୍କ ସ୍ଥାନ ନେବେ ଏବଂ ସେହି ଏଆଇ କର୍ମଚାରୀମାନଙ୍କୁ ପରିଚାଳନା କରିବାର କାମ କିଛି ଲୋକ କରିବେ। ଏକ୍ସ ଉପରେ ଏକ ପୋଷ୍ଟରେ, ସାମ୍ ଅଲ୍ଟମ୍ୟାନ୍ କହିଛନ୍ତି ଯେ ଯେଉଁମାନେ ଏଆଇକୁ ବ୍ୟାପକ ପରିମାଣରେ ବ୍ୟବହାର କରିବେ ଏବଂ ଯେଉଁଠାରେ ଲୋକମାନେ ଏହି ଏଆଇ ଏଜେଣ୍ଟଙ୍କ ଦଳଗୁଡ଼ିକୁ ପରିଚାଳନା କରିବେ, ଭବିଷ୍ୟତରେ କେବଳ ସେହି କମ୍ପାନୀଗୁଡ଼ିକ ସଫଳ ହେବେ।



ରିପୋର୍ଟ ଅନୁଯାୟୀ, ଫ୍ରଣ୍ଟିୟର ବିଶେଷ ଭାବରେ ବଡ଼ ଏଣ୍ଟରପ୍ରାଇଜ୍ କମ୍ପାନୀଗୁଡ଼ିକ ପାଇଁ ଡିଜାଇନ୍ କରାଯାଇଛି। ଏହା ସେମାନଙ୍କୁ ସେମାନଙ୍କର ଇଣ୍ଟରନାଲ ସିଷ୍ଟମ ମଧ୍ୟରେ ଚାଲୁଥିବା ଏଆଇ ଏଜେଣ୍ଟଗୁଡ଼ିକୁ ସହଜରେ ପରିଚାଳନା କରିବାକୁ ଅନୁମତି ଦେବ। ଏହା ଉଲ୍ଲେଖନୀୟ ଯେ ଏଆଇ ଏଜେଣ୍ଟମାନେ ମଣିଷଙ୍କ ପରି କାର୍ଯ୍ୟ କରନ୍ତି। ସେମାନଙ୍କୁ ମଣିଷଙ୍କ ପରି ନିର୍ଦ୍ଦେଶ, ତାଲିମ ଦିଆଯାଏ। ଏହା ବ୍ୟତୀତ, ପ୍ରତ୍ୟେକ ଏଜେଣ୍ଟଙ୍କର ଏକ ପରିଚୟ ଏବଂ ସୁରକ୍ଷା ସୀମା ରହିଛି। ଓପନଏଆଇ ଫ୍ରଣ୍ଟିୟର୍ ପ୍ଲାଟଫର୍ମ କମ୍ପାନୀଗୁଡ଼ିକର ଡାଟା ୱେରହାଉସ୍, ସିଆରଏମ ସିଷ୍ଟମ୍ ଏବଂ ଟିକେଟ୍ ଟୁଲ୍ସ ଭଳି ଇଣ୍ଟରନାଲ ଆପ୍ସ ସହିତ ସଂଯୋଗ କରିବ। ଏହା କମ୍ପାନୀ ଏବଂ ଏହାର କାର୍ଯ୍ୟ ବିଷୟରେ ଏଆଇର ବୁଝାମଣାକୁ ଆହୁରି ବୃଦ୍ଧି କରିବ। ଏହା ଏଆଇ ଏଜେଣ୍ଟମାନଙ୍କୁ ଫାଇଲ୍ ସହିତ କାମ କରିବାକୁ, କୋଡ୍ ଚଲାଇବାକୁ ଏବଂ କୌଣସି ନୂତନ ଡାଟା ଫର୍ମାଟ୍ ଆବଶ୍ୟକ ନ କରି ଏଣ୍ଟରପ୍ରାଇଜ୍ ଟୁଲ୍ସ ବ୍ୟବହାର କରିବାକୁ ଅନୁମତି ଦେବ। ଅଲ୍ଟମ୍ୟାନଙ୍କ ଅନୁଯାୟୀ, ସେମାନଙ୍କର ପ୍ଲାଟଫର୍ମ କମ୍ପାନୀ କିମ୍ବା ଥାର୍ଡ ପାର୍ଟି ଡେଭଲପରମାନଙ୍କୁ ସୁରକ୍ଷିତ ଏଜେଣ୍ଟ ନିର୍ମାଣ କରିବାକୁ ଅନୁମତି ଦେବା ପାଇଁ କୋଡେକ୍ସ ବ୍ୟବହାର କରେ। ଓପନଏଆଇ ସେମାନଙ୍କୁ ଉନ୍ନତ କରିବା ପାଇଁ ବିଲ୍ଟ-ଇନ୍ ମୂଲ୍ୟାୟନ ଏବଂ ଅପ୍ଟିମାଇଜେସନ୍ ଟୁଲ୍ସ ମଧ୍ୟ ପ୍ରଦାନ କରିଛି। ଏହା ଲଞ୍ଚ ହେବା ପରଠୁ ବିଶ୍ୱର ଅନେକ କମ୍ପାନୀ ଫ୍ରଣ୍ଟିୟରକୁ ଗ୍ରହଣ କରିଛନ୍ତି। ଏଥିରେ ଏଚପି, ଓରାକିଲ୍, ଉବର ଏବଂ ଥର୍ମୋ ଫିସର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, Cisco ଏବଂ ଟି-ମୋବାଇଲ୍ ଭଳି କମ୍ପାନୀଗୁଡ଼ିକରେ ଏହାର ପାଇଲଟ୍ ପ୍ରୋଗ୍ରାମ୍ ଚାଲିଛି। ଓପନଏଆଇ ଏହାର ପ୍ଲାଟଫର୍ମକୁ ଆହୁରି ସୁଧାରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ବର୍ତ୍ତମାନ ପ୍ଲାଟଫର୍ମଟି ସୀମିତ ସଂଖ୍ୟକ କମ୍ପାନୀ ପାଇଁ ଉପଲବ୍ଧ, କିନ୍ତୁ ଶୀଘ୍ର ଏହା ସମସ୍ତଙ୍କ ପାଇଁ ଖୋଲାଯିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ନଦୀବନ୍ଧ ନିର୍ମାଣ ନିମ୍ନମାନର, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

**କାକଟପୁର/ଅସ୍ତରଙ୍ଗ,୭।୨ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ବନ୍ୟା ପ୍ରକୋପରେ ଜନ ସାଧାରଣଙ୍କ ସ୍ୱାର୍ଥ ଏବଂ ସେମାନଙ୍କ ଚାଷ ବାସ କୁ ସୁରକ୍ଷା ଦେବା ନିମନ୍ତେ ଓଡିଶା ସରକାର ଜଳସେଚନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଦ୍ୱାରା ନଦୀବନ୍ଧ ଗୁଡିକୁ ମରାମତି ଓ ସୁଦୃଢ଼ୀକରଣ କରିଥାନ୍ତି। ପୁରୀ ଜିଲ୍ଲା ନିମାପଡା ଜଳସେଚନ ଅଧୀନ ଅସ୍ତରଙ୍ଗ ବ୍ଲକ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ବନ୍ଧ ଓସିଆଁ ଠାରୁ ପାଟସୁନ୍ଦରପୁର ମଧବର୍ତ୍ତୀ ନଦୀ ବନ୍ଧ ନିକଟରେ ପଥର ବନ୍ଧ କାମ ଜାରି ରହିଛି। ଜନବସତି ଗୁଡିକୁ ନଦୀ ଦାଉରୁ ରକ୍ଷା କରିବା ପାଇଁ ସରକାର ଙ୍କ ପକ୍ଷରୁ ଶହେ ମିଟର ପଥର ମରାମତି ପାଇଁ ପାଖାପାଖି ୪୩ଲକ୍ଷ ଟଙ୍କା ବ୍ୟୟରେ ନଦୀ ବନ୍ଧ ସୁରକ୍ଷା ପାଇଁ ବନ୍ଧ କାମ ନିର୍ମାଣ କାର୍ଯ୍ୟ ଜାରି ରହିଛି। ମାତ୍ର ଅର୍ଥ ହରିଲୁଟ ଉଦେଶ୍ୟରେ ଉକ୍ତ ଠିକାଦାର ଓ ବିଭାଗୀୟ



ଅଧିକାରୀ ଙ୍କ ମିଳିଭଗତରେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି କାକଟପୁର ନିର୍ବାଚନ ମଣ୍ଡଳୀ ଠିକାଦାର ମହାସଂଘ।

ଶନିବାର ଅପରାହ୍ନ ରେ କାକଟପୁର ନିର୍ବାଚନ ମଣ୍ଡଳୀ ଠିକାଦାର ମହାସଂଘ ସଦସ୍ୟ ଉକ୍ତ କାର୍ଯ୍ୟସ୍ଥଳରେ ପହଂଚି କାମକୁ ଅନୁଧ୍ୟାନ କରି ଦେଖିବା ସହ ଟଙ୍କା ହରିଲୁଟ କରିବା ମସୁଧା ରଖି ନିକଟରେ ହୋଇଥିବା ପୁରୁଣା କାମକୁ ଖୋଳି ପଥର ବ୍ୟବହୃତ କରିବା ସହ ନିକଟରୁ ଖୋଳି ମାଟି ଭର୍ତ୍ତି କରୁଛନ୍ତି। ଏହା ସହ ଯେଉଁ ସ୍ଥାନରୁ ପଥ କାମ ହେବା କଥା ତାହା ହୋଇନାହିଁ। ସ୍ତର ରେ ବ୍ୟବହୃତ ପଥର ଗୁଡିକ ନିମ୍ନ ମାନର ଧଳା ପଥର ପ୍ୟାକିଙ୍ଗ ସହ ମଝିରେ ଅତି ଛୋଟ ପଥର ଭର୍ତ୍ତି କରିଛନ୍ତି। ଏହି ସୁରକ୍ଷା ବନ୍ଧ (ସ୍ତର)ର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ପୂର୍ବରୁ ପୋତି ହୋଇଯାଇଥିବା ପୁରୁଣା ସ୍ତର ଉପରେ ପଥର ଖୋଳି ନୂଆ ସ୍ତର ବ୍ୟବହାର କରାଯାଉଛି। ଯେଉଁ ଭଳି ନିମ୍ନମାନର କାର୍ଯ୍ୟ ହୋଇଛି ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣକାରୀ ଠିକାଦାର ଓ ବିଭାଗୀୟ ଅଧିକାରୀ ସଲା ସୁତ୍ରରେ ନିମ୍ନ ମାନର କାମ କରାଯାଉଛି ବୋଲି କାକଟପୁର ନିର୍ମାଣ ମଣ୍ଡଳୀ ଠିକାଦାର ମହାସଂଘ ସଦସ୍ୟ ଅଭିଯୋଗ କରିଛନ୍ତି।

## ସାଇବର ସୁରକ୍ଷା ଏବଂ ପକ୍ସୋ ଆଇନ-୨୦୧୨ ଉପରେ ଛାତ୍ରଛାତ୍ରୀଙ୍କ ସଚେତନତା କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୭।୨ (ସଂଚାର ବ୍ୟୁରୋ):** ରାଜ୍ୟ ଏବଂ ଜିଲ୍ଲାରେ ଶିଶୁ ଯୌନ ନିର୍ଯାତନା, ବାଲ୍ୟ ବିବାହ ଏବଂ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବାରୁ, କଲେକ୍ଟର ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଖୋର୍ଦ୍ଧା ସହିତ ସମନ୍ୱୟରେ ଖୋର୍ଦ୍ଧା, ବିଜେବି, ହାଇସ୍କୁଲରେ ସାଇବର ଅପରାଧ ଏବଂ ଶିଶୁ ଯୌନ ନିର୍ଯାତନା ନିବାରଣ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁଶ୍ରୀ ବାଣିଶ୍ରୀ ପଟ୍ଟନାୟକ, ଏହି ଶିବିରର ଆଭିମୁଖ୍ୟ ଏବଂ ୧୪ରୁ ୧୮ବର୍ଷ ବୟସର ପିଲାମାନେ କିପରି ଯୌନ ନିର୍ଯାତନାର ଶିକାର ହୁଅନ୍ତି ଏବଂ ଏହାକୁ ରୋକିବା ପାଇଁ ପକ୍ସୋ ଆଇନ ସତ୍ତ୍ୱେ ପିଲାମାନଙ୍କ ମଧ୍ୟରେ କିପରି ସଚେତନତାର ଅଭାବ ରହିଛି ସେ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପ୍ଲାନ୍ ଇଣ୍ଡିଆର ଜିଲ୍ଲା ସଂଯୋଜକ ଅମିତା ସିଂହ, ପିଲାମାନଙ୍କୁ ସାଇବର ଅପରାଧରୁ ନିଜକୁ କିପରି ରକ୍ଷା କରିବେ ସେ ବିଷୟରେ ସଚେତନ କରିଥିଲେ। ଏହି ଶିବିରରେ ସ୍କୁଲର ନବମ ଶ୍ରେଣୀର ୨୦୦ ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ, ଯେତେବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୌମେନ୍ଦ୍ର ନାୟକ ଏବଂ ୟୁନିଟର ସାମାଜିକ କର୍ମୀ ଏବଂ ଏସ୍‌ଜେପିୟୁର ସଦସ୍ୟ ରଞ୍ଜନ କୁମାର ଗୋଚ୍ଛାୟତ, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର ଏବଂ ପ୍ଲାନ୍ ଇଣ୍ଡିଆର ସାମାଜିକ କର୍ମୀ ମଧୁସ୍ମିତା ପାତ୍ର ଶିବିର ପରିଚାଳନା କରିଥିଲେ।

## ବନାଗ୍ନି ନିବାରଣ ସଚେ଼ତନତା ଶିବିର




**ନୀଳଗିରି,୭।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚ଼ଲଣାପାଳ ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେ଼ତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଗ୍ରୀଷ୍ମଦିନେ ଜଙ୍ଗଲକୁ କିପରି ରକ୍ଷା କରାଯାଇପାରିବ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ନଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ପ୍ରଦାନ ଆଦି ବିଭିନ୍ନ ବାର୍ତ୍ତାନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବିଶେଷକରି ଜଙ୍ଗଲ ପାଦଦେଶ ଅଞ୍ଚଳର ଲୋକମାନେ ମହୁଲ ଫୁଲ ଓ ଶାଳମଞ୍ଜି ସଂଗ୍ରହକରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି ।ତେଣୁ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱାଇଁ, ଅଜୟ ସିଂ, ରାଜେନ୍ଦ୍ର ସିଂ, ଦିଲ୍ଲିପ ସିଂ, ପାର୍ବତୀ ସିଂ, ମିଲି ସିଂ, ମାମା ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ପୁନର୍ବାସ ପକ୍ଷରୁ ଡାଇଲଗ୍ ଅନ୍ ଡିଜାବିଲିଟି- ୨




**କେନ୍ଦ୍ରାପଡା,୭।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା,ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଡାଇଲଗ ଅନ୍ ଡିଜାବିଲିଟି ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାଧପୁରସ୍ଥିତ ପୁନର୍ବାସର ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଏହି ଡାଇଲଗ ସିରିଜର ଦ୍ୱିତୀୟ ପର୍ଯ୍ୟାୟ ଆୟୋଜିତ ହୋଇଥିଲା । କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଓ ଡିଜାବିଲିଟି ସେଲର ନିର୍ଦ୍ଦେଶକ ଡ଼ ତନ୍‌ବୀ ଶାମ୍ସ ଯୋଗଦେଇ ନୂତନ ଭିନ୍ନକ୍ଷମ ଆଇନର ବିବିଧ ଧାରା ଓ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଆଇନରେ କିପରି ଶିକ୍ଷା ଓ ତାଲିମ, ନିଯୁକ୍ତି,ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ନାୟିକ ବିଚାର ପରି ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ସୁନିଶ୍ଚିତ କରାଯାଇଛି ସେସବୁ ଦିଗଗୁଡିକୁ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଙ୍ଘର ସମ୍ପାଦକ ନୃସିଂହ ଚରଣ ରାଉତ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ନାୟକ, ଶେଷଦେବ ଦାସ, ସୁଶ୍ରୀ ନାୟକ, ହରିବନ୍ଧୁ ସିଂ, ବିଷ୍ଣୁ ପ୍ରସାଦ ଜେନା,ଅମୀୟ ଜେନା ପ୍ରମୁଖ ଅଂଶଗ୍ରହଣ କରି ଏହି ନୂତନ ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କିତ ଆରପିଡବ୍ଲୁଡି ଆକ୍ଟ, ୨୦୧ ସମ୍ପର୍କିତ ବିଭିନ୍ନ ପ୍ରଶ୍ନମାନ ଉତ୍ଥାପନ କରିଥିଲେ । ପୁନର୍ବାସ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଭ୍ୟ ଆଇନଜୀବୀ ଜ୍ୟୋତିରଞ୍ଜନ ନାୟକ, ସଂଜୀବ କୁମାର ଜେନା, କେଦାରନାଥ ବାରିକ, ରାଜେନ୍ଦ୍ର ମହାପାତ୍ର ଓ ଧରଣୀଧର ସେଠି ପ୍ରମୁଖ ପରିଚାଳନା କରିଥିଲେ ।

## ୧୦ରୁ ବଲାଙ୍ଗିରରେ ଫାଇଲେରିଆ ନିରାକରଣ ଅଭିଯାନ




**ବଲାଙ୍ଗିର,୭।୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ଶାସ୍ତ୍ରୀ ନଗର, କନ୍ଦାପଲିପଡା ଓ ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୦୧ ତାରିଖ ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ସାର୍ବଜନୀନ ବାଟକ୍ରସ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ସାର୍ବଜନୀନ ବାଟକ୍ରସ ଔଷଧ ସେବନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଡା.ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ କୁମାର ପଣ୍ଡା ମହାଶୟ ଥିଲେ । ଏହା ସହ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ପୌରପରିଷଦରେ ୨୧୮ ଓ ଆଗଲପୁର ୩୪୮ଜଣ ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରାଯାଇଛି, ଯେଉଁମାନେ ଘରକୁ ଘର ବୁଲି ନିଜ ସକ୍ଷୁଖରେ ବୟସ ଅନୁଯାୟୀ ଲୋକଙ୍କୁ ବଟିକା ସେବନ କରେଇବେ । କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଥିବା ବ୍ୟକ୍ତି ମାନଙ୍କୁ ଛାଡି ସମସ୍ତେ ଏହି ବଟିକା ଖାଇବେ । ବଟିକା ସେବନ ପରେ ଯଦି କିଛି ଅସୁବିଧା ଦେଖା ଦିଏ, ତୁରନ୍ତ ଆଶା କିମ୍ବା ଅଙ୍ଗନବାଡି ଦିଦିଙ୍କୁ ଜଣେଇବେ । ଔଷଧ ସେବନ ପ୍ରକ୍ରିୟାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିବା ସହ ଜିଲ୍ଲାକୁ ଫାଇଲେରିଆ ରୋଗ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ପରିବାର କଲ୍ୟାଣ ଅଧିକାରୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ ।

## ଗ୍ୟାସ ଟାଙ୍କି ଫାଟି ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

### ପାଞ୍ଚଟି ବାଇକ୍ ଗୋଟିଏ କାର ବି ନଷ୍ଟ



**ଗରଦପୁର,୭।୨(ସଂଚାର ବ୍ୟୁରୋ):** ଚିତ୍ରୋତ୍ପଳା ନଦୀର ବିରଣା-ପିକରାଳିକୁ ସଂଯୋଗ ଲାଗି ନିର୍ମାଣ ଚାଲୁଥିବା ସ୍ଥାନରେ ଶନିବାର ଦିନ ମଧ୍ୟାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ସେତୁ ନିର୍ମାଣ କରୁଥିବା ସଂସ୍ଥାର କର୍ମଚାରୀ ମାନେ ରହିବା ପାଇଁ ସଂପୃକ୍ତ ସଂସ୍ଥା ଉକ୍ତ ସ୍ଥାନରେ ନଡ଼ା ଛପର ଘର ନିର୍ମାଣ କରିଥିଲା । ଯାହା ଫଳରେ ସେହି ସ୍ଥାନରେ ବହୁ ମୂଲ୍ୟବାନ ର ସାମଗ୍ରୀ ମଧ୍ୟ ମହଜୁଦ ଥିବା ଜାଣିବାକୁ ମିଳିଛି। କିନ୍ତୁ ସେହି ସ୍ଥାନରେ କୌଣସି କାରଣ ପାଇଁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସବୁଠୁ ବଡ଼ କଥା ହେଲା କର୍ମଚାରୀ ଙ୍କ ପାଞ୍ଚଟି ବାଇକ୍ ଓ ଗୋଟିଏ କାର ମଧ୍ୟ ଏହି ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ସ୍ଥାନୀୟ ଗରଦପୁର ଅଗ୍ନିଶମ ବାହିନୀ ପହଞ୍ଚିବାରେ ବିଳମ୍ବ କରିଥିଲେ। ଯେଉଁ ଅଗ୍ନିଶମ ଗାଡ଼ିଟି ଘଟଣା ସ୍ଥଳରେ ପହଂଚିଥିଲା ନିଆଁ କୁ ଆୟତ୍ତ କରିବାରେ ସମ୍ଭବ ହୋଇପାରିନଥିଲା । ନଡ଼ା ଛପର ଘର ସମେତ ନିକଟରେ ଥିବା ବାଇକ୍, କାର୍ ଏବଂ ଅନ୍ୟାନ୍ୟ ବହୁମୂଲ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିଲା ।

## ବେଲତଳ ନୋଡାଲ ସ୍କୁଲ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡ ବେଲତଳ ନୋଡାଲ ଉପ୍ରା ସ୍କୁଲ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଆରତୀ ଭଳଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ କାଉନସିଲର ଗୋପୀବଲ୍ଲଭ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା ଓ ସି ଆର ସି ସି ସଂଘମିତ୍ରା ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ରାଜେଶ ମହାରଣା ସମ୍ମାନିତଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେବା ସହିତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବରିଷ୍ଠ ଶିକ୍ଷୟତ୍ରୀ ଇଭା ଦାସ ସ୍ୱାଗତଭାଷଣ ଓ ରାଜଶ୍ରୀ ତ୍ରିପାଠୀ ଅତିଥିପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ବିଶ୍ୱ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ । ଏଇ ଅବସରରେ ସ୍କୁଲ ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଉତ୍ସବକୁ ସହକାରୀ ଶିକ୍ଷକ ଗୌତମ ସାହୁ, କୃପାସିନ୍ଧୁ ନାୟକ ଓ ସୁମିତ୍ରା ଓରାମ ପରିଚାଳନା କରିଥିଲେ ।

## ବରିଷ୍ଠ ନାଗରିକ ଆଇନଗତ ଅଧିକାର ଓ ସୁରକ୍ଷା ସଚେତନତା ଶିବିର




**କନ୍ଧମାଳ,୭।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ସଦରମହକୁମା ଫୁଲବାଣୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଏକ ଦିବସୀୟ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି । ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ , ପଂଚାୟତ ସମିତି ଅଧକ୍ଷ୍ୟା, ସସ୍ମିତା କହ୍ନର, ଉପାଧକ୍ଷ୍ୟ, ଶ୍ରୀ ନିବାସ କହଁର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁନିତା ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପି. ପଦ୍ମା, ହେଲ୍ପ ଏଜ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ, ଦେବଶ୍ରୀ ବ୍ରହ୍ମା, ଜିଲ୍ଲା ବରିଷ୍ଠ ନାଗରିକ କର୍ମକର୍ତ୍ତା ପଦ୍ମ ଚରଣ ସ୍ୱାଇଁ, ସର୍ବେଶ୍ୱର ମିଶ୍ର ଏବଂ ନବୀନ କିଶୋର ପଣ୍ଡା ଯୋଗଦାନ କରିଥିଲେ ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପି. ପଦ୍ମା ପ୍ରାରମ୍ଭିକ ଭାଷଣ ଦେଇଥିଲେ । ହେଲ୍ପ ଏଜ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ ଏହି ସଚେତନତା ଶିବିର ରେ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର, ବୟସ୍କ ବ୍ୟକ୍ତିଙ୍କ ସାଧାରଣ ସମସ୍ୟା, ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ୨୦୦୭ ଉପରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାସନଗରରେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ପ୍ରତିନିଧି ହେଲେ ଶିଶିର ରାଉତ



**ଯାଜପୁର ରୋଡ଼,୭।୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳର ପୌର ରାଜନିତୀକୁ ଅତି ପାଖରୁ ଦେଖିଥିବା ଓ ଲୋକଙ୍କୁ ସେବା ଯୋଗାଇଦେବା କ୍ଷେତ୍ରରେ ପୌର ପ୍ରଶାସନ କଳକୁ ଅତି ନିକଟରୁ ପରିଖିଥିବା ସହରର ଜଣାଶୁଣା ଟାଣୁଆ ନେତା ଶ୍ରୀ ଶିଶିର କୁମାର ରାଉତ'ଙ୍କୁ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଏଠାକାର ତାଙ୍କର ପ୍ରତିନିଧି ଭାବରେ ନିଯୁକ୍ତି ଦେଇଛନ୍ତି । ତେଣୁ ଆଗାମୀ ସମୟରେ ଶ୍ରୀରାଉତଙ୍କ ରାଜନୈତିକ ଅଭିଜ୍ଞତା ଏବଂ ତାଙ୍କର ରହିଥିବା ସାଂଗଠନିକ ଦକ୍ଷତା, ସାମର୍ଥ୍ୟ ପାଇଁ ପୌର 'ବିଜେଡି ଓ କଂଗ୍ରେସ' ଆଗାମୀ ପୌରନିର୍ବାଚନ ସମୟରେ ନିଶ୍ଚିତ ମାଟି କାମୁଡ଼ିବ ବୋଲି ଏଠାକାର ରାଜନୈତିକ ସମୀକ୍ଷକ ମାନେ ଏବେଠାରୁ ଆକଳନ କରିବା ଆରମ୍ଭ କଲେଣି । ଶ୍ରୀରାଉତଙ୍କ ପାଖକୁ ବିଭିନ୍ନ ମହଲରୁ ଏବେ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ସେ' ଏଥିପାଇଁ କୋରେଇ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ସହ ବିଜେପି ଦଳର ସମସ୍ତ କାର୍ଯ୍ୟକର୍ତା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ରାଉତ ବିଧାୟକଙ୍କ ପ୍ରତିନିଧି ହେବା ଦ୍ୱାରା ବିଜେପି ସଂଗଠନ ଏହି ସହରର ତୃଣମୂଳସ୍ତରରେ ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି ବୋଲି ଚାରିଆଡେ ଏବେ ଆଲୋଚନା ହେବା ଆରମ୍ଭ ହୋଇଯାଇଛି ।

### ମାଟିଆ ୟୁଜିୟୁପି ସ୍କୁଲ ବାର୍ଷିକ ଉତ୍ସବ

## ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ



**ପଟ୍ଟାମୁଣ୍ଡାଇ,୭।୨ (ସଂଚାର ବ୍ୟୁରୋ):** ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି । ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜନଗର ବିଧାୟକ ଶ୍ରୀସାହୁ କହିଲେ ସାମ୍ପ୍ରତିକ ସମୟରେ ବିଭିନ୍ନ କ୍ଷେତ୍ରରେ ସଫଳ ହେବା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରୁରୀ ହୋଇପଡିଛି । ଗୁଣାତ୍ମକ ଶିକ୍ଷା ପ୍ରସାର କ୍ଷେତ୍ରରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସହିତ ଅଭିଭାବକମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିବାରୁ ସମସ୍ତେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହିତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପୌରାଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ବ୍ଲକ ବି ଆର ସି ସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଧିକାରୀ ସୁନିତି ଦାଶ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ କୁମାର ଦାସ, କାଉନସିଲର ସୁବାସ ମଲ୍ଲିକ,ସି ଆର ସି ସି ସଂଘମିତ୍ରା ନାୟକ, ଶିକ୍ଷାବିତ ସତ୍ୟବାଦୀ ନାୟକ ଓ ଶୁକଦେବ ବିଶ୍ୱାଳ, ପୂର୍ବତନ କାଉନସିଲର ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ପିଣ୍ଛାବଣିଆ ଦୋଳମେଳାକୁ ଏକ ମାସ ରହିଲା ପିଚୁରାସ୍ତା କାମ ସରିବ ତ ?



**ବୈଶିଙ୍ଗା,୭।୨ (ସଂଚାର ବ୍ୟୁରୋ):** ଉତ୍ତର ଓଡିଶାର ସର୍ବବୃହତ ଦୋଳମେଳା ପାଇଁ ପିଞ୍ଛାବଣିଆ ପ୍ରସିଦ୍ଧ। ଏହି ମେଳାକୁ ଆଉ ମାସେ ରହିଲା, ଦୀର୍ଘ ଦିନରୁ ରାସ୍ତା କାମ ଧିମେଇ ଧିମେଇ ଚାଲିବା ଯୋଗୁ ଗତ ମେଳାରେ ଧୂଳି ଧୂସରହୋଇ ଲକ୍ଷ ଲକ୍ଷ ମେଳାକୁ ଆସିଥିଲେ। ଚଳିତ ବର୍ଷ ମେଳା ପୂର୍ବରୁ ରାସ୍ତା କାମ ସରିବ କି ନାହିଁ ଏ ନେଇ ଚିନ୍ତାରେ ଅଞ୍ଚଳବାସୀ। ମେଳାଟି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ଅନ୍ତର୍ଗତ ଗୋଟିଏ ପଡିଆରେ ଅନୁଷ୍ଠିତ ହେଉଥିବାରୁ ମେଳାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ଓ ଏଥିରେ ମୟୁରଭଞ୍ଜର ଭାଗ ଶତକଡା ୨୫ଭାଗ ରହିଛି। ଓଡିଶାର ବିଭିନ୍ନ ଜିଲା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅଞ୍ଚଳରୁ ଲୋକମାନେ ମେଳା ଦେଖିବା ପାଇଁ ଆସୁଥିବାରୁ ମେଳାରେ ପ୍ରବଳ ଭିଡ ଲାଗି ରହେ। ବାଲେଶ୍ୱର ଜିଲାର ରୂପସା ଷ୍ଟେସନରୁ ମେଳାକୁ ପିଚୁରାସ୍ତା ରହିଥିବାବେଳେ ମୟୂରଭଞ୍ଜ ଜିଲା ପଟୁ ମାଟିରାସ୍ତା ହିଁ ଏକମାତ୍ର ଭରସା ଥିଲା। ଗତବର୍ଷ ଦୋଳମେଳା ପୂର୍ବରୁ ମେଳା ପଡିଆ ପର୍ଯ୍ୟନ୍ତ ପିଚୁରାସ୍ତା ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ଲୋକମାନେ ଆଶା କରିଥିଲେ ମାଟିରାସ୍ତା ବଦଳରେ ପିଚୁରାସ୍ତାରେ ମେଳା ଯିବା ହେବ, ହେଲେ ଠିକାଦାର କାମ ବିଳମ୍ବ କରିବାରୁ ତାହା ସମ୍ଭବ ହୋଇ ପାରିନଥିଲା। ଚଳିତ ବର୍ଷ କିନ୍ତୁ ଦୋଳମେଳା ପୂର୍ବରୁ ମେଳା ପଡିଆକୁ ପିଚୁ ସଂଯୋଗ କାମ ସଂପୂର୍ଣ୍ଣ ହେବ ବୋଲି ଅଞ୍ଚଳ ବାସୀ ଭରସା ରଖିଛନ୍ତି। ବର୍ତ୍ତମାନ ୯୦ ପ୍ରତିଶତ କାମ ଶେଷ ହୋଇଥିବାବେଳେ ଚଳିତ ସପ୍ତାହରେ ରାସ୍ତା ସଂପୂର୍ଣ୍ଣ ହୋଇଯିବାର ଆକଳନ କରାଯାଉଛି। ପିଚୁରାସ୍ତା ହେବା କାରଣରୁ ଆଉ ଆଗଭଳି ଧୂଳିମଳି ଓ ଟ୍ରାଫିକ ସମସ୍ୟା ଦେଖାଯିବନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି। ମେଳାର ଏକମାସ ପୂର୍ବରୁ ପିଚୁରାସ୍ତା କାମ ସରିଯାଉଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି ।

# ନନ୍ଦଘର ପିଲାଙ୍କ ପାଇଁ ଏଆଇ-ସକ୍ଷମ ରକ୍ତହୀନତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ

**ରକ୍ତହୀନତା ମୁକ୍ତ ଭାରତ ଓ ଜାତୀୟ ସ୍ୱାସ୍ଥ୍ୟ ନୀତି ସହିତ ସମନ୍ୱିତ**

**ନନ୍ଦଘରରେ ସ୍ୱତନ୍ତ୍ର ରକ୍ତ ହୀନତା ଯାଞ୍ଚ ଶିବିର ଅନୁଷ୍ଠିତ ହେବ**

**ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା, ଛତିଶଗଡ଼ ଓ ରାଜସ୍ଥାନକୁ କଭର କରିବ**

**ଭୁବନେଶ୍ୱରଇ,୭।୨ (ସଂଚାର ବ୍ୟୁରୋ):** ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଅଧୀନରେ ବେଦାନ୍ତ ଗ୍ରୁପର ପ୍ରମୁଖ ସାମାଜିକ କାର୍ଯ୍ୟକ୍ରମ ପ୍ରଭାବ ନନ୍ଦଘର ଭାରତରେ ନନ୍ଦଘରଗୁଡ଼ିକରେ ଅଣ ଆକ୍ରମଣାତ୍ମକ ଏଆଇ-ସକ୍ଷମ ରକ୍ତହୀନତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ୨-୬ ବର୍ଷ ପିଲାମାନଙ୍କ ମଧ୍ୟରେ ରକ୍ତହୀନତାର ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିକାର




ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ୫୩୧ଟି ନନ୍ଦଘର ଓ ଛତିଶଗଡ଼ରେ ୨୬୨ଟି କାର୍ଯ୍ୟ କରୁଛି। ଏହାର ଲକ୍ଷ୍ୟ ହେଉଛି ସମାଜର ହଜାର ହଜାର ଛୋଟ ପିଲାଙ୍କ ନିକଟରେ ପହଁଞ୍ଚିବା ସହିତ ତୃଣ ମୂଳ ସ୍ତରରେ ପ୍ରତିରୋଧକ ମୂଳକ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବା।

ଏହି କାର୍ଯ୍ୟକ୍ରମ ନିରାପଦ, ଶିଶୁ ଅନୁକୂଳ ପରୀକ୍ଷଣ ପାଇଁ ରକ୍ତ ହୀନ, ପ୍ରିକ ମୁକ୍ତ ସ୍କ୍ରିନିଂ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବ। ଏଆଇ ସକ୍ଷମ ଡାଟା ଉପକରଣଗୁଡ଼ିକ ପ୍ରକୃତ ସମୟ ଟ୍ରାକିଂ, ପ୍ରାରମ୍ଭିକ ବିପଦ ଚିହ୍ନଟ ଓ ସାର୍ବଜନୀନନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମୟୋଚିତ କରିବ। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଓ ପୋଷଣ ୨.୦ ଅଧୀନରେ ଜାତୀୟ ପ୍ରାଥମିକତା ସହ ସମନ୍ୱିତ ଏହି ପଦକ୍ଷେପ ଗୋଷ୍ଠୀ ସ୍ତରୀୟ ପୁଷ୍ଟିସାର ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚେଷ୍ଟା କରେ। ସ୍କ୍ରିନିଂ ବ୍ୟତୀତ ଏହି ପଦକ୍ଷେପ ରକ୍ତହୀନତା ନିବାରଣ ପାଇଁ ସାମଗ୍ରିକ, ଗୋଷ୍ଠୀ ଉତ୍ପାଦିତ ପଦ୍ଧତି ଗ୍ରହଣ କରେ ଏବଂ ନିଶ୍ଚିତ କରେ ଯେ ଚିହ୍ନଟ କାର୍ଯ୍ୟକ୍ରମରେ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ।

ଶୁଭାରମ୍ଭ ଅବସରରେ ନନ୍ଦଘରର ସିଇଓ ଶଶି ଆରୋରା କହିଛନ୍ତି ଯେ ପ୍ରାକ ଶୈଶବରେ ରକ୍ତହୀନତା ପ୍ରାୟତଃ ଅଣଦେଖା ହୋଇ ରହିଥାଏ ଏହା ପିଲାର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରେ। ଏହି କାର୍ଯ୍ୟକ୍ରମରେ ନନ୍ଦଘର ପାରମ୍ପରିକ ପରୀକ୍ଷଣ ସହ ଜଡ଼ିତ ଭୟ ଓ ଅସ୍ୱସ୍ତିକୁ ଦୂର କରି ସମାଜର ନିକଟତର ହେବ। ଏହି ପଦକ୍ଷେପ ସଂପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ନନ୍ଦଘର ମାଧମରେ ଆମେ ଓଡ଼ିଶା ଓ ଛତିଶଗଡ଼ ଭଳି ଅଞ୍ଚଳର ପିଲାମାନଙ୍କୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଲାଗି ପ୍ରସ୍ତୁତ। ବେଦାନ୍ତ ଆଲୁମିନିୟମରେ ଆମେ ଏହା ବିଶ୍ୱାସ କରୁଯେ ଶିଳ୍ପ ପ୍ରଗତି ଓ ଗୋଷ୍ଠୀ କଲ୍ୟାଣ ପରସ୍ପର ସହ ଜଡ଼ିତ ଏହି ପ୍ରୟାସ ପ୍ରତ୍ୟେକ ପିଲାର ଅଭିବୃଦ୍ଧିକୁ ବିକଶିତ କରିବ। ରକ୍ତହୀନତା ଭାରତର ସବୁଠାରୁ ସ୍ଥାୟୀ ସାର୍ବଜନୀନ ଆହ୍ୱାନ ମଧ୍ୟରୁ ଗୋଟିଏ, ଯାହା ପିଲା ଓ ମା ମାନଙ୍କୁ ପ୍ରଭାବିତ କରୁଛି। ଜାତୀୟ ସ୍ୱାସ୍ଥ୍ୟ ସର୍ଭେ-୫ ଅନୁସାରେ ଭା।ରତରେ ପାଞ୍ଚ ବର୍ଷରୁ କମ ବୟସର ୬୭.୧% ପିଲା, ୫୯.୧% କିଶୋରୀ ଝିଅ ଓ ୧୫-୪୯ ବର୍ଷ ବୟସର ୫୭% ମହିଳା ରକ୍ତହୀନତାର ଶିକାର ହେଉଛନ୍ତି। ନନ୍ଦଘର ହେଉଛି ଆଧୁନିକ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଏକ ଦେଶବ୍ୟାପୀ ନେଟୱର୍କ ଯାହା ପୁଷ୍ଟିସାର, ପ୍ରାରମ୍ଭିକ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ସମନ୍ୱିତ ସେବା ଯୋଗାଇଥାଏ।

### ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା

## ପାରାଦୀପ, ଚେନ୍ନାଇ, ମୁମ୍ବାଇ ଓ ଜେଏନପିଏ ବନ୍ଦର ସେମିଫାଇନାଲରେ



**ପାରାଦ୍ୱୀପ,୭।୨ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ପାରାଦୀପର ବିଜୁ କନ୍ଭେନସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଚେନ୍ନାଇ ବନ୍ଦର ପାରାଦୀପ ଓ ଦିନଦୟାଲ ବନ୍ଦରକୁ, ମୁମ୍ବାଇ ବନ୍ଦର ଏନଏମ ପିଏ ଓ ବିଶାଖପାଟଣା ବନ୍ଦରକୁ ତଥା ଯେଏନପିଏ ବନ୍ଦର ଏନଏମପିଏ ଓ ବିଶାଖାପାଟଣା ବନ୍ଦରକୁ ପରାସ୍ତ କର ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆସନ୍ତା କାଲି ଆୟୋଜକ ପାରାଦୀପ ।ବନ୍ଦର ମୁମ୍ବାଇ ବନ୍ଦରକୁ ତଥା ଚେନ୍ନାଇ ବନ୍ଦର ଜବାହର ଲାଲ ନେହେରୁ ବନ୍ଦରକୁ ସେମିଫାଇନାଲରେ ଭେଟିବ । ଆଜିର ମ୍ୟାଚରେ ବନ୍ଦର ଉପାଧକ୍ଷ ଟି ବେନୁଗୋପାଲ ଓ ମୁଖ୍ୟ ଅର୍ଥ ପରାମର୍ଷଦାତା ଅଶୋକ ସାହୁ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଡାଇବେଟିସ ଓ ବ୍ଲଡ୍ ପ୍ରେସରକୁ କଣ୍ଟ୍ରୋଲ କରେ ହର୍ବାଲ୍ ଚା



ବର୍ତ୍ତମାନ ସମୟରେ କେତେବେଳେ ଖରା ତ ପୁଣି କେତେବେଳେ ବର୍ଷା। ଋତୁର ପରିବର୍ତ୍ତନରେ ପ୍ରାୟ ଅଧିକାଂଶ ଲୋକଙ୍କ ଦେହ ଖରାପ ହୋଇଥାଏ। ଋତୁ ପରିବର୍ତ୍ତନ ହେବା ମାତ୍ରେ ଛୋଟଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଜର, ଥଣ୍ଡା, କାଶ, ପେଟ ଯନ୍ତ୍ରଣା ଭଳି ସମସ୍ୟା ମଧ ଦେଖାଦେଇଥାଏ। ଏହିପରି ଅନେକ ପ୍ରକାରର ସମସ୍ୟା ସାମ୍ନାକୁ ଆସିଥାଏ। କିନ୍ତୁ ବର୍ତ୍ତମାନ୍ ଡାଇବେଟିସ ଏବଂ ବ୍ଲଡ୍ ପ୍ରେସର ରୋଗୀଙ୍କ ସଂଖ୍ୟା ବେସ୍ ବଢ଼ିବାରେ ଲାଗିଛି। ତେବେ ଆସନ୍ତୁ ଜାଣିବା ଏହି ରୋଗକୁ କିପରି ସହଜ ଉପାୟରେ ଭଲ କରିପାରିବା। ଯଦି ଆପଣ ଡାଇବେଟିସ ରୋଗୀ କିମ୍ବା ଆପଣଙ୍କର ବ୍ଲଡ୍ ପ୍ରେସର ଅଧିକ, ତେବେ ଆପଣଙ୍କ ଖାଦ୍ୟରେ ଏହି ହର୍ବାଲ୍ ଚା କିମ୍ବା କାଢ଼ା ସାମିଲ କରନ୍ତୁ। ଏକ ରିପୋର୍ଟ ଅନୁଯାୟୀ, ହର୍ବାଲ୍ ଚା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ, ରକ୍ତ ଶର୍କରା ନିୟନ୍ତ୍ରଣ କରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଧ ଉନ୍ନତ କରିପାରିବ। ତେବେ ଆସନ୍ତୁ ଜାଣିବା ମଧୁମେହ ଏବଂ ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ କେଉଁ ଚା' ପିଇବା ଉଚିତ?

ତୁଳସୀ ଚାଃ ତୁଳସୀ ପତ୍ରକୁ ଔଷଧର ଖଣି କୁହାଯାଏ। ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ। ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ଏବଂ କାଶ-ଥଣ୍ଡା ଏବଂ ସଂକ୍ରମଣକୁ ଦୂର କରିବାରେ ମଧ ସାହାଯ୍ୟ କରେ। ତୁଳସୀ ପତ୍ରର ଚା ସକାଳ ଏବଂ ସନ୍ଧ୍ୟାରେ ପିଇପାରିବେ। ଅନେକ ରିପୋର୍ଟ ଅନୁଯାୟୀ, ତୁଳସୀ ପତ୍ର ରକ୍ତ ଶର୍କରା ଏବଂ ରକ୍ତଚାପକୁ କମ କରିବାରେ ସକ୍ଷମ ହୋଇଥାଏ। ଏଥିସହ ଏହାକୁ ପିଇବା ପରେ ଶରୀରକୁ ବହୁତ ଆରାମ ମିଳିଥାଏ।

ତେଜପତ୍ର ଚାଃ ତେଜପତ୍ର କାଫିକ୍ ଏସିଡ୍ରେ ଭରପୂର। ଏହି ଏସିଡ୍ ରକ୍ତବାହୀ ନଳୀକୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଯଦି ଆପଣ ପ୍ରତ୍ୟେକ ଦିନ ତେଜପତ୍ରରେ ଚା' କରି ପିଅନ୍ତି, ତେବେ ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବାକୁ ଲାଗିବ।

ଏଥିସହ ଏଥିରେ ସିନାମାଲଡିହାଇଡ୍ ଏବଂ ୟୁଜେନଲ୍ ମଧ ଥାଏ ଯାହା କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ପରେ ରକ୍ତ ଶର୍କରାକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ଗରମ ପାଣିରେ ୧ ଚାମଚ ଶୁଖିଲା ପତ୍ର କିମ୍ବା ୮ ରୁ ୧୦ ଟି ତାଜା ତେଜ ପତ୍ର ମିଶାନ୍ତୁ, ୫ ମିନିଟ୍ ପାଇଁ ଫୁଟାନ୍ତୁ। ଏହାପରେ ଏକ କପରେ ଛାଣନ୍ତୁ, କିନ୍ତୁ ଚିନି ବ୍ୟବହାର କରନ୍ତୁ ନାହିଁ। ସେହିପରି ପିଅନ୍ତୁ, ଦେଖିବେ ଆପଣଙ୍କ ସମସ୍ୟା ଦୂର ହୋଇଯିବ।

ପିଜୁଳି ପତ୍ର ଚାଃ ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ମାତ୍ରାରେ ରହିଥାଏ। ପିଜୁଳି ପତ୍ର ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ। ପାଚନ ତନ୍ତ୍ରରେ ପ୍ରଦାହ କମ କରେ ଏବଂ ଚିନି ଶୋଷଣକୁ ଧୀର କରେ। ତେଣୁ ଏହା ମେଟାବୋଲିକ୍ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ।

ଏହି ପିଜୁଳି ପତ୍ର ଚା ତିଆରି କରିବାକୁ ହେଲେ ଆପଣ କିଛି ତାଜା ପତ୍ର ଧୋଇ ଫୁଟା ପାଣିରେ ମିଶାନ୍ତୁ। ଫୁଟିବା ପରେ ଛାଣନ୍ତୁ ଏବଂ କିଛି ବୁନ୍ଦା ମହୁ ମିଶାନ୍ତୁ। ଏହାପରେ ଏହି ଚା'ର ମଜା ନିଅନ୍ତୁ। ପ୍ରତିଦିନ ଗୋଟିଏ କିମ୍ବା ଦୁଇ କପ୍ ପର୍ଯ୍ୟନ୍ତ ସେବନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି ଆପଣ ନିୟମିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ଦେଖିବେ ଆପଣଙ୍କର ହେଉଥିବା ସମସ୍ୟା ବହୁତ ଶୀଘ୍ର ଗାୟବ ହୋଇଯିବ ଏବଂ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହିବେ।

# ନିୟମିତ ସେବନ କରନ୍ତୁ ଆପଲ ସାଇଡ଼ର ଭିନେଗାର



ଆପଲ ସାଇଡ଼ର ଭିନେଗାରକୁ ବିଭିନ୍ନ ଉପାୟରେ ଏହାକୁ ବ୍ୟବହାର କରାଯାଇପାରେ। ଏହା ଆପଣଙ୍କ ରୋଷେଇ ଘର ଠାରୁ ନେଇ ଶରୀର ପାଇଁ ଏକ ପ୍ରାକୃତିକ ଔଷଧ ପରି ବିଭିନ୍ନ କାର୍ଯ୍ୟ କରିଥାଏ। ସାଧାରଣ ପାନୀୟ ଜଳରେ କିଛି ମାତ୍ରାରେ ଆପଲ ସାଇଡର ଭିନେଗାର ମିଶାଇ ପିଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ଆପଲସାଇଡର ଭିନେଗାରକୁ ପ୍ରାକୃତିକ ଉପାୟରେ ତିଆରି କରାଯାଇଥାଏ। ଏହା ଏକ ପ୍ରାକୃତିକ ପ୍ରୋବାୟୋଟିକ ଭାବେ କାର୍ଯ୍ୟ କରିଥାଏ। ଆପଲ ସାଇଡ଼ର ଭିନେଗାର ଶରୀରର କ୍ଷତିକାରକ ବ୍ୟାକ୍ଟେରିଆ ଗୁଡ଼ିକୁ ସମାପ୍ତ କରିଥାଏ। ସେହିପରି ଶରୀରରେ ରକ୍ତଶର୍କରାର ମାତ୍ରା ନିୟନ୍ତ୍ରଣ ରଖିବାରେ ଆପଲ ସାଇଡ଼ର ଭିନେଗାର ବେଶ ସହାୟକ ହୋଇଥାଏ। ଡାଇବେଟିସ୍ ପୀଡିତ ହୁଅନ୍ତୁ କିମ୍ବା ସାଧାରଣ ମଣିଷ, ଶରୀରରେ ରକ୍ତ ଶର୍କରାର ସ୍ତର ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ନଚେତ ରକ୍ତଶର୍କରା ସ୍ତର ବଢ଼ିଲେ, ଶରୀରରେ ବିଭିନ୍ନ ରୋଗ ବୈରାଗ୍ୟ ବୃଦ୍ଧି ପାଇଥାଏ। ଆପଲ ସାଇଡ଼ର ଭିନେଗାର ଶରୀରରେ ସଠିକ ଓଜନକୁ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ। ଏହାକୁ ସେବନ କରିଲେ କିଛି ସମୟ ପର୍ଯ୍ୟନ୍ତ ଆପଣଙ୍କୁ ଭୋକ ହୋଇନଥାଏ। ଏହା ଦ୍ୱାରା ଶରୀରର କ୍ୟାଲୋରୀର ମାତ୍ରା ମଧ କମ୍ ହୋଇଥାଏ। ଯାହା ଫଳରେ ଓଜନ ହ୍ରାସ ଘଟିଥାଏ। ଆପଲ ସାଇଡ଼ର ଭିନେଗାରର ବାଷ୍ପକୁ ଶୁଖିଲା ତ୍ୱଚା ଓ ଏକଜିମା ଭଳି ଚର୍ମ ରୋଗର ଉପଚାର ଭାବେ ବ୍ୟବହାର କରାଯାଇଥାଏ। ଆମର ତ୍ୱଚା ପ୍ରାକୃତିକ ଭାବେ ଅମ୍ଳୀୟ। ଏକଜିମାରେ ପୀଡିତ ରୋଗୀଙ୍କ ତ୍ୱଚାରେ ଅମ୍ଳ ସ୍ତର କମ୍ ରହିଥାଏ। ଏହାର ସମାଧାନ ପାଇଁ ଆପଲ ସାଇଡର ଭିନେଗାରକୁ ପାଣିରେ ମିଶାଇ ଏହାକୁ ତ୍ୱଚା ଉପରେ ଲଗାଯାଇଥାଏ। ଏହା ଆମ ଶରୀରର ପ୍ରାକୃତିକ PHକୁ ସଠିକ ରଖିଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ହୋଇ ନଥାଏ। ତେଣୁ ପ୍ରଥମେ ଆପଣ ଏହାକୁ ପ୍ୟାଚ ଟେଷ୍ଟ କରି ହିଁ ବ୍ୟବହାର କରିବା ଉପଯୁକ୍ତ ଅଟେ।

# ଖଜୁରୀ ହାର୍ଟ ପାଇଁ ଲାଭଦାୟକ

ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ଖଜୁରୀ। ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଆମକୁ ସୁସ୍ଥ ରହିବାରେ ସାହାଯ୍ୟ କରେ। ତେଣୁ ଯଦି ଆପଣ ପ୍ରତିଦିନ କେବଳ ୨-୩ ଟି ଖଜୁରୀ ଖାଆନ୍ତି, ତେବେ ଆପଣ ଆପଣଙ୍କ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ଅନୁଭବ କରିପାରିବେ। ଖଜୁରୀରେ ପ୍ରଚୁର ପରିମାଣ ଗ୍ଲୁକୋଜ୍, ଫ୍ରୁକ୍ଟୋଜ୍ ଏବଂ ସୁକ୍ରୋଜ୍ ରହିଛି। ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ। ଜଳଖିଆରେ କିମ୍ବା ଖାଦ୍ୟ ଭାବରେ ୨ ରୁ ୩ଟି ଖଜୁରୀ ଖାଇବା ଦ୍ୱାରା ଆପଣ ସାରା ଦିନ ସକ୍ରିୟ ଏବଂ ଶକ୍ତିଶାଳୀ ଅନୁଭବ କରିପାରିବେ। ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ପାଚନ ସମସ୍ୟା ଏକ ସାଧାରଣ ରୋଗରେ ପରିଣତ ହୋଇଗଲାଣି। ଖଜୁରୀରେ ଡାଏଟ୍ରି ଫାଇବରରେ ଭରପୂର।ଏହି ଫାଇବର କୋଷ୍ଠକାଠିନ୍ୟରୁ ମୁକ୍ତି ଦିଏ ଏବଂ ଅନ୍ତନଳୀକୁ ସଫା କରିବାରେ ସାହାଯ୍ୟ କରେ। ତେଣୁ ଖଜୁରୀର ନିୟମିତ ଖାଇଲେ ହଜମ ପ୍ରକ୍ରିୟା ଉନ୍ନତ ହୁଏ ଏବଂ ବଦହଜମୀ ଏବଂ ଗ୍ୟାସ ଭଳି ପେଟ ସମସ୍ୟାର



ଆଶଙ୍କା କମ୍ ହୁଏ।ସେହିପରି ବୟସ ବଢ଼ିବା ସହିତ ହାଡ଼ ଦୁର୍ବଳତା ଏକ ପ୍ରମୁଖ ସମସ୍ୟା ଦେଖାଯାଏ। ଖଜୁରୀରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ତମ୍ବା ଏବଂ ସେଲେନିୟମ ଭଳି ଖଣିଜ ପଦାର୍ଥ ଥାଏ, ଯାହା ହାଡ଼ ସ୍ୱାସ୍ଥ୍ୟ ପାଇଁ ଜରୁରୀ। ପ୍ରତିଦିନ ଖଜୁରୀ ଖାଇବା ଦ୍ୱାରା ଅଷ୍ଟିଓପୋରୋସିସ ଭଳି ରୋଗର ଆଶଙ୍କା ହ୍ରାସ ପାଏ।

ରକ୍ତହୀନତା ଦୂର କରେଃ ଲୌହ ଅଭାବ ରକ୍ତହୀନତା ଏକ ସାଧାରଣ ସମସ୍ୟା ହୋଇଗଲାଣି। ବିଶେଷକରି ମହିଳାମାନଙ୍କ ମଧରେ। ଖଜୁରୀ ଲୌହର ଏକ ଉତ୍କୃଷ୍ଟ ପ୍ରାକୃତିକ ଉତ୍ସ।ଲାଲ ରକ୍ତ କୋଷିକା ଉତ୍ପାଦନ ବୃଦ୍ଧି କରି, ଏହା ସମଗ୍ର ଶରୀରରେ ଅମ୍ଳଜାନର ପ୍ରବାହକୁ ଉନ୍ନତ କରେ, ଯାହା ଫଳରେ ଥକ୍କାପଣ ଏବଂ ଦୁର୍ବଳତା ଦୂର ହୁଏ।

ହାର୍ଟ ପାଇଁ ଲାଭଦାୟକଃ ହାର୍ଟ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଖଜୁରୀ ଖାଇବା ଦ୍ୱାରା ହାର୍ଟ ସୁସ୍ଥ ରୁହେ। ଖଜୁରୀରେ ଥିବା ପୋଟାସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହାସହ ଫ୍ଲାଭୋନଏଡ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଖରାପ କୋଲେଷ୍ଟ୍ରଲର ସ୍ତର କମାଇବା ଏବଂ ଭଲ କୋଲେଷ୍ଟ୍ରଲର ସ୍ତର ବୃଦ୍ଧି କରିବାରେ ସାହାଯ୍ୟ କରେ। ତେବେ ଖଜୁରୀ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ, ଏହାର ପ୍ରକୃତି ଗରମ, ତେଣୁ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ।

# ମକା ଖାଇବା ପରେ ତୁରନ୍ତ ପାଣି ପିଉଛନ୍ତି କି?

ଘରର ବୟସ୍କ ଲୋକମାନେ ମକା ଖାଇବା ପରେ ପାଣି ପିଇବାକୁ ମନା କରିଥାନ୍ତି। ବର୍ଷାଦିନ ପୂର୍ବରୁ ବଜାରରେ ଉପଲବ୍ଧ ହୋଇଥାଏ ମକା। ପୋଡା ବା ସିଝା ମକାରେ ଲେମ୍ବୁ ରସ ଓ ଲୁଣ ଦେଇ ଖାଇବାର ମଜା ହିଁ ନିଆରା। ଏହା ଯେତିକି ସ୍ୱାଦିଷ୍ଟ, ସେତିକି ପୁଷ୍ଟକର ମଧ। ମକାରେ ଭିଟାମିନ୍-ସି, ଭିଟାମିନ୍-ବି ୧୨, କ୍ୟାଲସିୟମ୍ ଓ ଫାଇବର ପରି ପୋଷକତତ୍ତ୍ୱରେ ଭରା ମକା। କିନ୍ତୁ ଆପଣ ଜାଣନ୍ତି କି କାହିଁକି ମକା ଖାଇବା ପରେ ପାଣି ପିଇବାକୁ ମନା କରାଯାଏ? ବିଶେଷଜ୍ଞଙ୍କ ମତରେ ମକା ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ପେଟରେ ସମସ୍ୟା ଉପୁଜିପାରେ। କାରଣ ପାଚନ ତନ୍ତ୍ର ଧୀମା ହୋଇଯାଏ। ମକାରେ କମ୍ପ୍ଲେକ୍ସ କାର୍ବୋ ଓ ଷ୍ଟାର୍ଚ୍ଚ ରହିଥାଏ। ସେଥିପାଇଁ ମକା ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ପେଟରେ ଯନ୍ତ୍ରଣା ହୋଇଥାଏ। ସେହିପରି ପେଟରେ ଗ୍ୟାସ୍, ବ୍ଲୋଟିଙ୍ଗ ଏବଂ କବ୍ଜ ପରି ସମସ୍ୟା ସୃଷ୍ଟି ହୋଇପାରେ। ଫଳରେ ଅସହଜ ପରିସ୍ଥିତି ଉପୁଜିଥାଏ। ଏସବୁ ସମସ୍ୟାଠାରୁ ଦୂରେଇ ରହିବା ପାଇଁ ମକା ଖାଇବାର ୪୫ ମିନିଟ୍ ପରେ ପାଣି ପିଇବା ଉଚିତ୍।

## ଖାଇବା ସମୟରେ ଧ୍ୟାନ ଦିଅନ୍ତୁ

ମକା ଖାଇବା ସମୟରେ କେତୋଟି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଉଚିତ୍। ମକା ବିଶେଷତଃ ବର୍ଷା ଆସିବା ପୂର୍ବରୁ ବଜାରକୁ ଆସିଥାଏ। କିନ୍ତୁ ଏହି ସମୟରେ ଆମ ଶରୀର ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ବଜାରରେ ମିଳୁଥିବା ସିଝା ବା ପୋଡା ମକା ଖାଇବା ସମୟରେ କେବଳ ଗରମ ଥିବା ସମୟରେ ଏହାକୁ ଖାଇବା ଉଚିତ୍। କାରଣ ଏହା ଅଧିକ ସମୟ ରହିବା ପରେ ଏଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଇପାରନ୍ତି। ତେଣୁ ପାଚନତନ୍ତ୍ରରେ ସମସ୍ୟା ଆସିବା ସ୍ୱାଭାବିକ୍।



# ଆବଶ୍ୟକତାଠାରୁ ଅଧିକ ଭିଟାମିନ୍-ଡି ନେବା କ୍ଷତିକାରକ

ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ ଭଳି ଭିଟାମିନ ଡି ମଧ ଖୁବ ଜରୁରୀ। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ ଡିର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡନୀ ଫେଲ ହୋଇଯାଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗ୍ରାମ୍ ଭିଟାମିନ ଡି ସେବନ କରିବା ଉଚିତ୍। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶିରେ ପ୍ରତିଦିନ ୧୦୦ ମାଇକ୍ରୋଗ୍ରାମ୍ ଭିଟାମିନ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ ଡି ସେବନ କରିବା ବିଷ ସହ ସମାନ। ରିପୋର୍ଟ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗ୍ରାମ ଭିଟାମିନ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। କିଛି ସ୍ଥିତି ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡନୀ ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ ଦେଖାଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡନୀ ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡନୀରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖାଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ ଡି ସ୍ୱାସ୍ଥ୍ୟ ଲାଗି ଜରୁରୀ। ତେବେ ଡାକ୍ତରଙ୍କ ପରାମର୍ଶରେ ଭିଟାମିନ୍ ଡି ନେବା ଉଚିତ।



## ଘରୋଇ ବସ ମାଲିକ ସଂଘର ରାଜ୍ୟ ଜୋନ୍‌ସ୍ତରୀୟ ସମ୍ମିଳନୀ



**ବରଗଡ଼,୭।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ହୋଟେଲ କୋହିନୂର ସମ୍ମିଳନୀ କକ୍ଷରେ ବରଗଡ଼ ଘରୋଇ ବସ୍ ମାଲିକ ସଂଘ ଙ୍କ ସମେତ ଜୋନ ୧୨ ର ସମସ୍ତ ବସ୍ ମାଲିକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଅଛି। ଆଜିର ଏହି ସମ୍ମିଳନୀରେ ବିକାଶ ମହାପାତ୍ର ଉପସଭାପତି (ବରଗଡ଼), ଅକ୍ଷୟ କୁମାର ନନ୍ଦ (ଖରିଆର) ସମ୍ପାଦକ ଦାୟିତ୍ୱରେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସମସ୍ତ ଜୋନ୍ ରୁ ନିର୍ବାଚିତ ପ୍ରତିନିଧି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଭାପତି ନିର୍ବାଚନ ରେ ଭାଗ ନେବେ। ଆଗାମୀ ଦିନରେ ଘରୋଇ ବସ୍ ସେବାକୁ ସୁବ୍ୟବସ୍ଥିତ କରାଯିବ ବୋଲି ଉପସଭାପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଅବିନାଶ ମିଶ୍ର, ଏମ୍. ଡି. ସମିର, ଗୋବିନ୍ଦ ଚୋରା, ଏମ୍. ଡି. ଇଦ୍ରିସ, ଦେବାଶିଷ ଦାଶ, ମନୋଜ ମହାପାତ୍ର, ବୃନ୍ଦାବନ ଧର, ସୁନୀଲ ଦାଶ, ସୁବଳ ଦାଶ, ଏମ୍. ଡି. କଲିମୁଲ୍ଲା, ସୁବ୍ରତ ପିଡ଼, ଉମାଶଙ୍କର ପଟ୍ଟନାୟକ, ଦିନେଶ ମହନ୍ତ, ଅବତାର ଦୁସେନ ଓ ଆହୁରି ଅନେକ ଉପସ୍ଥିତ ଥିଲେ। ଶେଷରେ ବିନୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜୋରଦାର ଚାଲିଛି ଗଞ୍ଜା ଲଢ଼େଇ, ପୁଲିସ ଜାଣି ବି ଅଜଣା!

● ରକ୍ତର ହୋଲି ଚାଲିଛି ଚିତ୍ରୀ ହାଟରେ

**କଳିଙ୍ଗନଗର,୭।୨(ସଂଚାର ବ୍ୟୁରୋ):** ଟମକା ଥାନା ଅଞ୍ଚଳରେ ବହୁତ ଜାଗାରେ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି।ଏହି ଅଞ୍ଚଳରେ ବିଭିନ୍ନ ହାଟ ଓ ପଡ଼ାରେ ଚାଲିଛି ଖୁଲମ୍ ଖୁଲା ଗଞ୍ଜା ଲଢ଼େଇ ଓ ପାଲିଖେଳ।ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେ ସବୁକୁ ପୋଲିସ ପ୍ରଶାସନ ସୁରକ୍ଷା ଦେଉଥିବା ନେଇ ଚର୍ଚ୍ଚା ହେଉଛି।ଏମିତି ଏକ ବେଆଇନ କାର୍ଯ୍ୟ ଟମକା ଥାନା ଅନ୍ତର୍ଗତ ଚିତ୍ରୀ ପଞ୍ଚାୟତର ଚିତ୍ରୀ ହାଟରେ ଦେଖିବାକୁ ମିଳୁଛି। ଏହି ଅଞ୍ଚଳରେ ସର୍ବସାଧାରଣ ପାଇଁ ହାଟ ସୁବିଧା ଥିବା ବେଳେ ପାଲି ଖେଳ ସାଙ୍ଗକୁ ଗଞ୍ଜା ଲଢ଼େଇ ହେଉଛି। ଯେଉଁ ପାଲି ଖେଳ ଖେଳି ଦିନମଜୁରୀଆ ଲୋକ ସର୍ବସ୍ୱାନ୍ତ ହେଉଥିବା ବେଳେ, କୁକୁଡ଼ା ଲଢ଼େଇରେ ନିରୀହ ପକ୍ଷୀମାନେ ରକ୍ତାକ୍ତ ହୋଇ ବଳି ପଡୁଛନ୍ତି।ପ୍ରତ୍ୟେକ ହାଟ ପାଳିରେ ୧୦୦ରୁ ୧୫୦ଟାଙ୍କା ଲଢ଼େଇ ହେଉଛି ।ଏବଂ ଗୋଟିଏ ଗଞ୍ଜା ଲଢ଼େଇ କରିବା କୁ ହେଲେ ଦେବାକୁ ପଡେ ୨୦୦ରୁ ୩୦୦ଟଙ୍କା, ଏହି ଆଦାୟ ଟଙ୍କା କିଛି ଲୋକ ଭାଗ କରି ନେଉଥାନ୍ତି। ସରକାର ତରଫରୁ ଏହି କାର୍ଯ୍ୟ ବେଆଇନ ହୋଇଥିବାରୁ ସମ୍ପୂର୍ଣ୍ଣ ନିଷେଧ ରହିଛି।ସେଥିରେ ଖେଳରେ ମଧ୍ୟ ଟଙ୍କାର ବାଜି ଲାଗୁଛି, ଯାହା କି ସମ୍ପୂର୍ଣ୍ଣ ବେଆଇନ, ତେଣୁ ଏସବୁ ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଟମକା ଅଞ୍ଚଳର ବୁଦ୍ଧିଜୀବି ମାନେ ଦାବୀ କରିଛନ୍ତି।

## ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସର୍ବାଧିକ କୃତିତ୍ୱ



**କେନ୍ଦୁଝରଗଡ଼,୭।୨(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେଲରୋଡ, କେନ୍ଦୁଝରଗଡ଼ର ପଞ୍ଚମ ଶ୍ରେଣୀର ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ, ସୋନାଲି ପ୍ରିୟଦର୍ଶିନୀ ଜେନା, ସ୍ୱାତୀସ୍ମାରିକା ବେହେରା ଓ ଛାତ୍ର ଜ୍ୟୋତିରେନ୍ଦ୍ର ମହାପାତ୍ର ପ୍ରମୁଖ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ପ୍ରାର୍ଥନା କାଳାଂଶରେ ଆୟୋଜିତ ଏକ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଓମ୍‌କାର ଅଗ୍ରେଶ ଯୋଗ ଦେଇ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଓ ପର୍ଯ୍ୟାୟ ପ୍ରମୁଖ ଦୟାନିଧି ମହାନ୍ତ ଥିଲେ। ଉକ୍ତ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ପାଇଁ ପରିଚାଳନା ସମିତି, ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ପୁରସ୍କୃତ

**ଥୁଆମୂଳରାମପୁର,୭।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କୁମେରପଦର ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମୁଣ୍ଡ଼ଛିନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଉଦ୍ଧବ ବାରିକ ମୁଖ୍ୟ ବକ୍ତା ଓ ବ୍ଲକ ମଙ୍ଗଳ ଅଧିକାରୀ ଶ୍ରୀକ୍ଷେତ୍ର ସ୍ୱାଇଁ, ବନ ବିହାରୀ ପରିଡ଼ା, ସେଖ ଅଖ୍ତାର, ପ୍ରଶାନ୍ତ ମୁଣ୍ଡ଼ଛିନା, ଖଦରବାଟା କେଳାଶ ଛତ୍ରିଆ, ପ୍ରଶାନ୍ତ ନାଏକ, ସିଆରସିସି ଯଦୁମଣି ନାଏକ, ଏସ୍‌ଏମ୍‌ସି ସଭାପତି ପ୍ରଧାନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରଜରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାଟ୍ରନ ମୀନା କୁମାରୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷକ ସତ୍ୟ ପ୍ରକାଶ ଗଡତିଆ, ଦିବ୍ୟ ପ୍ରସାଦ ଦିଷ୍ଣା, ଶକ୍ତି ପ୍ରସାଦ ରଥ, ସୁଜିତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ: ସ୍ୱାମ୍ ଟିମ୍‌କୁ ହରାଇ କରଞ୍ଜିଆ ଚାମ୍ପିୟନ

**ପାଟଣା,୭।୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ ପାଟଣା ପଞ୍ଚାୟତ ସ୍ୱାମ ବିଜୟ ଗୋବିନ୍ଦପୁର ଶାସନ ଭଲିବଲ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଦିବାରାତ୍ର ସ୍ୱାମ ଭଲିବଲ ଟୁର୍ଣ୍ଣାମେଣ୍ଟ ସାମପାଲା ପଡ଼ିଆ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କରଞ୍ଜିଆ ସହ ସ୍ୱାମ ଟିମ୍ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେଉଥିଲା। ୩ସେଟ୍ ବିଶିଷ୍ଟ ମ୍ୟାଚରେ ପ୍ରଥମରୁ ୨ଟି ସ୍ୱାମ ସେଟ୍‌ରେ କରଞ୍ଜିଆ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ସ୍ୱାମ ରନର୍ସ ଅପ ହୋଇଥିଲା। ରେଫରି ଭାବେ ରାଜେଶ ସାହୁ, କିଶାନ ଦାଶ ଖେଳ ପରିଚାଳନା କରିଥିଲେ। ଖେଳାଳ ଧାରା ବିଚାରୀଙ୍କୁ ଶରତ ଚନ୍ଦ୍ର ମିଶ୍ର ଓ ରିଙ୍କୁ ସେଠୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ହେମନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିଲା।

## ସ୍କାଉଟସ-ଗାଇଡ଼ସ କ୍ୟାମ୍ପୋରୀ ଉଦ୍‌ଯାପିତ: ଦଣ୍ଡ ନାଚରେ ଦୁଲୁକିଲା ମଞ୍ଚ



**ଦାରିଙ୍ଗବାଡି,୭।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଗତ ୩ ଦିନ ଧରି ଚାଲିଥିବା ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ଼ସ କ୍ୟାମ୍ପୋରୀ ଉଦ୍‌ଯାପିତ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କନ୍ଧମାଳ ଜିଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟସ ଓ ଗାଇଡ଼ସର ଜିଲା ଅଧକ୍ଷ ରାଜେଶ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଭାରତ ସ୍କାଉଟସ ଓ ଗାଇଡ଼ସର ଜିଲା ସମ୍ପାଦକ ସଞ୍ଜୟ କୁମାର ପାତ୍ର, ସହ ସମ୍ପାଦକ ରାଜକିଶୋର ବେହେରା, ଅଗ୍ନିଶମ ଅଧିକାରୀ ଧନେଶ୍ୱର ପ୍ରଧାନ, ଏବିଭିଓ ଗୋକୁଳାନନ୍ଦ ମଲ୍ଲିକ, ବନମାଳୀ ମାଝୀ, କୌଶିକ ନାୟକ, ସିମନବାଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ୩ ଦିନ ଧରି ୪ ଶହରୁ ଊର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ଼ସ ଛାତ୍ରଛାତ୍ରୀ, ସ୍କାଉଟ ମାଷ୍ଟର ଏବଂ ଗାଇଡ଼ କ୍ୟାପଟେନ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରମ୍ପରିକ ଲୋକ କଳା ପ୍ରଦର୍ଶନ ହୋଇଥିଲା। ଏଥିରେ କନ୍ଧମାଳର ଦଣ୍ଡ ଚରିତ୍ରରେ ଛାତ୍ରଛାତ୍ରୀମାନେ ନୃତ୍ୟ କରି ମଞ୍ଚ ଦୁଲୁକାଇଥିଲେ।

ଭୁଶୁଡୁଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

# ବ୍ଲକରେ ବନ୍ଦ ହେଲାଣି ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ

**ହରଭଙ୍ଗା,୭।୨(ସଂଚାର ବ୍ୟୁରୋ):** ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଅଜବ ନୀତି । ଆର.ଟି.ଇ ନିୟମ ପାଇଁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ବନ୍ଦ ହେଲାଣି ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ । ନିକଟସ୍ଥ ବିଦ୍ୟାଳୟରେ ପିଲାଙ୍କୁ ସାମିଲ ପରେ ବି ପ୍ରାକୃତିକ ପ୍ରତିବନ୍ଧକ ପାଇଁ ଶିକ୍ଷାରୁ ମୁହଁ ଫେରାଉଛନ୍ତି ଛାତ୍ରଛାତ୍ରୀ। ଫଳରେ ବଢୁଛି ବ୍ଲକରେ ପିଲାଙ୍କ ଡ୍ରପ୍ ଆଉଟ ସଂଖ୍ୟା । ଭିତ୍ତିଭୂମି ଥାଇ ମଧ ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବିଦ୍ୟାଳୟ କୋଠା ଏବେ ପାଲଟିଛି ଭୂତକୋଠି । କେଉଁଠି ଜଙ୍ଗଲର ଭ୍ରମ ସୃଷ୍ଟି ହେଉଛି ତ ଆଉ କେଉଁଠି ଅସାମାଜିକ ବ୍ୟକ୍ତିମାନଙ୍କ ଆଡାସ୍ଥଳୀ ପାଲଟିଛି । ଏ ଦୃଶ୍ୟ ହେଉଛି ୨୦୧୧ ମସିହାରେ ସ୍ଥାପିତ ହୋଇଥିବା ବୌଦ୍ଧ



ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜିଆଁକଟା ପ୍ରାଥମିକ ବିଦ୍ୟାଳୟର । ଦିନ ଥିଲା ବିଦ୍ୟାଳୟଟି ପିଲାଙ୍କ ପାଠପଢାରେ ଫାଟି ପଡୁଥିଲା । ଆଉ ଏବେ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । କେବଳ ଜିଆଁକଟା ନୁହଁ ହରଭଙ୍ଗା ବ୍ଲକର ୩୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଏଭଳି । ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୨୦ରୁ କମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିବା ବିଦ୍ୟାଳୟ ଗୁଡିକ ବନ୍ଦ କରାଯିବା ସହିତ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ କରିବା । ହେଲେ ରାସ୍ତା, ନାଳ, ଗାଡିଆ, ଜଙ୍ଗଲ, ଦୂରତା ଭଳି ବିଭିନ୍ନ ପ୍ରତିବନ୍ଧକ ପାଇଁ ବିଦ୍ୟାଳୟକୁ ଯାଇ ପାଠପଢିବା ପାଇଁ ଉଚିତ ମଣୁନାହାନ୍ତି ଛାତ୍ରଛାତ୍ରୀ। କେବଳ ୨୦ ଛାତ୍ରାଛାତ୍ରୀ ଥିବା ବିଦ୍ୟାଳୟ ନୁହଁ ୩୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡିକ ମଧ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ରାଜ୍ୟ ସରକାର ବନ୍ଦ ପଡିଥିବା ବିଦ୍ୟାଳୟକୁ ପୁନଃ ଚାଲୁ କରିବା ଦିଗରେ ଦୃଷ୍ଟି ଦେବାକୁ ଦାବି କରୁଛନ୍ତି ଗ୍ରାମବାସୀ । ଅନ୍ୟପଟେ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ କାରଣରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହୋଇଛି । ଏପଟେ ଏହାକୁ ନେଇ ସର୍ବଦା ଚିନ୍ତାରେ ରହି ଆସୁଥିବା ଅଭିଭାବକଙ୍କ ଉପରେ ସରକାରଙ୍କ ଏହି ନିର୍ଦ୍ଦେଶାନାମା ବୋଝ ଉପରେ ନଳିତା ବିଡା ସାଜିଛି। ବ୍ଲକରେ ସବୁଦିନ ପାଇଁ ବନ୍ଦ ପଡିଥିବା ବିଦ୍ୟାଳୟ ଗୁଡିକ ପାଇଁ ବଢି ଚାଲିଛି ପିଲାଙ୍କ ଡ୍ରପ୍ ଆଉଟ ସଂଖ୍ୟା । ଫଳରେ ଗାଁରେ ବହୁ ପିଲାମାନେ ପାଠ ନପଢି ବିଭିନ୍ନ କାମରେ ନିୟୋଜିତ ହେଉଛନ୍ତି । ଯାହା ଫଳରେ ବ୍ଲକରେ ଏବେ ଭୁଷୁଡିବାରେ ଲାଗିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବୋଲି କହିଛନ୍ତି ଅଭିଭାବକ । ବିଦ୍ୟାଳୟରେ ଯେ କେବଳ ଶିକ୍ଷକ ସମସ୍ୟା ରହିଛି ତାହା ନୁହଁ ବ୍ଲକରେ ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସାଙ୍ଗକୁ ଡ୍ରପ୍ ଆଉଟ ପିଲାଙ୍କ ସଂଖ୍ୟା ବୃଦ୍ଧି ହେଉଛି । ତେବେ ଏହାର ବିଚାର କରି ତୁରନ୍ତ ବନ୍ଦ ପଡିଥିବା ବିଦ୍ୟାଳୟ ଗୁଡିକୁ ଖୋଲାଯିବା ଜରୁରୀ ହୋଇପଡ଼ିଛି ।

## ଭଙ୍ଗାପୋଲରେ ବିପଦସଙ୍କୁଳ ଯାତାୟତ



**ବରଗଡ଼,୭।୨(ସଂଚାର ବ୍ୟୁରୋ):** ସରକାର ବଦଳିଛି ବଦଳିଛନ୍ତି ଅଧିକାରୀ କିନ୍ତୁ ବଦଳିଲା ନାହିଁ ବରଗଡ଼ ଡୁମେରପାଲି ସେତୁର ଭାଗ୍ୟ । ବର୍ଷବର୍ଷ ଧରି ଭଙ୍ଗାଦଦରା ଅବସ୍ଥାରେ ପଡ଼ିରହିଛି ବ୍ରିଜ । ଆଉ ପ୍ରଶାସନ ପକ୍ଷରୁ ଖାଲି ଗାଡ଼ି ଚଳାଚଳ ନିଷେଧର ନାମଫଳ ଖାଇ ନିଜ କର୍ତ୍ତବ୍ୟ ସାରିଦେଇଛି ପ୍ରଶାସନ । ବିକଳ୍ପ ବ୍ୟବସ୍ଥା ନଥିବାରୁ ଏହ ଭଙ୍ଗା ପୋଲ ଦେଇ ଯାତୟାତ କରୁଛନ୍ତି ଲୋକେ । କଂକ୍ରିଟ ଛାଡ଼ି ଆଁ କରିଛି । ଲୁହା ଛଡ଼ ସବୁ ଦିଶୁଛି । ରାସ୍ତା ମଝିରେ ଫାଟ ହୋଇ, ବ୍ରିଜ ଦବି ବଙ୍କା ହୋଇଗଲାଣି । ବଡ଼ ବଡ଼ ଅକ୍ଷରରେ ଲେଖାହୋଇଛି, ଆଗରେ ବିପଦସଙ୍କୁଳ ପୋଲ ଏହି ରାସ୍ତାରେ ଗାଡ଼ି ଚଳାଚଳ ନିଷେଧ । ପ୍ରଶାସନର ସାଇନ୍‌ବୋର୍ଡକୁ ବେଖାତିର କରି ଲୋକେ ଗାଡ଼ି ଚଳାଚଳ କରୁଛନ୍ତି । ଡୁମେରପାଲି ସେତୁ । ବରଗଡ଼ ସହର ସହ ୬ ଖଣ୍ଡ ଗାଁକୁ ସଂଯୋଗ କରୁଛି । ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବେପାର ବଣିଜ ପାଇଁ ଶତାଧିକ ଲୋକଙ୍କ ପାଇଁ ଏକମାତ୍ର ବିକଳ୍ପ ଏହି ଭଙ୍ଗା ବ୍ରିଜ । ବର୍ଷ ବର୍ଷ ଧରି ସେତୁଟି ଏମିତି ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି । ଆଉ ଆମ ପ୍ରାଶାସନିକ ବାବୁଙ୍କ ସମାଧାନ ହେଉଛି, ସାଇନ୍‌ବୋର୍ଡ ମାରି ଛାଡ଼ିଦେଲେ ।ଅର୍ଥାତ, ଆମେ ସତର୍କ କରାଇଦେଲୁ, ଏବେ ତମେ ନିଜ କଥା ବୁଝ । ଡୁମେରପାଲି ସମେତ ୫ଟି ଗାଁର ଲୋକ ନିରୂପାୟ ହୋଇ ପ୍ରତିଦିନ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି । କେତବେଳେ ଭୁଶୁଡ଼ିପଡ଼ିବ କିଛି ଠିକଣା ନାହିଁ । ନୂଆ ବ୍ରିଜ୍ ପାଇଁ ସରକାରୀ ବାବୁ, ନେତା ମନ୍ତ୍ରୀଙ୍କୁ କେତେ ଗୁହାରି କଲେଣି। କିନ୍ତୁ କାହାରି ଦୃଷ୍ଟି ପଡୁନି । କ'ଣ ଖାଲି ସାଇନ୍‌ବୋର୍ଡରେ କର୍ତ୍ତବ୍ୟ ଶେଷ ହୋଇଗଲା ? କିଛି ଅଘଟଣ ଘଟିଲେ କିଏ ଦାୟିତ୍ୱ ନେବ, ନାମଫଳକ ନା ପ୍ରଶାସନ ? ଦୁର୍ଘଟଣା ହେବା ପରେ କାର୍ଯ୍ୟ କରିବା ବୋଧେ ପ୍ରଶାସନର ନୀତି ? ବ୍ରିଜ୍‌ର ଅବସ୍ଥା ଆଉ ପ୍ରଶାସନର ପଦକ୍ଷେପ ଦେଖି ତ' ସେଇଆ ହିଁ ଲାଗୁଛି ।

## ହାତୀ ହାବୁଡ଼ରେ ପଡିଲେ ବ୍ୟକ୍ତି, ମୁଣ୍ଡ-ଗଣ୍ଡି ଅଲଗା

**ନିରାକାରପୁର,୭।୨(ସଂଚାର ବ୍ୟୁରୋ):** ପୁଣି ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସେ ହେଲେ ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ସିକୋ ଖଡ଼ିପଦର ଗ୍ରାମର ଶଙ୍କର ରାଉତରାୟ(୪୫)। ସୂଚନାଅନୁସାରେ, ସେ ବହୁଦିନ ଧରି ବାହାର ରାଜ୍ୟରେ ରହୁଥିଲେ। ଏବେ କିଛି ଦିନ ହେଲା ଗାଁକୁ ଫେରି ସିକୋ ବଜାରରେ ବେପାର ବାଣିଜ୍ୟ କରିବା ପାଇଁ ଏକ ଦୋକାନ ନିର୍ମାଣ କାର୍ଯ୍ୟ କରି ଗତକାଲି ରାତିରେ ସିକୋରୁ ନିଜ ସାଇକେଲ ଯୋଗେ ଘରକୁ ଫେରୁଲେ। ଏହି ସମୟରେ ହାତୀ ହାବୁଡ଼ରେ ପଡିଯାଇଥିଲେ । ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଚନ୍ଦ୍ରିକାଙ୍କୁ ସମ୍ବର୍ଦ୍ଧିତ କଲା ମାହେଶ୍ୱରୀ ସେନା

**ସୁବର୍ଣ୍ଣପୁର,୭।୨(ସଂଚାର ବ୍ୟୁରୋ):** ରାଜ୍ୟ ଯୁବ ଉତ୍ସବ -୨୦୨୬ ରେ ବୀରମହାରାଜପୁର ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ର ଶେଷ ବର୍ଷ ଛାତ୍ରୀ ଚନ୍ଦ୍ରିକା କର୍ଣ୍ଣ ଦ୍ୱିତୀୟ ସ୍ଥାନ ଅଧିକାର କରି ଗୌରବ ଆଣି ଥିବାରୁ ମାହେଶ୍ୱରୀ ସେନା ସୁବର୍ଣ୍ଣ ପୁର ତରଫରୁ ତାଙ୍କ ରଥ ପୁରସ୍ଥିତ ମାମୁ ଘରେ ଉତ୍ସର୍ଗିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମାହେଶ୍ୱରୀ ସେନା ଜିଲ୍ଲା ସଭାପତି ସୁଧାଂଶୁ କର୍ଣ୍ଣ, ଜିଲ୍ଲା ଡୁମାଲ ପରିଷଦ କାର୍ଯ୍ୟ କାରିଣୀ ସଦସ୍ୟ ମୀନକେତନ ମହାକୁର, ପ୍ରଦ୍ୟୁମ୍ନ ମହାକୁର, ମଳୟ ଅମାତ, ପିଙ୍କୁ ଗାଇଗରିଆ, ଆଲୋକ କର୍ଣ୍ଣ, ଅଜିତ କର୍ମୀ, ବାଳମୁକୁନ୍ଦ କର୍ଣ୍ଣ ପ୍ରମୁଖ ଚନ୍ଦ୍ରିକା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ନିର୍ବାଚନ ଆୟୋଗ ତରଫରୁ ମତ ଦାତା ସଚେତନତା ସ୍ଲୋଗାନ ଓ ରିଲସ କାର୍ଯ୍ୟ କ୍ରମ ରେ ଯୋଗ ଦେଇ ପୁରସ୍କୃତ ହୋଇ ଥିବାରୁ ବିରମହାରାଜ ପୁର ଅଞ୍ଚଳ ର ବୁଦ୍ଧିଜୀବୀ ମହଲରେ ଚନ୍ଦ୍ରିକା ବେଶ୍ ପ୍ରଶଂସିତ ହୋଇଛନ୍ତି।

## ବିଦ୍ୟାଳୟର ଉନବିଂଶ ବାର୍ଷିକ ଉତ୍ସବ



**ବୈଶିଙ୍ଗା,୭।୨(ସଂଚାର ବ୍ୟୁରୋ):** ଶୁକ୍ରବାର ବେତନଟୀ ବ୍ଲକ ଅଧିନସ୍ଥ ଖଇରବଣି ଆଶ୍ରମ ବିଦ୍ୟାଳୟ ରେ ପାଳିତ ହୋଇଛି ଉନ୍ନବିଂଶ ବାର୍ଷିକ ଉତ୍ସବ । ମୁଖ୍ୟ ଅତିଥି ଭାବରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ର ବିଧାୟକ ଉତ୍ସବକୁ ସମ୍ବୋଧିତ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରଚରଣ ମଲ୍ଲିକ ପିଲାମାନଙ୍କୁ ଭଲ ମଣିଷ ହେବାର ଉପଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ପ୍ରଫୁଲ୍ଲ କୁମାର ସେଠୀ, ସୁଶ୍ରୀ ସ୍ମୃତିଲିପି ସାହୁ, ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗୁର୍ଭା ମାଝୀ ମଂଚାସୀନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଅନେକ ଉପାଦେୟ ଉପଦେଶ ଦେଇଥିଲେ । ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା ମହୋଦୟ ଙ୍କୁ ଏହି ବର୍ଣ୍ଣାଢ଼୍ୟ ଉତ୍ସବ ରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ପୁରାତନ ଛାତ୍ର ଲଳିତ କୁମାର ମହାନ୍ତ ଓ ଶିକ୍ଷୟିତ୍ରୀ ସବିତା ଦାସ ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କର ଚିତ୍ତାକାର୍ଷକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କର ମନ ମୋହିଥିଲା । ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ।

## ମାଟି ଘରକୁ ଦିଆଯାଉଛି ନୂଆ ରୂପ

**ଦାରିଙ୍ଗବାଡି,୭।୨(ସଂଚାର ବ୍ୟୁରୋ):** ଜୀବନରେ ସମସ୍ତଙ୍କ ସ୍ୱପ୍ନ ଥାଏ ଭଲ ଘର ଟିଏ କରି ପରିବାର ସହ ସୌଖିନ ଜୀବନଯାପନ କରିବାକୁ। ଏହି ସ୍ୱପ୍ନ କାହାର ପୂରଣ ହୁଏତ ଆଉ କାହାକୁ ଏଥିପାଇଁ ସଂଘର୍ଷ କରିବାକୁ ପଡିଥାଏ। ଆଉ କିଛି ଲୋକ ସେ ସ୍ୱପ୍ନ ପୂରଣ କରିବାକୁ ସାରା ଜୀବନ ବିତାଇଥିଲେ ମଧ ସ୍ୱପ୍ନ କେବଳ ସ୍ୱପ୍ନରେ ଅଟକି ଯାଇଥାଏ। ହେଲେ ଏମିତି ଏବେ ମଧ ଦେଖିବାକୁ ମିଳୁଛି, ସେଇ ପୁରୁଣା ମାଟି କାନ୍ଥରେ ତିଆରି ହୋଇଥିବା ଘର କେବଳ ବଦଳିଯାଇଛି। ଚାଳ ଛପର ବଦଳରେ ଆଜିବେଷ୍ଟସ। ଏହାର ମଧ ଅନେକ କାରଣ। ସେଥିମଧ୍ୟରୁ ଗୋଟିଏ ହେଉଛି ଆଉ ଛଣ ମିଳୁନାହିଁ। ତେଣୁ ଲୋକେ ବାଧ ହୋଇ ପକାଉଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ



ଏବେ ମଧ ଗାଁ ଗାଁରେ ମାଟି କାନ୍ଥ ଓ କାଠ ପଟାରେ ଗୃହ ରହିଛି। ତାକୁ କିଛି ଦିନ ବ୍ୟବଧାନରେ ମାଟି ଦେଇ ମରାମତି କରାଯିବା ସହ ଲାଲ ରଙ୍ଗର ମାଟିକୁ ବତୁରାଇ ସେଥିରେ ଗୋବର କାଠ ଅଙ୍ଗାର ଦେଇ ରଙ୍ଗ ବେରଙ୍ଗ କରି ଲିପାଯାଇଥାଏ। ବିଶ୍ୱାସ ରହିଛି, ଗୋବର ଓ ଏହି ଲାଲ ମାଟିରେ ଲିପାଯିବା ଦ୍ୱାରା କୌଣସି ଜୀବାଣୁ, ଭୁତାଣୁ ଘରକୁ ଆକ୍ରମଣ କରିବ ନାହିଁ। ଘର ସୁନ୍ଦର ଓ ସ୍ୱଚ୍ଛ ଦେଖାଯିବା ସହ ଏହାର ପରିବେଶ ଅତି ସୁନ୍ଦର ଦିଶିବ। ତେଣୁ ଏଭଳି ଘରେ ଜୀବନ ବିତାଇବା ଦ୍ୱାରା ଅନେକ ନିରୋଗ ରହିବା ସହ ଶୀତ ତାପ ନିୟନ୍ତ୍ରଣ ମଧ ରହୁଥିବା କୁହାଯାଉଛି।

## ଲୋକମେଳା ଉଦ୍‌ଘାଟିତ

**ବୈଶିଙ୍ଗା,୭।୨(ସଂଚାର ବ୍ୟୁରୋ):** ମା କାଳ କୁଆଁରୀ ଯୁବକ ସଂଘ, ଛତର ଆନୁକୁଲ୍ୟରେ ଫେବୃଆରୀ ୭ ଏବଂ ୮ ତାରିଖ ଦୁଇ ଦିନ ଧରି ୩୧ ତମ ଲୋକ ମେଳା ମହୋତ୍ସବ ପାଳନ କରାଯାଉଛି।ପ୍ରଥମ ଦିନରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ, ବୈସିଙ୍ଗା ତରଫରୁ ସମ୍ପାଦକ ଅଶ୍ୱିନୀ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ୧୧ ଘଟିକା ସମୟରେ ଫୁଟବଲ ପ୍ରତିଯୋଗିତା ର ଫିତା କାଟି ଶୁଭ ଉଦଘାଟନ କରିଥିଲେ। ସ୍ଥାନୀୟ ସନ୍ତରା ଗ୍ରାମ ପଞ୍ଚାୟତ ର ସରପଞ୍ଚ ମହୋଦୟା ଶ୍ରୀମତୀ ଲକ୍ଷ୍ମୀ ହାଁସଦା ଉପସ୍ଥିତ ହୋଇ ଫୁଟବଲ ଖେଳାଳୀ ମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରାଇ ଥିଲେ।ଆଦିବାସୀ ସଂପ୍ରଦାୟର ଯୁବକ ମାନେ ଖେଳ ପରିଚାଳନା କରୁଛନ୍ତି। ଆଜି ଫାଇନାଲ ଖେଳ ହୋଇ ଜୟ ଲାଭ କରିଥିବା ଫୁଟ ବଲ୍ ଟିମ୍ କୁ ପୁରସ୍କୃତ କରାଯାଇଥିଲା।

## ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ମଇଳା ଆବର୍ଜନା ସଂଗ୍ରହ ଯାନ ଶୁବାରମ୍ଭ



**କଳାହାଣ୍ଡି,୭।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ଆଜି ୫ ଗୋଟି ନୂତନ ମଇଳା ଆବର୍ଜନା ସଂଗ୍ରହ ଯାନ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ଯାଇଛି।ପୂର୍ବରୁ ଏହି ପରିଷଦ ରେ ୩ ଗୋଟି ଯାନ ଥିବା ବେଳେ ସହର ବିଭିନ୍ନ ୱାର୍ଡ ରୁ ଆବର୍ଜନା ସଂଗ୍ରହ ପାଇଁ ଭାରି ଅସୁବିଧା ଦେଖାଯାଉ ଥିଲା।ଯାହା ଫଳରେ ମଇଳା ଆବର୍ଜନା ଉଠାଇବା ତ୍ୱରିତ ରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଥିଲା।ସୂଚନା ଅନୁସାରେ ୬୦୦ ଘର ର ଆବର୍ଜନା ଉଠାଇବା ପାଇଁ ଗୋଟିଏ ଯାନ ଦରକାର ଥିବା ୩ ଗୋଟି ଗାଡି ଆବର୍ଜନା ଉଠାଇବା ପାଇଁ ଥିଲେ ମଧ ସହର ବାସୀଙ୍କ ପାଇଁ ନିଅଣ୍ଟ ଥିଲା। ଏହାକୁ ଦୃଷ୍ଟି ରେ ରଖି ଆହୁରି ୫ ଗୋଟି ଗାଡି ଆଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରୁ ଦିଆ ଯାଇଛି। ଏହି ଲୋକାର୍ପଣ ରେ ଧର୍ମଗଡ଼ ବିଧାୟକ ଙ୍କ ସହ ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ନିର୍ବାହୀ କାର୍ଯ୍ୟ ଅଧିକାରୀ ବିଶ୍ୱମ୍ବର ମିଶ୍ର, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ହିସାବ ରକ୍ଷକ ହିମାଂଶୁ ରଣା, ବରିଷ୍ଠ କିରାଣୀ ରବୀନ୍ଦ୍ର ପରିଡା ସମେତ ସବୁ ୱାର୍ଡ ର କାଉନସିଲର ଓ ବିଭିନ୍ନ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଘର; ସମସ୍ତ ଆସବାବ ପତ୍ର ପାଉଁଶ ହୋଇଗଲା



**ବୈଶିଙ୍ଗା,୭।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ଦହିକୋଟୀ ପଞ୍ଚାୟତ ର ଆଗଡ଼ା ଗ୍ରାମରେ ଶନିବାର ଅପରାହ୍ନ ରେ ଅଗ୍ନିକାଣ୍ଡ ଘଟିବା ଫଳରେ ପ୍ରାୟ ଦୁଇ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘର ମାଲିକ ଯୁଗେଶ୍ୱର ଗାଆଣ ଘରେ ନଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା।, କିଭଳି ନିଆଁ ଲାଗିଲା ଏହାର କାରଣ ଜଣାପଡ଼ିନାହିଁ। ଖବର ପାଇ ବେତନଟୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ କୌଣସି ଆସବାବ ପତ୍ର ରକ୍ଷା ପାଇନଥିଲା।ଯୁଗେଶ୍ୱର ଙ୍କ ଘର ପୋଡିଯିବା ଫଳରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନଥିବାରୁ ପ୍ରବଳ ଥଣ୍ଡାରେ କେଉଁଠି ମୁଣ୍ଡ ଗୁଞ୍ଜିବେ ତାହା ଆଲୋଚ୍ୟ ବିଷୟ ପାଲଟିଛି। ତାଙ୍କୁ ଯଥା ଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ମହିଳା

**ମୋରଡ଼ା,୭।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ନୂଆଗାଁସ୍ଥିତ ହରପ୍ରସାଦ ଶିକ୍ଷା ସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହୋଇଛି।

ଏହା ବିରୋଧରେ ଗ୍ରାମର ମହିଳାମାନେ ଶନିବାର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଅଭିଯୋଗ ମୁତାବକ, ନୂଆଗାଁସ୍ଥିତ ହରପ୍ରସାଦ ଶିକ୍ଷା ସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ବାଟିକା ନିମନ୍ତେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥି ପାଇଁ ଉକ୍ତ ଗ୍ରାମର ୧୫ଜଣ ମହିଳା ଆବେଦନ କରିଥିଲେ।

ଫେବୃୟାରୀ ୩ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ପ୍ରଧାନଶିକ୍ଷକ କୁଳମଣି ଭୋଇଙ୍କ ଉପସ୍ଥିତିରେ ଶିଶୁ ସେବିକା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧକ୍ଷ ସତ୍ୟବାନ ମହାନ୍ତଙ୍କ ସ୍ତ୍ରୀ ବବିତା ମହାନ୍ତଙ୍କୁ ବେଆଇନ ଭାବେ ଶିଶୁ ସେବିକା ଭାବେ ଚୟନ କରାଯାଇଥିବା ଗ୍ରାମର ମହିଳା ପ୍ରଣତି ମହାନ୍ତ, ଲଳିତା ମହାନ୍ତ, ସେବତୀ ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ, ଅଙ୍କିତା ମହାନ୍ତ ଅଭିଯୋଗ କରିଛନ୍ତି।

କେମିତି ବବିତାଙ୍କୁ ଚୟନ କରାଗଲା ବୋଲି ପୂର୍ବରୁ ପ୍ରଧାନଶିକ୍ଷକଙ୍କୁ ଏବାବଦରେ ପଚାରିବାରୁ ପ୍ରଧାନଶିକ୍ଷକ କେବଳ ଏକ ମାଧମ ମାତ୍ର କହି କଥାକୁ ଏଡ଼ାଇ ଦେଇଥିଲେ।

## 'ଭଲ ପାଠ ପଢ଼ି ସୁନାମ ଆଣନ୍ତୁ ଛାତ୍ରୀଛାତ୍ର'

**ଦିଗପହଣ୍ଡି,୭।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ବୀଣାପାଣି ନର୍ସରୀ ସ୍କୁଲର ୩୯ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏନ୍‌ଏସି ଅଧକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲର ଛାତ୍ରୀଛାତ୍ର ଭଲ ପାଠ ପଢ଼ି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ସହ ଅନୁଷ୍ଠାନର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ)ର ରାଜ୍ୟ ସାଧାରଣ ସମ୍ପାଦକ ହରପ୍ରସାଦ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥିବା ଏହି ସ୍କୁଲ ସମଗ୍ର ଅଞ୍ଚଳରେ ସୁନାମ ଅର୍ଜନ କରିଥିବା କହିଥିଲେ। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ଶଙ୍କର ନାରାୟଣ ବେଜ, ସିଆରସିସି ଅନିଲ କୁମାର ଦାସ ଏବଂ ଅଳକା କୁମାରୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।